

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୨୦୫ ଭୁବନେଶ୍ୱର ଶନିବାର, ଅପ୍ରେଲ୍ ୧୨.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.205 Bhubaneswar, Saturday, April 12, 2025


# ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର ,୧୧/୪: ଓଡିଶା ବିକାଶ ଇତିହାସରେ ଯୋଡିହୋଇଛି ଏକ ନୂଆ ଫର୍ଦ୍ଦ। ଆରମ୍ଭ ହୋଇଛି ବହୁ ପ୍ରତିକ୍ଷିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି କଟକର ବାଲିଯାତ୍ରା ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଯୋଜନା ଏକ ଇନସୁରାନ୍‌ସ ନୁହେଁ ଏହା ହେଉଛି ଏକ ଆସ୍ୟୁରାନ୍‌ସ । ଏହା ପୃଥିବୀର ସବୁଠାରୁ ବୃହତ୍ତମ ଯୋଜନା । ବର୍ତ୍ତମାନ ସୁଦ୍ଧା ଏଥିରେ ୮କୋଟି ୯୦ ଲକ୍ଷ ଲୋକ ଉପକୃତ ହୋଇସାରିଛନ୍ତି । ନିର୍ବାଚନ ସମୟରେ ଆମେ ଏହାକୁ ଲାଗୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ ଏବଂ ଏହାକୁ ଆଜି ଲାଗୁ ମଧ କଲୁ । ଓଡିଶା ଲୋକମାନେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇଛନ୍ତି। ତେଣୁ, ଓଡିଶାରେ ଏହି ଯୋଜନା ଲାଗୁ ହୋଇପାରିଲା । ଏହାଦ୍ୱାରା ଲୋକମାନେ ଆର୍ଥିକ ସ୍ତରରେ ଲାଭବାନ ହୋଇପାରିବେ ବୋଲି ସେ କହିଛନ୍ତି । ଓଡିଶାରେ ଶାସନ ଭାର ଗ୍ରହଣ କରିବାର ମାତ୍ର ୧୦ ମାସ ମଧ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିବାରୁ ଶ୍ରୀ ନଡ୍ଡା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଦେବା ସହିତ ଟିବି ନିରାକରଣ ଦିଗରେ ଓଡିଶା ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି କହିଥିଲେ । ଏହି ଅବସରରେ ସେ ଅଧିକରୁ ଅଧିକ ହିତାଧିକାରୀ କିପରି ଏହି ଯୋଜନାରେ ସାମିଲ ହୋଇ ପାରିବେ ଏବଂ କାର୍ଡ ବନାଇବେ ସେଥିନେଇ ସଚେତନ କରିବାକୁ ପ୍ରତି ଘରୁକୁ ଯିବା ପାଇଁ ସେ ବିଧାୟକ ମାନଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରି କହିଲେ ଯେ ଓଡିଶା ବିକାଶ ଇତିହାସରେ ଆଜି ଆଉ ଏକ ଅଧ୍ୟାୟ ଯୋଡିହୋଇଛି। ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ପ୍ରାୟ ୬ ବର୍ଷ ହେଲା ରାଜନୈତିକ କାରଣରୁ ରାଜ୍ୟବାସୀଙ୍କୁ ବଞ୍ଚିତ କରାଯାଇଥିବା ଏହି ଐତିହାସିକ ଯୋଜନା ଆଜି ଆରମ୍ଭ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସାମାଜିକ ଓ ଆର୍ଥିକ ପ୍ରଗତିର ଏକ ମୂଳଭିତ୍ତି। ଶାରୀରିକ ଓ ମାନସିକ ସୁସ୍ଥତା ନାଗରିକମାନଙ୍କୁ କାର୍ଯ୍ୟକ୍ଷମ, ଆତ୍ମବିଶ୍ୱାସୀ ଓ ସ୍ୱାଭିମାନୀ କରିବ; ଏବଂ ସ୍ୱାଭିମାନୀ ନାଗରିକମାନେ ହିଁ ସମୃଦ୍ଧିର ସ୍ୱପ୍ନକୁ ସାକାର କରିବେ। ଏହି ସତ୍ୟକୁ ଅନୁଭବ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ସାରା ଦେଶରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଦୂରଦର୍ଶୀ ଯୋଜନାରୁ ଲାଭ ପାଇଥିବା କୋଟି କୋଟି ଜନତା ସେମାନଙ୍କ ଆଶୀର୍ବାଦ ଏବଂ ଆଶିଷ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ଧନ୍ୟବାଦ ଜ୍ଞାପନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସମାନ ଭାବେ ଦିଲ୍ଲୀର ଜନ ସାଧାରଣଙ୍କୁ ମଧ ବଞ୍ଚିତ କରାଯାଇଥିବା ଏହି ଯୋଜନା, ଗତକାଲିଠାରୁ ଲାଗୁ ହୋଇସାରିଛି। ଏହା ହେଉଛି ଡବଲ ଇଞ୍ଜିନ ସରକାରର ମଡେଲ। ଏଥିରେ ବିକାଶର ଗତି ଦୁଇଗୁଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଅର୍ଥ କେବେ ବାଧକ ହେବ ନାହିଁ । ଏହି ଯୋଜନାରେ ଆଜି ରାଜ୍ୟର ପ୍ରାୟ ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୪୬ ଲକ୍ଷ ହିତାଧିକାରୀ ଉପକୃତ ହେବେ। ପ୍ରତି ପରିବାରଙ୍କୁ ସରାଦେଶର ବିଭିନ୍ନ ରାଜ୍ୟରେ ତାଲିକାଭୁକ୍ତ ୨୯ ହଜାର ଘରୋଇ ଏବଂ ସରକାରୀ ହସ୍‌ପିଟାଲରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ । ପରିବାରର ମହିଳା ସଦସ୍ୟମାନଙ୍କ ପାଇଁ ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ । ଏହାଛଡ଼ା, ୭୦ ବା ତା'ଠୁ ଅଧିକ ବୟସ୍କ ବରିଷ୍ଠ ନାଗରିକମାନଙ୍କୁ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ପରିବାର ପିଛା ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ମିଳିବ । ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ପ୍ରାୟ ୨୩ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ଉପକୃତ ହେବେ । ପୂର୍ବରୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଥିବା ବୟୋଜ୍ୟେଷ୍ଠ ଲୋକଙ୍କ ସହିତ ଅତିରିକ୍ତ ଛ ଲକ୍ଷ ଲୋକ କାର୍ଡ ପାଇବେ। ଏ ସମସ୍ତ ମିଳିତ ଯୋଜନାରେ ୩କୋଟି ୫୨ଲକ୍ଷ ଲୋକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ପରିବାର ନୁହେଁ, ସମନ୍ୱିତ ଯୋଜନାରେ ପରିବାରର ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଗୋଟିଏ ଲେଖାଏ ଏକକ କାର୍ଡ । ସେ କହିଥିଲେ ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବାବଦରେ ଓଡ଼ିଶା ସରକାର ୬୦:୪୦ ଅନୁପାତରେ କେନ୍ଦ୍ରୀୟ ଅଂଶଧନ ପାଇବେ। ରାଜ୍ୟ ସରକାର ମଧ ଏଥିପାଇଁ ଯଥେଷ୍ଟ ବ୍ୟୟ ବରାଦ କରିଛନ୍ତି। ସେ ପୁଣି କହିଲେ ଯେ, ଆଜିକାଲି ଅନେକ ପରିବାରର ସଦସ୍ୟ ଚାକିରି ହେଉ କିମ୍ବା ପାଠ ପଢ଼ିବା ପାଇଁ ପରିବାର ବାହାରେ ରହୁଛନ୍ତି। ଏମିତି ବି ପରିବାର ଅଛନ୍ତି ଯାହାର ସଦସ୍ୟମାନେ ଦୁଇରୁ ଅଧିକ ସ୍ଥାନରେ ରହୁଛନ୍ତି। ତେଣୁ, ସେମାନଙ୍କୁ ଏହି ସ୍ୱାସ୍ଥ୍ୟସେବା ପାଇବା ପାଇଁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଅନେକ କ୍ଷେତ୍ରରେ ଦେଖା ଯାଇଛି ଯେ ଆର୍ଥିକ ଅନାଟନ ଯୋଗୁଁ, ସନ୍ତାନ ସନ୍ତତିମାନେ ନିଜ ପିତାମାତାଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି, ଏବଂ ଅଣଦେଖା ମଧ କରିଥାନ୍ତି। ଆଜି ଠାରୁ ପରିବାରର ବରିଷ୍ଠ ନାଗରିକଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରାଇବା ପାଇଁ ସେମାନଙ୍କୁ ଚିନ୍ତା କରିବାକୁ ପଡ଼ିବ ନାହିଁ। ଏସବୁ ମୂଳରେ ଗୋଟିଏ ଲକ୍ଷ୍ୟ, ସାଧାରଣ ଜନତାଙ୍କ ଜୀବନକୁ ଅଧିକ ସ୍ୱଚ୍ଛନ୍ଦ, ସାବଲୀଳ କରିବା ଏବଂ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା। ଆମ ସରକାର ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ସ୍ୱପ୍ନକୁ ସାକାର କରିବେ ଏବଂ ତା'ର ବହୁ ପୂର୍ବରୁ ଓଡ଼ିଶାର ଜନ ସାଧାରଣଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଆଜି ଏହି ଅବସରରେ କଟକରେ ସାତ ମହଲା ବିଶିଷ୍ଟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍‌ସ ବା ଶିଶୁ ଭବନର ନୂଆ ବିଲଡିଙ୍ଗ ଓ ଡାକ୍ତରମାନଙ୍କ ପାଇଁ ହଷ୍ଟେଲର ଉଦ୍‌ଘାଟନ କରାଯାଇଛି। ଏହି ନୂଆ ବିଲ୍‌ଡିଙ୍ଗରେ ଶଯ୍ୟା ସଂଖ୍ୟା ୪୨୨ରୁ ୮୪୬କୁ ବୃଦ୍ଧି ହୋଇଛି । ଏଥିରେ ୧୪୦ଟି ICU ବେଡ୍ ରହିଛି। ହଷ୍ଟେଲରେ ପ୍ରାୟ ୧୮୦ ଜଣ ରେସିଡେଣ୍ଟ ଡାକ୍ତର ରହିପାରିବେ। ଏହା ସହିତ ଭୁବନେଶ୍ୱରର ରାଜ୍ୟ ମେଡିକାଲ କର୍ପୋରେସନ କ୍ୟାମ୍ପସ୍‌ରେ ଏକ ମାଇକ୍ରୋ-ବାୟୋଲୋଜିକାଲ୍ ଲାବୋରେଟୋରୀର ମଧ ଉଦ୍‌ଘାଟନ କରାଯାଇଛି। ଏହା ଦ୍ୱାରା ଖାଦ୍ୟ ଓ ପାଣି ସାମ୍ପଲ ଗୁଡିକର ପରୀକ୍ଷା କରାଯାଇ, ତା'ର ମାନ ନିର୍ଦ୍ଧାରଣ କରାଯାଇ ପାରିବ । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ କହିଥିଲେ, ଆମ ସରକାର ଲୋକଙ୍କ ପାଇଁ କାମ କରେ। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟର ଆଦିବାସୀ ସମ୍ପ୍ରଦାୟର ସବୁଠାରୁ ଅଧିକ ଲୋକ ଉପକୃତ ହୋଇପାରିବେ ବୋଲି ସେ ମତ ଦେଇଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ ଯେ, ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ସାରା ଭାରତବର୍ଷରେ କାଶ୍ମୀରଠୁ ନେଇ କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ଓଡିଶାର ଲୋକମାନେ ଚିକିତ୍ସା ସେବା ପାଇ ପାରିବେ ବୋଲି ସେ କହିଥିଲେ । ଏହି ଅବସରରେ କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ, କେନ୍ଦ୍ରାପଡା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ଏବଂ ଜଗତସିଂହପୁର ସାଂସଦ ଶ୍ରୀ ବିଭୁପ୍ରସାଦ ତରାଇ ପ୍ରମୁଖ ଆୟୁଷ୍ମାନ ଭାରତ ଯୋଜନା ଓଡିଶାର ଲୋକମାନଙ୍କ ପାଇଁ କିପରି ଉପାଦେୟ ହୋଇପାରିବ ସେ ସମ୍ପର୍କରେ ନିଜ ନିଜର ଅଭିଭାଷଣ ରଖିଥିଲେ ।





## ୩ ମାସ ମଧ୍ୟରେ ସବୁ ଓଡ଼ିଆ ପରିବାରଙ୍କ ପାଖରେ ପହଞ୍ଚିବ 'ଆୟୁଷ୍ମାନ ଭାରତ' କାର୍ଡ

କଟକ,୧୧/୪: ଓଡ଼ିଶାର ବିକାଶ ଇତିହାସରେ ଆଜି ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ରାଜ୍ୟର ୧ କୋଟି ୩ ଲକ୍ଷ ପରିବାର ପାଇଁ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା' ଲାଗୁ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ କାର୍ଡ ଓଡ଼ିଶା ସହିତ ରାଜ୍ୟ ବାହାରେ ଥିବା ୨୯ ହଜାର ଡାକ୍ତରଖାନାରେ କାମ କରିବ। ଏହି କାର୍ଡଗୁଡ଼ିକ ଆଗାମୀ ୩ ମାସ ମଧ୍ୟରେ ସମସ୍ତଙ୍କର ପାଖରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କଟକ ବାଲିଯାତ୍ରା ତଳପଡ଼ିଆରେ ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ୬ ବର୍ଷ ଆଗରୁ ଲାଗୁ ହେବାର ଥିଲା। କିନ୍ତୁ ତତ୍କାଳୀନ ସରକାର ଏହାକୁ ଲାଗୁ କରିନଥିଲେ। ରାଜ୍ୟରେ ନୂଆ ସରକାର ଆସିବାର ବର୍ଷେ ନପୁରୁଣୁ ପରେ ଏହି ଯୋଜନା ଲାଗୁ ହୋଇପାରିଛି। ଏଥି ସହିତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ମଧ ଆରମ୍ଭ ହୋଇଯାଇଛି। ଓଡ଼ିଶା ବାହାରେ ରହୁଥିବା ଓଡ଼ିଆ ଲୋକମାନେ ମଧ ଏହି ଯୋଜନାରୁ ଲାଭବାନ ହେବେ। ଏହା ପୁଣି ନିଃଶୁଳ୍କ ମାଧ୍ୟମରେ। ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶା, ଦିଲ୍ଲୀ ସମେତ ଦେଶର ୩ଟି ରାଜ୍ୟରେ ଲାଗୁ ହୋଇପାରି ନଥିଲା। ଏବେ ମୋଦୀ ସରକାର ଓଡ଼ିଶା ଓ ଦିଲ୍ଲୀରେ ଲାଗୁ କରିଛନ୍ତି। ଡବଲ ଇଂଜିନ ସରକାର ବିକାଶର ଗତିକୁ ବଢ଼ାଇ ପାରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧୦ ମାସ ମଧ୍ୟରେ ୪୦୦୦ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ଆହୁରି ୫୩୭୪ ଡାକ୍ତରଙ୍କୁ ନିଯୁକ୍ତି ମିଳିବ। ସ୍ୱାସ୍ଥ୍ୟ ହିଁ ସଂପଦ। ଏହାକୁ ଲକ୍ଷ୍ୟରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଆୟୁଷ୍ମାନ ଭାରତ ଯୋଜନା'ର ଶୁଭାରମ୍ଭ କରିଥିଲେ। ଗରିବ ଲୋକଙ୍କୁ କିଭଳି ଉପଯୁକ୍ତ ଚିକିତ୍ସା ଦିଆଯାଇପାରିବ, ତାହା ହିଁ ଲକ୍ଷ୍ୟ ରଖାଯାଇଥିଲା। ରାଜ୍ୟର ୨୩ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଏହି କାର୍ଡ ପରିବାରର ଜଣେ ବ୍ୟକ୍ତିଙ୍କୁ ଦିଆଯାଉନାହିଁ। ବରଂ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି କାର୍ଡ ଦିଆଯାଉଛି। ରାଜ୍ୟରେ ଆଗାମୀ ଦିନରେ ଭଦ୍ରକ, ଜଗତସିଂହପୁର, ନବରଂଗପୁର ଓ ଢେଙ୍କାନାଳ ଜିଲ୍ଲାରେ ମେଡିକାଲ କଲେଜ ହେବ। ସେହିପରି ଅନ୍ୟ ୪ଟି ଜିଲ୍ଲରେ ଡେଣ୍ଟାଲ କଲେଜ ପ୍ରତିଷ୍ଠା କରାଯିବ। ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱପୂର୍ଣ୍ଣ ମନେ କରୁଛନ୍ତି।

## ୪ଟି ଜିଲ୍ଲାରେ ପ୍ରତିଷ୍ଠା ହେବ ନୂଆ ମେଡିକାଲ କଲେଜ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧/୪: ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଜନସାଧାରଣଙ୍କ ଚିକିତ୍ସା ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ରାଜ୍ୟରେ ଚିକିତ୍ସା ସେବା ବ୍ୟବସ୍ଥା ଆହୁରି ଅଧିକ ମଜବୁତ ହେବ। ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ରାଜ୍ୟରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ' ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏହା କହିଛନ୍ତି। କଟକ ତଳବାଲିଯାତ୍ରା ପଡ଼ିଆରେ ଆୟୋଜିତ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା'ର ଶୁଭାରମ୍ଭ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ୪ଟି ନୂଆ ମେଡିକାଲ କଲେଜ୍ ପ୍ରତିଷ୍ଠା ପାଇଁ ଚଳିତ ବର୍ଷ ବଜେଟରେ ବ୍ୟୟ ବରାଦ ହୋଇଛି। ଖୁବଶୀଘ୍ର ନବ ନିର୍ମିତ ୨ଟି ମେଡିକାଲ କଲେଜର ମଧ ଶୁଭ ଉଦ୍‌ଘାଟନ କରାଯିବ। ଡାକ୍ତରଖାନାରେ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଗତ ୧୦ ମାସ ଭିତରେ ରାଜ୍ୟରେ ପର୍ଯ୍ୟାୟ କ୍ରମେ ଖାଲିଥିବା ଡ଼ାକ୍ତର, ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯାଉଛି। ବିଗତ ଦିନରେ ତିନିଟି ପର୍ଯ୍ୟାୟରେ ୪ ହଜାର ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ଆହୁରି ୫ ହାଜର ୩୭୪ ଡାକ୍ତର, ଦନ୍ତ ଚିକିତ୍ସକ ପଦବି ପୂରଣ ପାଇଁ ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର ଏହି ପଦବି ଗୁଡିକରେ ନିଯୁକ୍ତି ଦିଆଯିବ। ଏବେ ରାଜ୍ୟରେ ୧୨ଟି ମେଡିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହେଉଛି। କିଛି ଦିନ ମଧ୍ୟରେ ଆଉ ୨ଟି ମେଡିକାଲ କଲେଜର ଶୁଭ ଉଦ୍ଘାଟନ ହୋଇଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଏକ ଐତିହାସିକ ଦିନ। ଓଡ଼ିଶାର ବିକାଶ ଇତିହାସରେ ଆଜି ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଛି। ୬ ବର୍ଷ ପୂର୍ବରୁ ରାଜନୈତିକ କାରଣରୁ ଆୟୁଷ୍ମାନ ଭାରତ ଯୋଜନା ଗତ ସରକାର ଲାଗୁ କରିନଥିଲେ। କିନ୍ତୁ ରାଜ୍ୟରେ ନୂଆ ସରକାର ଆସିବା ପରେ ଆଜି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଛି। ଓଡ଼ିଶା ବାହାରେ ମଧ ଏବେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ଓଡ଼ିଆ ଲୋକ। ସରକାରୀ ଓ ବେସରକାରୀ ମେଡିକାଲରେ ସେବା ମିଳିବ। ୩ଟି ରାଜ୍ୟରେ ଲାଗୁ ହୋଇନଥିଲା ଆୟୁଷ୍ମାନ ଭାରତ ଯୋଜନା। ଗତକାଲି ଦିଲ୍ଲୀରେ ଲାଗୁ ହେଲା ଏବଂ ଆଜି ଓଡ଼ିଶାରେ ଲାଗୁ ହୋଇଛି।



## ବିନା ପାଉଣାରେ ଶ୍ରୀକ୍ଷେତ୍ରରେ କରିପାରିବେ ନାହିଁ ଠାକୁରଙ୍କ ଦର୍ଶନ

ପୁରୀ,୧୧/୪: ମୋଗଲ ଶାସନ ସମୟରେ ଦିଅଁ ଦର୍ଶନ ପାଇଁ ଭକ୍ତଙ୍କଠାରୁ ଜିଜିଆ କର ଆଦାୟ ପରି ଏଣିକି ଶ୍ରୀକ୍ଷେତ୍ରରେ ଠାକୁରଙ୍କୁ ଦର୍ଶନ ପାଇଁ ଭକ୍ତଙ୍କଠାରୁ ମାହାସୁଲ ଆଦାୟ ହେବ। ବିନା ପାଉଣାରେ ଭକ୍ତମାନେ ଠାକୁରଙ୍କ ଦର୍ଶନ କରିପାରିବେ ନାହିଁ। ପୁରୀସ୍ଥିତ ଦରିଆ ମହାବୀର ମନ୍ଦିରରେ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି। ଦେବୋତ୍ତର କମିଶନର ଦରିଆ ମହାବୀର ମନ୍ଦିରରେ ଦର୍ଶନ ନିମନ୍ତେ ଟିକଟ ବ୍ୟବସ୍ଥା କରିବା ଓ ଏଥିପାଇଁ ଠିକା ସଂସ୍ଥାକୁ ନିଯୁକ୍ତି ଦେବାକୁ ନିଲାମ ଡ଼ାକିବାକୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କିଛିଦିନ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପୀଠରେ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଉପରେ ଟିକଟ ବୋଝ ଲଦିଥିବାବେଳେ ଏବେ ଦେବୋତ୍ତର କମିଶନର ଅନୁରୂପ ନିର୍ଦ୍ଦେଶ ଦେବା ଲୋକଙ୍କ ମନରେ ରୋଷ ସୃଷ୍ଟି କରିଛି । ଡବଲ ଇଞ୍ଜିନ୍ ସରକାର ରାଜ୍ୟବାସୀଙ୍କଠାରୁ 'ଅସ୍ମିତା' ଟିକସ ଆଦାୟ କରିବ ବୋଲି ଲୋକମାନେ ଏବେ କଟାକ୍ଷ କରିବା ଆରମ୍ଭ କରିଛନ୍ତି । ପୁରୀ ଆସୁଥିବା ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଶ୍ରୀକ୍ଷେତ୍ରର ବିଭିନ୍ନ ମଠ, ମନ୍ଦିର ବୁଲିଥାନ୍ତି। ଆସ୍ଥା ଓ ବିଶ୍ୱାସର ଏମିତି ଅନେକ ଧାର୍ମିକ ପୀଠ ଶ୍ରଦ୍ଧାଳୁଙ୍କ ଖାସ୍ ଆକର୍ଷଣ ରହିଆସିଛି। ସେହିଭଳି ଏକ ଧାର୍ମିକ ସ୍ଥଳୀ ହେଉଛି ଚକ୍ରତୀର୍ଥ ନିକଟ ଶ୍ରୀବେଡିହନୁମାନ ବା ଶ୍ରୀଦରିଆ ମହାବୀରଙ୍କ ମନ୍ଦିର। ମନ୍ଦିର ଭିତରେ ଭକ୍ତରାଜ ଶ୍ରୀ ହନୁମାନଙ୍କ ବିଗ୍ରହର ଗୋଟିଏ ଗୋଡ଼ରେ ଲୁହାର ଶିକୁଳି ବା ବେଡି ବନ୍ଧାଯାଇଥିବା ଦୃଷ୍ଟିଗୋଚର ହୁଏ। କିମ୍ବଦନ୍ତୀ ଅନୁଯାୟୀ, ଯେପରି ମହୋଦଧି ବେଳାଭୂମିର ବାଲୁକାରାଶି ସୀମାକୁ ଅତିକ୍ରମ କରି ଶ୍ରୀକ୍ଷେତ୍ର ଭିତରକୁ ଆସିବ ନାହିଁ ସେଥିପାଇଁ ମହାପ୍ରଭୁଙ୍କ ଆଦଶରେ ଶ୍ରୀହନୁମାନଙ୍କୁ ପ୍ରତ୍ୟେକ ଦିନ ଶ୍ରୀମନ୍ଦିରରୁ ଗୋଟିଏ ଶ୍ରୀମହାପ୍ରସାଦ ଲଡୁ ଦିଆଯାଇ ସେଠାରେ ବେଡି ପକାଇ ରଖାଯାଇଛି। ସେ ଚମତ୍କାରକୁ ଉଣା ଅଧିକେ ସମସ୍ତେ ମଧ ଅନୁଭବ କରିଛନ୍ତି। ଅତୀତରେ ସମୁଦ୍ର ଅନେକଥର ହନ୍ସ କୋକୋପାମ୍ ହୋଟେଲଠାରୁ ଷ୍ଟର୍ଲିଂ ହୋଟେଲ ପର୍ଯ୍ୟନ୍ତ ଅଞ୍ଚଳରେ ଓ ପେଣ୍ଟକଟା ଅଞ୍ଚଳରେ କୂଳ ଲଂଘିଥିଲେ ମଧ କେବେ ବି ସ୍ୱର୍ଗଦ୍ୱାରଠାରୁ ଚକ୍ରତୀର୍ଥ ମଧ୍ୟରେ କୂଳ ଲଂଘିନାହିଁ। ଏମିତି ଆସ୍ଥା ଓ ବିଶ୍ୱାସର ପୀଠକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ବୁଲିଯାଇଥାନ୍ତି। ମାତ୍ର ଏହି ମନ୍ଦିରରେ ପ୍ରବେଶ ଟିକେଟ ଲାଗୁ କରିବା ନିମନ୍ତେ ନିଲାମ କରିବା ପାଇଁ ରାଜ୍ୟ ଦେବୋତ୍ତର କମିଶନର ଶ୍ରୀଜଗନ୍ନାଥ ବଲ୍ଲଭ ମଠର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତୀତରେ ଏହି ମନ୍ଦିରରେ ପ୍ରବେଶ ଟିକେଟ ଥିବା ସମୟରେ ନିଲାମ ପରିଚାଳନାରୁ ଦାଦାବଟି ନିଆଯାଉଥିବା ଜଣାପଡିଥିଲା। ଫଳରେ ସାଧାରଣ ଭକ୍ତ ଓ ଯାତ୍ରୀ ଟିକେଟ ପାଇଁ ହଇରାଣ ହେଉଥିଲେ। ଏବେ ମନ୍ଦିରରେ ମହାବୀରଙ୍କ ଦର୍ଶନ ପାଇଁ ତୀର୍ଥଯାତ୍ରୀ ଓ ଭକ୍ତଙ୍କୁ ଫି' ଦେବାକ ପଡୁଛି। ମନ୍ଦିରରେ ମିଳୁଥିବା ଦାନ, ଦକ୍ଷିଣା ଓ ହୁଣ୍ଡି ଆଦିର ଅଂଶରୁ ମନ୍ଦିରର ରକ୍ଷଣାବେକ୍ଷଣ କରାଯାଉ। ସରକାର ଏ ବାବଦରେ ମଧ ଅନୁଦାନ ଦେଇ ପାରିବେ। ମାତ୍ର ଠାକୁର ଦର୍ଶନ ନିମନ୍ତେ ପାଇଁ ଟିକେଟ ବ୍ୟବସ୍ଥା ଆଦୌ କରା ନ ଯାଉ ବୋଲି ଦାବି କରିଛନ୍ତି। ଏହା ପୂର୍ବରୁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ବଡ଼ଦେଉଳ ପରିସରସ୍ଥିତ କୋଇଲି ବୈକୁଣ୍ଠ ଓ ଅନ୍ୟାନ୍ୟ ସ୍ଥାନକୁ ଯିବା ନିମନ୍ତେ ଭକ୍ତଙ୍କଠାରୁ ମାହାସୁଲ ଅସୁଲ କରୁଛନ୍ତି। ଏହା ସହିତନ୍ଦିର ଅଧୀନରେ ବାହାରେ ଥିବା ଏକଧିକ ପବିତ୍ର ପୀଠକୁ ନିଲାମରେ ଦେଇଛି। ଏହାଫଳରେ ଭକ୍ତମାନେ ସେହିସବୁ ସ୍ଥାନକୁ ଗଲେ ସେମାନଙ୍କଠାରୁ ପ୍ରବେଶ ଫି' ନିଆଯାଉଛି। ଏବେ ଦେବୋତ୍ତର କମିଶନ ଦରିଆ ମହାବୀର ମନ୍ଦିରରୁ ମଧ ଦର୍ଶନ ଟିକସ ଆଦାୟ ବ୍ୟବସ୍ଥା କରିବାକୁ ବିରୋଧ କରାଯିବା ସହ ଏହାର ପ୍ରତ୍ୟାହାର ପାଇଁ ଦାବି ହୋଇଛି ।




## ମହଙ୍ଗା ଭତ୍ତା ୨ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,୧୧/୪: ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜାନୁଆରୀ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଏପ୍ରିଲ ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ ଅନୁରୂପ ଭାବେ ଏପ୍ରିଲ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ବ୍ରାଉନସୁଗାର ବେପାରୀକୁ ଏନ୍‌କାଉଣ୍ଟର

ଭୁବନେଶ୍ୱର,୧୧/୪: ପୁଣି ଗର୍ଜିଛି କମିସନରେଟ୍ ପୁଲିସ୍ ବନ୍ଧୁକ। ଭୁବନେଶ୍ୱରରେ ବ୍ରାଉନସୁଗାର ବେପାରୀକୁ ହୋଇଛି ଏନ୍‌କାଉଣ୍ଟର। ବ୍ରାଉନସୁଗାର ବେପାରୀ ଶେଖ୍ ଜାମସେଦ୍‌କୁ ଏନ୍‌କାଉଣ୍ଟର୍ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ଏନ୍‌କାଉଣ୍ଟରରେ ନିଶା ମାଫିଆ ଶେଖ୍ ଜାମସେଦ୍‌ର ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ଜାମସେଦ୍‌କୁ ଏମ୍ସରେ ଭର୍ତ୍ତି କରାଯାଇଛି । ସ୍ପେଶାଲ କ୍ରାଇମ ୟୁନିଟ୍ ଅଫିସର ଅନୁପ କାନୁନଗୋ ଏହି ଏନକାଉଣ୍ଟର କରିଥିବା ବେଳେ ଅପରାଧି ଗୋଡ଼ରେ ଦୁଇଟି ଗୁଳି ବାଜିଛି । ଶେଖ ଜାମସେଦ ନିକଟରୁ ୨୦ଲକ୍ଷ ଟଙ୍କାର ବ୍ରାଉନସୁଗର ସହ ଗୋଟିଏ ମାଉଜର ଜବତ କରାଯାଇଛି । ସୂଚନାଯୋଗ୍ୟ ନିଶା ମାଫିଆ ଶେଖ ଜାମସେଦ ନାଁରେ ପୂର୍ବରୁ କଟକ ଲାଲବାଗ, ବାଲିଅନ୍ତା, ବଡ଼ଗଡ ଥାନାରେ ବିଭିନ୍ନ ମାମଲା ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଏସଟିଏଫ ଦ୍ୱାରା ଗିରଫ ମଧ ହୋଇଥିଲା । ବିଳମ୍ବିତ ରାତିରେ ପୋଖରୀପୁଟରୁ ଖଣ୍ଡଗିରିକୁ ଯାଉଥିବା ବେଳେ ପିଛା କରୁଥିଲା ସ୍ପେଶାଲ କ୍ରାଇମ ୟୁନିଟ୍। ନିଜକୁ ବଞ୍ଚାଇବାକୁ ଯାଇ ଶେଖ ଜାମସେଦ ପୁଲିସ ଉପରକୁ ଗୁଳି ଚଳାଇଥିଲା।



## ଜଟଣୀ ମାରୱାଡ଼ି ଯୁବାମଞ୍ଚ ସିଟିଶାଖାର ଜଳଛତ୍ର କ୍ୟାମ୍ପ ଉଦ୍‌ଘାଟିତ



ଜଟଣୀ, : ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାରୱାଡ଼ି ଯୁବାମଞ୍ଚ ସିଟିଶାଖା ବିଭିନ୍ନ ସମାଜ ସହଯୋଗକାରୀ ହୋଇ ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟକ୍ରମ ମାନ କରି ଆସୁଥିବା ବେଳେ ଚଳିତବର୍ଷ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ସାଧାରଣ ଜନତାଙ୍କ ପାଇଁ ସ୍ଥାନୀୟ ମହୁଲଗୁଡିଆ ଛକରେ ଜଳଛତ୍ର କ୍ୟାମ୍ପ ଉଦ୍ଘାଟନ କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପରୁ ସାଧାରଣ ଜନତା ରକ୍ଷା ନିମିତ୍ତ ଜଳଛତ୍ର କ୍ୟାମ୍ପରେ ତରଭୁଜ, ଦହିପାଣି ଓ ଥଣ୍ଡାପାଣିର ସୁବନ୍ଦୋବସ୍ତ କରାଯାଇଛି ଜଟଣୀ ସିଟି ଶାଖା ତରଫରୁ। ପ୍ରଚଣ୍ଡ ଖରାକୁ ପ୍ରଶମିତ କରିବାକୁ ଏହି ମହାନ ସେବାକୁ ଉଦଘାଟନ କରିଛନ୍ତି ଭୁବନେଶ୍ୱର ସାଂସଦଙ୍କ ଜଟଣୀ ପୌର ପ୍ରତିନିଧି ଶତୀସ୍ କୁମାର ଶର୍ମା। ଏହି ମହାନ ସେବାକାର୍ଯ୍ୟକୁ ସିଟିଶାଖାର ସଭାପତି ଗୋବିନ୍ଦ ସୋନିଙ୍କ ନେତୃତ୍ୱରେ କୃଷ୍ଣ, ମୁକେଶ, ଦୀପକ, ମୋହିତ, କୁଞ୍ଜ, ଅମିତ୍, ନରେଶ, ରାହୁଲ, ଭିଜିଟ୍, ଶ୍ୟାମ ଓ ଅନେକ୍ କର୍ମୀ ଉପସ୍ଥିତ ରହି ସହଯୋଗ କରିଛନ୍ତି। ସଭାପତି ଶ୍ରୀ ସୋନି ମତେ ରଖିଛନ୍ତି ସୂର୍ଯ୍ୟଙ୍କ ତେଜ ନକମିବା ଯାଏ ଆମ ଅନୁଷ୍ଠାନ ତରଫରୁ ଏହି ଜଳଛତ୍ର ସେବା ଜାରି ରହିବ।

## ରାଜ୍ୟ ସ୍ତରୀୟ ନାଟକ ପ୍ରତିଯୋଗିତା ପାଇଁ ସାମ୍ବାଦିକ ସମ୍ମିଳନୀ




ଦାମନଯୋଡି, କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡି ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ' ପକ୍ଷରୁ ସେକ୍ଟର -୧ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ଉନବିଂଶତମ ରାଜ୍ୟ ସ୍ତରୀୟ ନାଟକ ପ୍ରତିଯୋଗିତା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆବାହକ ସଞ୍ଜୟ କୁମାର ବାରିକ ଙ୍କ ତତ୍ତ୍ୱାବଧାନରେ ଉକ୍ତ ସମ୍ମିଳନୀରେ ସଭାପତି ବିଚ୍ଛନ୍ଦ ଚରଣ ଦାଶ, ଉପ ସଭାପତି ରଞ୍ଜୟ କୁମାର କାନୁନଗୋ, ସମ୍ପାଦକ ନିର୍ମଳ କୁମାର ରାଉତ ଉପସ୍ଥିତ ରହି ସବିଶେଷ ସୂଚନା ପ୍ରଦାନ କରିଥିଲେ । ସୂଚନା ଅନୁଯାୟୀ ଆସନ୍ତା ୧୭ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗୀତା ଚାଲିବ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମୋଟ୍ ୪୬ ଟି ନାଟ୍ୟ ଅନୁଷ୍ଠାନ ପାଣ୍ଡୁଲିପି ସହ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆବେଦନ କରିଥିବା ବେଳେ ୧୬ଟି ସଂଗଠନ କୁ ଚୟନ କରାଯାଇଛି ବୋଲି ସୂଚନା ମିଳିଛି । ଉଦଘାଟନୀ ଦିବସରେ ସଂସ୍ଥାର ନିଜସ୍ୱ ନାଟକ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଆଧାରିତ ନାଟକ 'କଳାମଲ୍ଲି' ମଞ୍ଚସ୍ଥ ହେବାକୁ ଥିବା ବେଳେ ଅନ୍ୟ ଦିନ ମାନଙ୍କରେ ଦୁଇଟି ଲେଖାଏଁ ନାୟକ ମଞ୍ଚସ୍ଥ ହେବ । ଏତଦ୍ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ୫ଟି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ 'ଉନ୍ମେଷ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଶିଷ୍ଟ ନାଟ୍ୟକାର ନଳିନୀ ନିହାର ନାୟକ, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ଗିରିଜା କୁମାର ଚୌଧୁରୀ ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ରହି ମଞ୍ଚସ୍ଥ ନାଟକ ଗୁଡ଼ିକର ଶ୍ରେଷ୍ଠତ୍ୱ ଚୟନ କରିବେ । ଇତି ଅବସରରେ ଦୁଇଜଣ ଶ୍ରେଷ୍ଠ ନାଟ୍ୟକାର ଙ୍କୁ ସମ୍ମାନୀତ କରାଯିବ । ଆଜିର ଆଧୁନିକ ଯୁଗରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଲୋକ ମାନଙ୍କ ନିକଟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ସଭାପତି ଶ୍ରୀ ଦାଶ କହିଛନ୍ତି । ସମ୍ମିଳନୀରେ ସଂସ୍ଥାର ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ଦାଶ, ଶ୍ରୀଧର ପରିଡ଼ା, ଉତ୍ତମ ପଟ୍ଟନାୟକ, ମୁରଲୀଧର ଦାସ ଙ୍କ ସମେତ ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ ।

## ହର ହରି ମହାବୀରଙ୍କ ୧୧ ତମ ଯଜ୍ଞୋତ୍ସବ ଉଦ୍‌ଯାପିତ



ଜଗତସିଂହପୁର- ବାଣୀ କ୍ଷେତ୍ର ଝଙ୍କଡ଼ ପ୍ରଗଣାର, ତିର୍ତ୍ତୋଲ ବ୍ଲକ, ଗରାମ ପଞ୍ଚାୟତ ଅଧିନ, ବଡିଜଙ୍ଗା ଗ୍ରାମ ସ୍ଥିତ, ପୁଣ୍ୟତୋୟା ହଁସୁଆ ନଦୀ ର ତଟଦେଶରେ , ବିରାଜିତ ଶ୍ରୀ ଶ୍ରୀ ହର ହରି ମହାବୀର ଙ୍କ ଏକାଦଶ ତମ ବାର୍ଷିକ ଯଜ୍ଞୋତ୍ସବ ଗତ ସୋମବାର ଦିନ ବିଳମ୍ବିତ ରାତ୍ରୀରେ ଉଦଯାପିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ତଥା ସାମ୍ବାଦିକ ପ୍ରଦୀପ୍ତ କୁମାର ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବ ଏପ୍ରିଲ ୪ ତାରିଖ ଠାରୁ ଶୁଭାରମ୍ଭ ହୋଇ, ପ୍ରଥମ ଦିନ କଳସ ଶୋଭାଯାତ୍ରା , ମହାମନ୍ତ୍ର ନାମ ଯଜ୍ଞ ଓ ୨ ୟ ଦିନ ମହୋତ୍ସବ, ଯଜ୍ଞ ରେ ଅଗ୍ନି ସ୍ଥାପନ ୩ ୟ ଦିନ ବିଶ୍ୱଶାନ୍ତି ମହାଯଜ୍ଞ ରେ ଆହୂତି ପ୍ରଦାନ କରାଯାଇ ଥିଲା। ଏଥିରେ ପଣ୍ଡିତ ସୌମ୍ୟ ପ୍ରସାଦ ତ୍ରିପାଠୀ ମୁଖ୍ୟଆଚାର୍ଯ୍ୟ, ପଣ୍ଡିତ ରାମଚନ୍ଦ୍ର ଦାସ ପୁଷ୍ଟକା କାର୍ଯ୍ୟ ଓ ନାରାୟଣ ଦାଶ, ସନାତନ ଦାଶ, ଗୌରୀ ଶଙ୍କର ଦାଶ ସହକାରୀ ଆଚାର୍ଯ୍ୟ ଭାବରେ ଅଂଶ ଗ୍ରହଣ କରିଥିବା ବେଳେ, ପ୍ରଦୀପ୍ତ ସ୍ୱାଇଁ ଓ ପ୍ରିୟଙ୍କା ସ୍ୱାଇଁ କର୍ତ୍ତା କର୍ତ୍ତ୍ରୀ ଭାବରେ ଦାୟିତ୍ୱ ବହନ କରିଥିଲେ। ଭିନ୍ନ ଭିନ୍ନ ଦିନରେ ପୋଦନା ଡ୍ୟାନ୍ସ ଏକାଡେମୀ , ପ୍ରାର୍ଥନା ଚ୍ୟାନେଲ ର କଳାକାର କ୍ଟ ଅନୁସନ୍ଧାନ ଡ୍ୟାନ୍ସ ଗ୍ରୁପ ର କଳାକାର ମାନଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ ର କାର୍ଯକ୍ରମ ପରିବେଷଣ କରାଯାଉଥିଲା। ଯଜ୍ଞକମିଟି ର ସଭାପତି ବିଭୂତି ଭୂଷଣ ସ୍ୱାଇଁ ଙ୍କ ସମେତ ରଞ୍ଜିତ ମଲ୍ଲ , ନିରଞ୍ଜନ ମଲ୍ଲ , ଦୋଳଗୋବିନ୍ଦ ସାହୁ, ଦେବେନ୍ଦ୍ର ସ୍ୱାଇଁ , ସଞ୍ଜୟ ରାଉତ , ସୁରେନ୍ଦ୍ର ବାରିକ , ନରେନ୍ଦ୍ର ବାରିକ , ରାକେଶ ସ୍ୱାଇଁ , ସଚିତ୍ର ଖଟୁଆ , ଧର୍ମାନନ୍ଦ ସ୍ୱାଇଁ ଓ ସିଲୁ ସାହୁ ପ୍ରମୁଖ କର୍ମକର୍ତ୍ତା ଙ୍କ ସମେତ ସମସ୍ତ ଗ୍ରମବାସି ଓ ସ୍ଥାନୀୟ ଅଞ୍ଚଳର ଅଧିବାସୀ ମାନେ ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା କ୍ଷେତ୍ରରେ ସକ୍ରିୟ ସହଯୋଗ କରିଥିବାର ଦେଖିବାକୁ ମିଳିଥିଲା।

## ଗୋପରେ ଥିବା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଭବିଷ୍ୟତକୁ ନେଇ ଅବିଭାବକ ଚିନ୍ତାରେ ( ଚିନ୍ତାରେ ଅବିଭାବକ ମୁରବୀ ଶୂନ୍ୟ ଓଡିଶା ଆଦର୍ଶ ବିଦ୍ୟାଳୟ ) ଅଭିଯୋଗ କରିବେ କାହାକୁ ଶୁଣିବ କିଏ ?

ଗୋପ , : ତତ୍କାଳୀନ ସରକାର ଙ୍କ ସମୟରେ ସିବିଏସି ପାଠ୍ୟକ୍ରମ ଢ଼ାଞ୍ଚାରେ ନୂତନ କରି ଓଡିଶା ରେ ୨୦୧୬ ରେ ଓଡିଶା ଆଦର୍ଶ ବିଦ୍ୟାଳୟ ( ସଂଗଠନ ) ନାମକ ଏକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା କ୍ଷ ଏହା ଓଡିଶା ର ୩୧୪ ଟି ବ୍ଲକ ରେ ନିର୍ମାଣ ହୋଇଛି କ୍ଷ ମୁଖ୍ୟତଃ ଗ୍ରାମାଞ୍ଚଳ ରେ ବସବାସ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ବେସରକାରୀ ଶିକ୍ଷାନୁଷ୍ଠାନ ରେ ପଢୁଥିବା ପିଲାମାନଙ୍କ ସମକକ୍ଷ ହେବାପାଇଁ ରାଜ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ର ପ୍ରତିଷ୍ଠା କରାଗଲା କ୍ଷ ଉକ୍ତ ବିଦ୍ୟାଳୟ ରେ ପାଠ ପଢିବା ଠାରୁ ରହିବା ସହିତ ଖାଇବା ଏବଂ ଜୋତା ମୋଝା ବହି ଆଦି ମାଗଣା ରେ ମିଳିବ ଆଶାରେ ଅବିଭାବକ ମାନେ ତାଙ୍କ ପିଲା ଙ୍କୁ ଗୋପ ଆଦର୍ଶ ବିଦ୍ୟାଳୟ ରେ ନାମ ଲେଖାଇଲେ କ୍ଷ ପିଲାଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ପରିବର୍ତ୍ତେ ଭବିଷ୍ୟତ ବର୍ତମାନ ଅନ୍ଧକାରମୟ ହେବାକୁ ବସିଲାଣି କ୍ଷ ଗୋପ ବ୍ଲକ ରେ ପ୍ରଥମ କରି ୨୦୨୨ ମସିହାରେ ଗୋପ ବାଳିକା ବିଦ୍ୟାଳୟ ରେ ଅସ୍ଥାୟୀ ଭାବେ ଆରମ୍ଭ ହୋଇଥିଲା ଓଡିଶା ଆଦର୍ଶ ବିଦ୍ୟାଳୟ କ୍ଷ ଏଥିରେ ମୋଟ ୮୪ ଜଣ ଛାତ୍ର ଛତ୍ରୀ ଓ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ନେଇ ଆରମ୍ଭ ହୋଇଥିଲା କ୍ଷ ତାପରେ ୨୦୨୩ ଅଗଷ୍ଟ ୩୧ ତାରିଖ ରେ ଗୋପ ଠାରୁ ୩ କିଲୋମିଟର ଦୂରତ ରେ ଥିବା ତରଙ୍ଗିରା ଠାରେ ନିଜସ୍ୱ ସ୍ଥାୟୀ ଗୃହ ସ୍ଥାନ୍ତାରିତ ହୋଇଥିଲା କ୍ଷ ପ୍ରାଥମିକ ପର୍ଯ୍ୟାୟରେ ଅଭାବ ଅନାଟନ ରେ ଗୋଟେ ବର୍ଷ ରୁ ଉର୍ଦ୍ଧ ସମୟ ଅତିବାହିତ ହୋଇଥିଲା କ୍ଷ କିନ୍ତୁ ବର୍ତମାନ ସୁଦ୍ଧା ୩ ବର୍ଷ ବିତିଯାଇଥିଲେ ମଧ ପିଲା ଙ୍କୁ ସରକାରୀ ଆର୍ଥିକ ସହାୟତା ମିଳିପାରିଲାନାହିଁ କ୍ଷ ଉକ୍ତ ବିଦ୍ୟାଳୟ କୁ ଗୋପ ବ୍ଲକ ର ୩୧ ଟା ପଞ୍ଚାୟତ ରୁ ପିଲାମାନେ ପାଠ ପଢ଼ିବାକୁ ଆସିଥାନ୍ତି କ୍ଷ ଅନୁମାନ ୨୫ ରୁ ୩୦ କିଲୋମିଟର ଦୂରୁତ ରୁ ଆସିବାକୁ ପଡୁଛି କ୍ଷ ଯାହାଫଳରେ କୀ ଗୋଟେ ପିଲା ପିଛା ମାସକୁ ଗାଡିଭଡ଼ା ଓ କୋଚଙ୍ଗ ଆଦି ଅନ୍ୟାନ୍ୟ ଖର୍ଚ୍ଚ କୁ ହିସାବ କଲେ ୧୦ ହାଜର ଟଙ୍କା ଖର୍ଚ୍ଚାନ୍ତ କରିବାକୁ ପଡୁଛି କ୍ଷ ଗ୍ରାମାଞ୍ଚଳ ରେ ବସବାସ କରୁଥିବା ଗରିବ ଶ୍ରେଣୀ ର ଅବିଭାବକମାନଙ୍କ ପକ୍ଷେ



କଷ୍ଟକର ହୋଇପଡୁଛି କ୍ଷ ପ୍ରାୟ ଚାରିବର୍ଷ ହେ୍ବ ହଷ୍ଟେଲ ନିର୍ମାଣ ହେଉଛି ସହ କିନ୍ତୁ ତାହା ସରିପାରିଲାନାହିଁ କ୍ଷ ସାଇକେଲ ଷ୍ଟାଣ୍ଡ ଟି ଯଦିଓ ନିର୍ମାଣ ହୋଇଛି କିନ୍ତୁ ଷ୍ଟାଣ୍ଡ ଟି ସଚଳ ହୋଇନାହିଁ କ୍ଷ ଉକ୍ତ ବିଦ୍ୟାଳୟ ରେ ଷଷ୍ଠ ଠାରୁ ନବମ ଶ୍ରେଣୀ ନିମନ୍ତେ ୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଆବଶ୍ୟକତା ଥିବାବେଳେ ବର୍ତମାନ ମାତ୍ର ୧୦ ଜଣ ଶିକ୍ଷାକ ଓ ଶିକ୍ଷୟତ୍ରୀ ରହିଛନ୍ତି କ୍ଷ ସେଥିମଧ୍ୟରୁ ଜଣେ ଅସ୍ଥାୟୀ ବିଜ୍ଞାନ ଶିକ୍ଷକ ଥିବାସ୍ଥଳେ ଜଣେ ଏସ ଏସଟି ଶିକ୍ଷକ ଯିଏ କୀ ୩ ଦିନ ଗୋପ ରେ ପାଠ ପଢୁଉଥିବାବେଳେ ଆଉ ୩ ଦିନ ନିମାପଡା ରେ ପଡାଉଛନ୍ତି କ୍ଷ ଯେଉକେତେଜଣ ଏଠାରେ ଶିକ୍ଷାଦାନ କରୁଛନ୍ତି ସେମାନଙ୍କ ମଧ୍ୟରେ ଅଧିକାଂଶ ଶିକ୍ଷକ ଶିକ୍ଷୟତ୍ରୀ ପୁରୀ, ଭୁବନେଶ୍ୱର ଆଦି ଦୂରତ୍ୱ ର ଦୈନିକ ଯିବାଆସିବା କରୁଥିବାରୁ ସଠିକ ସମୟରେ ସ୍କୁଲ ରେ ପହଞ୍ଚି ପଟୁନାହାନ୍ତି କ୍ଷ ଯାହାଫଳରେ କୀ ପିଲାଙ୍କ ପାଠ ପଡା ରେ ବ୍ୟାଘାତ ସୃଷ୍ଟି ହେଉଛି କ୍ଷ ମୁଖ୍ୟତଃ ସ୍ଥାୟୀ ଅଧକ୍ଷ ନଥିବଫଳରେ ବିଦ୍ୟାଳୟ ରେ ଏକାଧିକ ସମସ୍ୟ ଦେଇ ଗତି କରୁଛି ବିଦ୍ୟାଳୟ ଟି କ୍ଷ ଦୀର୍ଘ ୩ ବର୍ଷ ହେ୍ବ ଉକ୍ତ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇପାରିଲା ନାହିଁ କ୍ଷ କୀ ପିଲାଙ୍କୁ ଦୁଇବର୍ଷ ହେ୍ବ ଡ୍ରେସ ଓ ଜୋତା ମୋଝା ପାଇଁ ଟଙ୍କା ମିଳିଲାନାହିଁ କ୍ଷ ପିଜିଟି କେମେଷ୍ଟ୍ରି ପାଇଁ କେହିଁ ଶିକ୍ଷକ ନାହାନ୍ତି କ୍ଷ ପିଜିଟି ବିଓଲୋଜି କେହିଁ କେହିଁ ଶିକ୍ଷକ ନାହାନ୍ତି କ୍ଷ ପିଜିଟି ଫିଜାକ୍ସି ରେ ମଧ କେହିଁଶିକ୍ଷକ ନାହାନ୍ତି ଟିଜିଟି ବିଜ୍ଞାନ ରେ ଜଣେ ଅସ୍ଥାୟୀ ଶିକ୍ଷକ ରହିଛନ୍ତି କ୍ଷ ଟିଜିଟି ଓଡ଼ିଆ ବିଭାଗ ର ଶିକ୍ଷକ ଅସ୍ଥାୟୀ ଅଧକ୍ଷ ଦାୟିତ୍ୱ ରେ ରହିଛନ୍ତି କ୍ଷ ଟିଜିଟି ସଂସ୍କୃତ -୧ ଟିଜିଟି ଇଂଲିଶ -୨ ଜଣ ଙ୍କ ସ୍ଥାନରେ ଜଣେ ପାଠ ପଢୁଛନ୍ତି କ୍ଷ ପିଜିଟି ଇଂଲିଶ -୧,ଟିଜିଟି ଗଣିତ -୨,କ୍ରୀଡା ଶିକ୍ଷକ -୧ କୋମ୍ପୁଟର ଶିକ୍ଷକ କେହିନାହାନ୍ତ. ସଂଗୀତ ଶିକ୍ଷକ -୧,ଚିତ୍ରକାର. ଶିକ୍ଷକ -୧ , ଟିଜିଟି ଏସ ଏସ ଟି -୨, ଟିଜିଟି ହିନ୍ଦୀ -୧, ପିଜିଟି ଗଣିତ -୧ ଏହିଭଳି ଅବସ୍ଥାରେ ମଧରେ ଗୋପ ରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ଟି ଗତି କରୁଛି କ୍ଷ ବାରମ୍ବାର ଅବିଭାବକ ଙ୍କ ପକ୍ଷରୁ ଦାବୀ ହେଉଥିଲେ ମଧ ଶୁଣିବାକୁ କେହିଁ ନାହାନ୍ତି କ୍ଷ ଯଦିଓ ଗୋପ ବ୍ଲକ ବିଡ଼ିଓ ଉକ୍ତ ବିଦ୍ୟାଳୟ ର ଭାଇସ ଚ୍ୟାରମ୍ୟାନ କିନ୍ତୁ କୌଣସି ଗୋଟିଏ ସମସ୍ୟା ସମାଧାନ କ୍ଷେତ୍ରରେ ବିଦ୍ୟାଳୟ କୁ ଯାଆନ୍ତି ନାହିଁ କ୍ଷ ଚଳିତ ଶିକ୍ଷା ବର୍ଷ ରେ ଷଷ୍ଠ ଶ୍ରେଣୀ ନିମନ୍ତେ ନାମ ଲେଖାଇବାକୁ ଅବିଭାବକମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି କ୍ଷ ଏଣୁ ଅବିଭାବକ ଙ୍କ ପକ୍ଷରୁ ସ୍ଥାନୀୟ ବିଧାୟିକା ତଥା ଓଡିଶା ର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି କ୍ଷ

## ସହକାରୀ ଯନ୍ତ୍ରୀଙ୍କ ବଦଳି ଦାବିରେ ପୌରପାଳିକାରେ ତାଳା ପକାଇଲେ କାଉନସିଲର !୭ ଦିନରେ ବଦଳି ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଧାରଣା



ନବରଙ୍ଗପୁର, : ସହକାରୀ ଯନ୍ତ୍ରୀଙ୍କ ବଦଳି ଦାବିରେ ପୌରପାଳିକା ରେ ତାଳା ପକାଇଲେ କାଉନସିଲର । ନବରଙ୍ଗପୁର ପୌରପାଳିକା ସହକାରୀ ଯନ୍ତ୍ରୀ ବିଶ୍ୱପ୍ରିୟ ଦାସଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ଓ କାଉନସିଲର ମାନଙ୍କୁ ନେଇ ଅପଶବ୍ଦ ବ୍ୟବହାର କୁ ନେଇ ଜେ ଇ ଙ୍କ ବଦଳି ଦାବିରେ ପୌରପାଳିକା ରେ ତାଳା ପକାଇଲେ କାଉନସିଲର । ସହକାରୀ ଯନ୍ତ୍ରୀ ବିଶ୍ୱପ୍ରିୟ ଦାସ ବିଭିନ୍ନ ସମୟ ରେ ଠିକା କାମ ବାବଦ କୁ ପିସି ଦାବି କରିବା । ଠିକ କାମ କରୁଥିବା ଠିକାଦାର ଙ୍କୁ ଅଯଥା ହଇରାଣ କରିବା । ଯିଏ ତା ପ୍ରତିବାଦ କରିଲେ ତାକୁ ବ୍ୟକ୍ତିଗତ ଆକ୍ଷେପ କରିବା ଭଳି ଅଭିଯୋଗ ସହକାରୀ ଯନ୍ତ୍ରୀ ବିଶ୍ୱପ୍ରିୟ ଦାସଙ୍କ ବିରୋଧରେ ଗତ ଦୁଇ ବର୍ଷ ଧରି ହୋଇ ଆସୁଛି । ଏପରି କି ସହକାରୀ ଯନ୍ତ୍ରୀ ଙ୍କ ବିରୋଧ ରେ ଜଣେ ଠିକାଦାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଅଭିଯୋଗ ମଧ ଦାଖଲ କରିଥିଲେ ।ଏଥିସହ ସହକାରୀ ଯନ୍ତ୍ରୀ ନିଜ କାର୍ଯ୍ୟ ବାହାରକୁ ଯାଇ ନବରଙ୍ଗପୁର ଜିଲ୍ଲା ନାମରେ ଓ କାଉନସିଲର ମାନଙ୍କ ବିରୋଧ ରେ ଅଯଥା ଅପଶବ୍ଦ କହିବା ଭଳି ଅଭିଯୋଗ ନେଇ ବିଗତ ମାସ ମାର୍ଚ୍ଚ ୧୧ ତାରିଖରେ ପୌର ଅଧକ୍ଷ କୁନୁ ନାୟକ, କାଉନସିଲର ଏ. ସତୀଶ, ଅମିତ ପ୍ରଧାନ, ଶର୍ମିଷ୍ଠା ଦେଓ, ମମତା ମହାରଣା, ରଂଜିତା ପଣ୍ଡା, ସନ୍ତୋଷୀ ଜାନି, ଉଷା ରାଣୀ, ରାଜେଶ୍ୱରୀ, ପି. କେଶବ ରାଜୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରି ବଦଳି ଦାବି କରିଥିଲେ । କାଉନସିଲର ମାନଙ୍କ ଅଭିଯୋଗ ଆଧାରରେ ଜିଲ୍ଲାପାଳ ସହକାରୀ ଯନ୍ତ୍ରୀ ବିଶ୍ୱପ୍ରିୟ ଦାସଙ୍କ ବିରୋଧରେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସହକାରୀ ଯନ୍ତ୍ରୀ ଙ୍କ ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ କାଉନସିଲର ମାନେ ଚୁପ ରହି କାର୍ଯ୍ୟାନୁଷ୍ଠାନ କୁ ଅପେକ୍ଷା କରିଥିଲେ । କିନ୍ତୁ ଦୀର୍ଘ ଏକ ମାସ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାଧ ହୋଇ କାର୍ଯ୍ୟାନୁଷ୍ଠାନ ଦାବିରେ ନବରଙ୍ଗପୁର ପୌର ପାଳିକାର ସମସ୍ତ କାଉନସିଲର କାର୍ଯ୍ୟାଳୟ କୁ ତାଲା ପକାଇଥିଲେ । ଆସନ୍ତା ୭ ଦିନ ମଧରେ ବଦଳି ନକଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି କାଉନସିଲର ମାନେ ଚେତାବନୀ ଦେଇଛନ୍ତି । ଧାରଣା ସ୍ଥଳରେ ଅଧକ୍ଷ ଓ ପୌର ନିର୍ବାହୀ ଅଧିକାରୀ ପହଂଚି ଜିଲ୍ଲାପାଳଙ୍କ ସହ ଆଲୋଚନା କରି ୭ ଦିନ ମଧରେ ଜେ ଇ ଙ୍କୁ ବଦଳି କରାଯିବ ବୋଲି ପ୍ରତିଶୃତି ଦେବା ପରେ କାଉନସିଲର ମାନେ ଧାରଣା ରୁ ଉଠି ପୌର କାର୍ଯ୍ୟାଳୟ ର ମୁଖ୍ୟ ଫାଟକ ର ଚାବି ଖୋଲି ଥିଲେ କ୍ଷ ଉକ୍ତ ଧାରଣାରେ ଉପାଧକ୍ଷା ସୌମ୍ୟା ମହାପାତ୍ର, କାଉନସିଲର ଏ. ସତୀଶ, ଆଇ. ମୁରୁଲି କ୍ରିଷ୍ଣା, ଶର୍ମିଷ୍ଠା ଦେଓ, ରଂଜିତା ପଣ୍ଡା, ଅମିତ ପ୍ରଧାନ, ପୁରୁଷୋତ୍ତମ ହରିଜନ, ପି କେଶବ ରାଜୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନନ୍ଦିଘୋର ଚମ୍ପିୟାନ ଟ୍ରଫି -୨୦୨୫



ନୟାଗଡ଼, : ଟ୍ରଫି -୨୦୨୫ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ନନ୍ଦିଘୋର କ୍ରିକେଟ କ୍ଲବ୍ ତରଫରୁ ନନ୍ଦିଘୋର ଚମ୍ପିୟାନ ମୁଖ୍ୟ ଅତିଥି ଭାବରେ ନୟାଗଡ଼ର ଯୁବ ଶିଳ୍ପୋଦ୍ୟୋଗୀ ତଥା ସମାଜସେବୀ ତାପସ କୁମାର ପାଢ଼ୀ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ।ପ୍ରଥମ ଦିବସର ପ୍ରଥମ ଲିଗ୍ ମ୍ୟାଚରେ ପଞ୍ଚିରିଡା ମାନପୁର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବା ନିଷ୍ପତ୍ତି ନେଇ ପଞ୍ଚିରିଡା ମାନପୁର ଦଳର ରାକେଶ ୪ ବଲରେ ୧୯ ରନ୍ ହାସଲ କରି ଏବଂ ୪ ଟି ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ବିଜୟୀ ଦଳର ଦିଲୁ ୧୭ ବଲରେ ୪୦ ରନ୍ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ନୟାଗଡ଼ର ଯୁବ ଶିଳ୍ପୋଦ୍ୟୋଗୀ ତାପସ କୁମାର ପାଢ଼ୀ, ଅବସର ପ୍ରାପ୍ତ ସେନା ଅଧିକାରୀ ସୁରେନ୍ଦ୍ର କୁମାର ଦୋରା ଓ ସ୍ଥାନୀୟ ସାମ୍ବାଦିକ ରାମକୃଷ୍ଣ ପରିଡ଼ା ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦେବିପ୍ରସାଦ ଦାଶ, ନାରାୟଣ ଡାକୁଆ ଓ ଗିରିଜା ଶଙ୍କର ପଡିଆରୀ ବିଚାରକ ଭାବରେ କାର୍ଯ୍ୟ କରୁଥିବା ବେଳେ ସ୍କୋର ବୋର୍ଡ ରେ ରିତେଶ କୁମାର ମାର୍ଥା ଓ ଉଦଘୋଷକ ଭାବରେ ଜଗମୋହନ ସ୍ୱାଇଁ, ଆନନ୍ଦ ଦୋରା କାର୍ଯ୍ୟରତ ଥିଲେ। କ୍ଲବ୍ ର ଅନ୍ୟାନ୍ୟ ସମସ୍ତ ସଦସ୍ୟ ମାନେ ସମ୍ପୂର୍ଣ୍ଣ ସହଯୋଗ କରୁଥିବାର ଜଣାପଡିଛି। ଆସନ୍ତା କାଲି ତୃତୀୟ ଲିଗ୍ ମ୍ୟାଚରେ ପଣ୍ଡୁସର ସହିତ ମାଛିପଡା ଓ ଚତୁର୍ଥ ଲିଗ୍ ମ୍ୟାଚରେ ନନ୍ଦିଘୋର ସହିତ ଝାଡସାହି ଖେଳିବ ବୋଲି କ୍ଲବ୍ ର ସଭାପତି ଆନନ୍ଦ ଦୋରା ଜଣାଇଛନ୍ତି।

## ବେଆଇନ ବାଲି ଚାଲାଣ ବେଳେ ଗାଡ଼ି ଜବତ, ଜଣେ ଗିରଫ



କୋଣାର୍କ ରାମଚଣ୍ଡୀ ଥାନା ପକ୍ଷରୁ ବେଆଇନ ବାଲି ଚାଲାଣ ବେଳେ ଗାଡ଼ି ସହ ଡ୍ରାଇଭର ଗିରଫ । ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ରାମଚଣ୍ଡୀ ଥାନା ପକ୍ଷରୁ ଗୋଟିଏ ହାଇୱା ଟିପ୍ପର ଗାଡି ନମ୍ବର ଓଡି ୦୫ ବିଆର ୧୩୭୯ (ଙଉ ୦୫ ଇଜ ୧୩୭୯) କୁ ଗୋପ-ବାଲିଘାଇ ରାସ୍ତାରୁ ଜବତ କରାଯାଇ ଅଛି । ଏ ନେଇ ରାମଚଣ୍ଡୀ ଥାନାରେ ୨୬/୨୫ରେ ଏକ ମାମଲା ରୁଜୁ କରାଯାଇ ଉସ୍ପୟ-୦୯.୦୪.୨୦୨୫, ଟ/ଝ-୩୦୩(୨)/ ୩(୫)ଇଘଝ ଜ.ଡ ଝରମ-୧୨ ଙଗଚଞ୍ଝ ଇମସ୍ପ ୧୯୮୯/ ୫୧(୧) ଙଗଗଉ ଜଙ୍କକ୍ଷର ୨୦୦୪ ପଞ୍ଜିକୃତ କରାଯାଇ ଥିବା ବେଳେ ଗାଡ଼ି ଚାଳକ କଟକ ଜିଲ୍ଲା ନିଆଳି ଥାନାନ୍ତର୍ଗତ ମାଧବ ଗ୍ରାମର ମୀର ମମତାଜ ଅଲ୍ଲୀ ଓରଫ ମୀର ମୁନତାଜ ଅଲ୍ଲୀ (୪୧), ପିତା ମୀର ଖାଲିଲ ଅଲ୍ଲୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି ରହିଛି ।

## ଏପ୍ରିଲ ୧୪ ଜୟନ୍ତୀ ଅବସରରେ)ଡ.ଅମ୍ବେଦକରଙ୍କ ପଞ୍ଚତୀର୍ଥ

, ଡ. ଅମ୍ବେଦକର ନିଜର କାର୍ଯ୍ୟଶୈଳୀ ମାଧମେର ଭାରତର ତତ୍କାଳୀନ ବୁଦ୍ଧିଜୀବୀ, ଜନସାଧାରଣ ଓ ଔପନିବେଶିକ କ୍ଷମତାର ଧାନ ଆକୃଷ୍ଟ କରିଥିଲେ । ତତ୍କାଳୀନ ସମାଜ ବ୍ୟବସ୍ଥା ତାଙ୍କ କାର୍ଯ୍ୟ ଦ୍ୱାରା ଚିନ୍ତାଶୀଳ ହୋଇଥିଲା । ଅସ୍ପୃଶ୍ୟତା ନିବାରଣ ପାଇଁ ତାଙ୍କ ପ୍ରେଚଷ୍ଟା ସହିତ ସମରସତାପୂର୍ଣ୍ଣ ସାମାଜିକ ଜୀବନ ପାଇଁ ସେ ପ୍ରଚଣ୍ଡ ସାଧନା କରିଥିଲେ । ସାମନ୍ତବାଦୀ ମାନସିକତା ବରୋଧେର ସେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ସାମାଜିକ ସଂରଚନାର ଅବଧାରଣା ଓ ସମାବେଶୀ ସମାଜ ରଚନାର ସେ ପ୍ରଚଣ୍ଡ ପକ୍ଷଧର ଥିଲେ ।ଡ. ଅମ୍ବେଦକରଙ୍କ ଜୀବନ ସମାଜର ସମସ୍ତ ବର୍ଗ ପାଇଁ ପ୍ରେରଣାଦାୟୀ । ସେ ଶିକ୍ଷା ଉପେର ଗୁରୁତ୍ୱ ଦେଉଥିଲେ । ସେ ଅସ୍ପୃଶ୍ୟ ସମାଜ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ସମାଜ ମଧେର ଶିକ୍ଷାର ବିସ୍ତାର ଚାହୁଁଥିଲେ । ଶିକ୍ଷା ବିନା ମନୁଷ୍ୟ ଜୀବନ ଅନ୍ଧକାର । ଏଣୁ ସେ ଚାହୁଁଥିଲେ ସମେସ୍ତ ଶିକ୍ଷିତ ହୁଅନ୍ତୁ । ଏଥିପାଇଁ ସେ କିଛି ସମୟ ଅଧାପନା କାର୍ଯ୍ୟ ମଧ କରିଛନ୍ତି । ବିଭିନ୍ନ ସମ୍ବାଦପତ୍ରର ସମ୍ପାଦନ କରି ବହୁ ଲେଖା ଦ୍ୱାରା ସମାଜ ଜାଗରଣ କାର୍ଯ୍ୟ କରିଛନ୍ତି । ତାଙ୍କ ଦ୍ୱାରା ସମ୍ପାଦିତ ସମ୍ବାଦପତ୍ର- ମୂକନାୟକ, ଜନତା, ବହିଷ୍କୃତ ଭାରତ ଆଦିରେ ସେ ବହୁତ ଲେଖା ଲେଖିଛନ୍ତି । ସମଗ୍ର ଭାରତ ଶିକ୍ଷିତ ଓ ସଶକ୍ତ ହେଉ, ଏହା ତାଙ୍କର ସ୍ୱପ୍ନ ଥିଲା

## ରନିଂଷ୍ଟାଫ ସମସ୍ୟା ନେଇ ଅଣ୍ଟା ଭିଡିଲା ରେଳଶ୍ରମିକ କଂଗ୍ରେସ ଆଞ୍ଚଳିକ ଆଦେଶ ପ୍ରତ୍ୟାହାର ନହେଲେ ଆମରଣ ଅନଶନ

ଜଟଣୀ , : ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଡିଭିଜନ ଅଧିନରେ କାର୍ଯ୍ୟରତ ରେଳ ରନିଂଷ୍ଟାଫ ମାନଙ୍କର ବିଭିନ୍ନ ସମସ୍ୟା ନେଇ ଅଣ୍ଟା ଭିଡିଛି ରେଳଶ୍ରମିକ କଂଗ୍ରେସ, ସମାଧାନ ନହେଲେ ଚେତାବନୀ ଦେଇଛି ରେଳଶ୍ରମିକ ନେତା। ଭାରତୀୟ ରେଳର ନିୟମ ପରିବର୍ତ୍ତନ କରି ଆଞ୍ଚଳିକ ଆଦେଶ ଜାରି ପାଇଁ ରନିଂଷ୍ଟାଫ ମାନଙ୍କ ପ୍ରତି ପ୍ରଶାସନ ଦ୍ୱାରା ଅମାନୁଷିକ ଅତ୍ୟାଚାର କରାଯାଉଥିବା ସମ୍ମୀଳନୀରେ ମୁଖ୍ୟ ମୁଦ୍ଦା ରଖିଥିବା ବେଳେ ଉଚ୍ଛେଦ ପାଇଁ ଦାବି ଜାହିର କରିଛନ୍ତି ରେଳଶ୍ରମିକ ନେତାଗଣ। ଏହି ଗଣମାଧମ ସମ୍ମିଳନୀରେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ, ଏମ.ଜି.କେ. ରାଓ, ସୁବ୍ରତ ପଣ୍ଡା, ଶରତ ପଣ୍ଡା, ଶାଖା ସମ୍ପାଦକ ତଥା ମିଡ଼ିଆ ସେଲ୍ କୋ-ଅର୍ଡିନେଟର ଏଲ.ଡି. ମହାନ୍ତି (ବାଇନ)ଙ୍କ ସମେତ ଜୟନ୍ତ ସାମଲ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରି ସ୍ଥାନୀୟ ଖୋର୍ଦ୍ଧାରୋଡ଼ ରେଳପଥ ପ୍ରଶାସନର ରନିଂଷ୍ଟାପଙ୍କ ଅସୁବିଧା ସଂପର୍କରେ ମତ ରଖିଛନ୍ତି। ଭାରତ ସ୍ୱାଧୀନତା ପୂର୍ବ ବ୍ରିଟିଶ ହୁକୁମତ ଯାତ୍ରୀ ଓ ରେଳ ସମ୍ପତି ସୁରକ୍ଷା ଦୃଷ୍ଟିରୁ ରନିଙ୍ଗ ଷ୍ଟାଫ ମାନଙ୍କୁ ଦେଇଥିବା ସର୍ବନିମ୍ନ ସୁବିଧା ସୁଯୋଗକୁ ବୈମାତୃକ ମନଭାବ ରଖି ଗୋଟିଏ ପରେ ଗୋଟିଏ ସୁବିଧା ହଟାଇବା ସହିତ ଶୂନ୍ୟ ତ୍ରୁଟିପୂର୍ଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା ରେଳ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଶ୍ରୀ ଭଞ୍ଜ କ୍ଷୋଭପ୍ରକାଶ କରିଛନ୍ତି। ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ରନିଂଷ୍ଟାଫଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ଗତମାସ ମାର୍ଚ୍ଚ ତାରିଖରେ ଲିଖିତ ଦାବି ଜଣାଇଥିଲେ ପ୍ରଶାସନକୁ ଲ। ରେଳବୋର୍ଡ ଆଦେଶକୁ ଅମାନ୍ୟ କରି ପୂର୍ବତଟ ରେଳ ପ୍ରଶାସନ ଆଞ୍ଚଳିକ ଆଦେଶ ଦ୍ୱାରା ରନିଙ୍ଗ ଷ୍ଟାଫଙ୍କ ବଞ୍ଚିବା ମୁସ୍କିଲ କରି ସାରିଲେଣି ବୋଲି ମତବ୍ୟକ୍ତ କରିଛନ୍ତି। ରେଳପଥ ରନିଂଷ୍ଟାଫଙ୍କୁ ସଆୱାର୍ସ ଭଙ୍ଗ କରିବାକୁ ନିର୍ଦ୍ଧାରିତ ରନିଙ୍ଗରୁମ ବଦଳରେ ଛୋଟ ଛୋଟଷ୍ଟେସନ ମାନଙ୍କରେ ଥିବା ପରିତ୍ୟକ୍ତ ଗୃହରେ ଏକଘଣ୍ଟା ଦଶ ମିନିଟ ନାମକୁ ମାତ୍ର ବିଶ୍ରାମ ଦିଆଯାଉଛି। ସେଠାରୁ ହେଡ଼ କ୍ୱାର୍ଟରକୁ




ଫେରିବା ପାଇଁ ଡ୍ୟୁଟି ଦେବା ପରିବର୍ତ୍ତେ ପୁନଃ ଆଗକୁ ଗାଡି ଚଳାଇବାକୁ ବାଧ୍ୟ କରିବା ଦ୍ୱାରା ନିଜ ଘରକୁ ଫେରିବା ପାଇଁ ରନିଂ କର୍ମଚାରୀମାନଙ୍କୁ ୭୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ସୁରକ୍ଷା ଦୃଷ୍ଟିରୁ ଲଗାତାର ଚାରି ରାତି ରେଳଗାଡି ଚାଳନା ବନ୍ଦ କରିବା ଭଳି ରେଳବୋର୍ଡ ଆଦେଶ ପାଳନ ପୂର୍ବକ ଆସନ୍ତା ଏପ୍ରିଲ ୧୮ ତାରିଖ ସୁଧା ଆଞ୍ଚଳିକ ଆଦେଶ ପ୍ରତ୍ୟାହୃତ ନହେଲେ ଆମରଣ ଅନଶନ କରାଯିବ ବୋଲି ସଂଯୋଜକ ଶ୍ରୀ ଭଞ୍ଜଙ୍କ ସହ ବହୁ ନେତାଗଣ ଗଣମାଧ୍ୟମ ସମ୍ମିଳନୀ ଜରିଆରେ ରେଳପଥ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ବଣାଇଁ ଆଞ୍ଚଳିକ ଯୁବ ସଂସଦର ବାର୍ଷିକ ଉତ୍ସବ

ବଣାଇଁ,୧୧/୪(ନି.ପ୍ର): ବଣାଇଁ ଆଞ୍ଚଳିକ ଯୁବ ସଂସଦର ଅଷ୍ଟ ବିଂଶତମ ବାର୍ଷିକ ଉତ୍ସବ ବଣାଇଁ ରାଜା ଧରଣୀଧର ବହୁମୁଖୀ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ସ୍ଥାନୀୟ ଅଞ୍ଚଳର କଳାକାର ଓ ଯୁବ ସଂସଦର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଯୁବ ସଂସଦର ସଭାପତି ରଞ୍ଜିତ ଚୈଧୁରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଧର୍ମବୀର ଦାସ ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବଣାଇଁ ଅଞ୍ଚଳ ର ଶିକ୍ଷା କଳା ସଂସ୍କୃତି, ଯୁବ କବି ଏବଂ ଜନସେବା ରେ ଉତ୍କର୍ଷତା ଲାଭ କରିଥିବା ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସଂସଦ ତରଫରୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ହାସ୍ୟ ଅଭିନେତା ରାଜୁ ଦାସ (ସାହୁ ବାବୁ) ଏବଂ ଟେଲି ଧାରାବାହିକର ଅଭିନେତ୍ରୀ ମୋନାଲିସାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକମାନଙ୍କୁ ସମ୍ମୋହିତ କରିଥିଲା। ରାଜେନ୍ଦ୍ର ପ୍ରଧାନ,ସୂରଜ ପ୍ରତାପ ମାହାନ୍ତି, ଉମେଶ ସାହୁ,ଫିରୋଜ ଖାନ, ବଳଦେବ



ମାହାନ୍ତି, ହେମନ୍ତ ପାତ୍ର ,ଶୁଭେନ୍ଦୁ ମଲ୍ଲିକ, ରଣଜିତ ମୁଖି ପ୍ରମୁଖ କମିଟିର କାର୍ଯ୍ୟକର୍ତ୍ତା ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପାଦନ ହୋଇଥିଲା।

# କେବେ ଦୂରହେବ ଜାମକାନୀ କୋଇଲା ଖଣି ବିସ୍ଥାପିତଙ୍କ ଦୁଃଖ ?

ବଣାଇ,୧୧/୪(ନି.ପ୍ର): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଝାରପଲମ ପଞ୍ଚାୟତ ଏବେ ଖଣି ଖାଦାନରେ ବିସ୍ଥାପିତ ହେଉଛି। ଏହି ପଞ୍ଚାୟତରେ ଏବେ ଗିରିସିମା, ଜାମକାନି, ଝାରପଲମ ଓ ମେଣ୍ଡରା ଗ୍ରାମର ଲୋକେ ଜାମକାନୀ କୋଇଲା ଖଣି ଯୋଗୁଁ ବିସ୍ଥାପିତ ହେଉଥିବା ବେଳେ ଏହି ଗ୍ରାମ ବାସି ମାନଙ୍କ ମୁଖ୍ୟ ସମସ୍ୟା ଏବେ ବେକାର ଯୁବତୀ, ଯୁବକମାନଙ୍କ ନିଯୁକ୍ତି, ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଆଦି ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ଏହି ସମସ୍ୟା ମାନଙ୍କୁ ନେଇ ଅନେକ ଥର ଲୋକେ ଆନ୍ଦୋଳନ କରିଆସୁଥିବା ବେଳେ ଏମାନଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଅନେକ ଯୁବକ ଯୁବତୀ ନିଯୁକ୍ତି ଅଭାବରୁ ନିକଟସ୍ଥ



ଛତିଶଗଡ଼ର ରାଜ୍ୟକୁ ଯାଇ ରୋଜଗାର କରୁଛନ୍ତି। ଏପର୍ଯ୍ୟନ୍ତ ଅନେକ ଲୋକଙ୍କୁ କ୍ଷତିପୂରଣ ରାଶି ତଥା ଘରଗୁଡିକ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ ତଥା ଲୋକଙ୍କୁ ବିସ୍ଥାପିତ କରି କଲୋନୀ ତିଆରି କରି ଘର ପ୍ରଦାନ କରିବାରେ ବିଳମ୍ବ ହେଉଛି ଯାହାକୁ ନେଇ ବିସ୍ଥାପିତଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଏମଭି-୧୨୦ ବ୍ରିଜ ନିକଟ କେନାଲ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

## ଉଚ୍ଚସ୍ତରୀୟ ତଦନ୍ତ ଦାବୀ କଲେ ଅଞ୍ଚଳବାସୀ

ମାଲକାନଗିରି ୦୩-୦୪ ( ଖବର) ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ପୋଟେରୁ ଜଳ ସେଚନ ବିଭାଗ ପକ୍ଷରୁ ଗୋମ୍ପାକୋଣ୍ଡା କେନାଲର ଏମଭି -୧୨୦ ଗ୍ରାମ ନିକଟରେ ବ୍ରିଜର ଅପର ପାର୍ଶ୍ୱରେ ଥିବା ବନ୍ଧ ଉପରେ ହେଉଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ମହାଦୁର୍ନୀତି ହୋଇଥିବା କିଛି ଅଞ୍ଚଳବାସୀ ସେମାନଙ୍କର ନାମ ଗୋପନ ରଖିବାକୁ ଅନୁରୋଧ କରିବା ସହ ଏଭଳି ଏକ ସଂଗୀନ ଅଭିଯୋଗ ଆଣିଛନ୍ତି। ତେବେ ଅଞ୍ଚଳବାସୀଙ୍କ କହିବାନୁସାରେ ଉକ୍ତ ରାସ୍ତା କାର୍ଯ୍ୟରେ କେବଳ କ୍ରସର ମେଟେରିଆଲ ବ୍ୟବହାର କରିବାକୁ ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ରହିଥିବା ବେଳେ ଏହି ରାସ୍ତା କାର୍ଯ୍ୟରେ ନାମକୁ ମାତ୍ର ଅଳ୍ପ କିଛି ପରିମାଣର କ୍ରସର ମେଟାଲ ବିଛାଇ ସେଥିରେ ବେଆଇନ ଭାବେ ଅଧିକାଂଶ ସ୍ଥାନୀୟ ନାଳି ମାଟି ମିଶା ମେଟାଲକୁ ଉକ୍ତ ରାସ୍ତାରେ ବିଛାଇ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦିନ ଦିପହରେ ତା ଉପରେ ମୁରୁମ ବିଛାଇ ରୋଲର ଚଢା ଯାଉଥିବା ଭଳି ଘଟଣା ଦେଖିବାକୁ ମିଳିଛି। ତେବେ ଏହି କାର୍ଯ୍ୟର ତଦାରଖ ଦାଇତ୍ୱରେ ଥିବା ଅଧିକାରୀ ମାନେ ଏ ସମ୍ପର୍କରେ ସବୁ ଜାଣି ଶୁଣି ଠିକାଦାରଙ୍କୁ ଲୋକାଲ ମେଟାଲ ବିଛାଇବାକୁ ବାରଣ ନକରି କିପରି ଚୁପ ରହିଲେ ବୋଲି ଲୋକେ ଏଭଳି ପ୍ରଶ୍ନ କରିଛନ୍ତି। ତେବେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏଭଳି କାମ ହେଉଥିବା କିଛି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।ଯଦି ମୁଖ୍ୟ ରାସ୍ତା ପାଖରେ ହେଉଥିବା ରାସ୍ତା



ନିର୍ମାଣ କାର୍ଯ୍ୟରେ ଏଭଳି ଦୁର୍ନୀତି ହେଉଛି ତାହେଲେ ବିଭାଗ ପକ୍ଷରୁ ଅନ୍ୟାନ୍ୟ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କିପରି ହେଉଥିବ ଏଥିରୁ ସ୍ପଷ୍ଟ ଭାବେ ବାରି ହେଉଛି। ତେବେ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏହି ବ୍ରିଜର ଅପର ପାର୍ଶ୍ୱରେ ଥିବା କେନାଲ ବନ୍ଧ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ବହୁବାର ପୋଟେରୁ ଜଳ ସେଚନ ବିଭାଗ ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବୀ ଜଣାଇବା ପରେ ଉକ୍ତ କେନାଲ ବନ୍ଧ ରାସ୍ତା ନିର୍ମାଣ କରିବା ନିମନ୍ତେ କିଛି ମାସ ପୂର୍ବେ ବାଲିମେଳା ପୋଟେରୁ ଜଳ ସେଚନ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ତେବେ ଟେଣ୍ଡର ପ୍ରକ୍ରିୟା ସରିବା ପରେ ପ୍ରାୟ ୭ ଲକ୍ଷ୍ୟ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରିବା ପାଇଁ ଏମଭି -୧୫ ଗ୍ରାମର ଅମିତ ପାଉଲ ନାମକ ଜଣେ ଠିକାଦାରଙ୍କୁ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।ପ୍ରାୟ ଗତ ଏକ ସପ୍ତାହ ମଧ୍ୟରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏ ସମ୍ପର୍କରେ ଉକ୍ତ କାର୍ଯ୍ୟର ତଦାରଖ ଦାଇତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଦୀନବନ୍ଧୁ ପାତ୍ରଙ୍କୁ ଏବଂ ଏସଡିଓ ସୌମେନ କୁମାର ନାଥଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଯେ, ଉକ୍ତ ରାସ୍ତାରେ ଠିକାଦାର ବିଛାଇ ଥିବା ସମସ୍ତ ଲୋକାଲ ମେଟାଲ ଗୁଡିକୁ ଆଜି ଆମେ ସେଠାରୁ ବାହାର କରିଦେବୁ ବୋଲି କହିଥିଲେ। ତେବେ ଠିକାଦାର ଏହି ରାସ୍ତା କାମରେ ଲୋକାଲ ମେଟାଲ ବିଛାଇବା ସମ୍ପର୍କରେ ଏହି କାର୍ଯ୍ୟର ତଦାରଖ ଦାଇତ୍ୱରେ ଥିବା ଅଧିକାରୀମାନେ କିପରି ଜାଣି ପାରିଲେନି ବୋଲି ଜନ ସାଧାରଙ୍କ ମଧ୍ୟରେ ଏହାକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଏ ସମ୍ପର୍କରେ ପୋଟେରୁ ଜଳ ସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏଭଳି ଘଟଣାକୁ ଆଦୌ ବରଦାସ୍ତ କରାଯିବନାହିଁ । ଘଟଣାର ପୁଙ୍ଖାନୁ ପୁଙ୍ଖ ଭାବେ ତଦନ୍ତ କରାଯିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଆଶ୍ରମ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ତୁଷୁରା,୧୧/୪(ନି.ପ୍ର):ଶମ୍ଭୁ ପ୍ରସାଦ ସାହୁ: ଗୁଡ଼ଭେଲା ବ୍ଲକ୍ ଅନ୍ତର୍ଗତ ସରକାରୀ ଆଶ୍ରମ ବିଦ୍ୟାଳୟ ମହିପୁର ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ତୁଷୁରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତ ଚରଣ ଦାସ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ତୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ ଦାଶ, ସମ୍ମାନୀତ ଅତିଥି ଭାବରେ ସ୍ଥାନୀୟ ସିଆରସିସି ଜଗମୋହନ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ ଭୋଇ, ବଶିଷ୍ଠ ଶିକ୍ଷୟିତ୍ରୀ ନିଲୀମା ସାହୁ ଯୋଗଦେଇ ଥିଲେ । ବିଦ୍ୟାଳୟରେ ଶିକ୍ଷା ସହିତ କ୍ରୀଡ଼ା ଓ ସଂସ୍କୃତି ପ୍ରତି ସଚେତନ ଜରୁରୀ ଏହା ଉପସ୍ଥିତ



ଅତିଥିଙ୍କ ବକ୍ତବ୍ୟରେ ପରିପ୍ରକାଶ ହେଉଥିଲା। ମୁଖ୍ୟବକ୍ତା ତଥା ବିଶିଷ୍ଟ କବି ତାଙ୍କ ବକ୍ତବ୍ୟକୁ କବିତା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାକୁ ଅତି ସୁନ୍ଦର୍ ଭାବରେ ଶୁଣାଇଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥି ଗଣ ମାନପତ୍ର ସହ ମେଡାଲ ପ୍ରଦାନ କରି ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ମଧ ଉତ୍ତରୀୟ ସହ ସମ୍ବର୍ଦ୍ଧନା ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ପୁରନ ମେହେର ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟତ୍ରୀ ଅନସୂୟା ପାତ୍ର ଧନ୍ୟବାଦ୍ ଜ୍ଞାପନ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ସ୍ୱରୂପା ପାଢୀ ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ସଂଗ୍ରାହଳୟରେ ଓଡିଆ ପକ୍ଷ ପାଳିତ : ସମ୍ବଲପୁରୀ ବସ୍ତ୍ର ବ୍ୟବହାର ପ୍ରତି ରୁଚି ରହିବା ଆବଶ୍ୟକ

ବୌଦ୍ଧ ୧୧/୪(ନି.ପ୍ର): ବୌଦ୍ଧ ସ୍ଥିତ ଜିଲ୍ଲା ସଂଗ୍ରହାଳୟ ଠାରେ ଜିଲ୍ଲା ସ୍ତରୀୟ ଓଡିଆ ପକ୍ଷ ପାଳନ ସମାରୋହ ଅବସରରେ ପାରମ୍ପରିକ ପୋଷାକ ପରିଧାନ ଦିବସ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ପ୍ରଶାସନ ଓ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପାରମ୍ପରିକ ପୋଷାକ ପରିଧାନ କରିବାକୁ ଆହ୍ୱାନ କରିଥିଲେ । ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବିନାୟକ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜ଼ିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ- ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ,ସାହିତ୍ୟିକ ରମେଶ ପ୍ରସାଦ ମେହେର,ନୀଳ ଲୋହିତ ମହାପାତ୍ର,ପ୍ରଧାନ ଶିକ୍ଷକ, କମିରା ସରକାରୀ ଉଚ୍ଚ ବିଦ୍ୟାଳୟ ସୁଶାନ୍ତ କୁମାର ମହାପାତ୍ର,ଏସ. ଆର. ସି. ଏସ. ରଘୁନାଥ ପୁଝାରୀ, ବରିଷ୍ଠ ସାମ୍ବାଦିକ ସତ୍ୟ



ନାରାୟଣ ପାଣି ପ୍ରମୁଖ ଉପସ୍ଥିତ ରହି ଏହି ଦିବସ ର ତାତ୍ପର୍ଯ୍ୟ ବିଷୟ ରେ ନିଜ ନିଜ ଅଭିମତ ରଖିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅତିଥି ଏବଂ ବୁଣାକାର, ବୁଦ୍ଧିଜୀବୀ ପାରମ୍ପରିକ ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ । ରାଜ୍ୟ ସରକାର ଚଳିତବର୍ଷ ଓଡ଼ିଶା ଦିବସ ଠାରୁ ଓଡିଆ ନବ ବର୍ଷ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରୁଥିବା ବେଳେ ସମ୍ବଲପୁରୀ ହସ୍ତତନ୍ତ ପୋଷାକ ସାମଗ୍ରୀର ପ୍ରଚାର ପ୍ରସାର ଓ ବଜାର ସୃଷ୍ଟି ପାଇଁ ଆଜିକାର ଦିବସ ରେ ସମସ୍ତେ ପାରମ୍ପରିକ ପୋଷାକ ପରିଧାନ କରିବାକୁ ଅତିଥି ମାନେ ଆହ୍ୱାନ କରିଥିଲେ । ସମସ୍ତ ଜ଼ିଲ୍ଲା ସ୍ତରୀୟ, ବ୍ଲକ ସ୍ତରୀୟ କାର୍ଯ୍ୟାଳୟ ମାନଙ୍କରେ ମଧ୍ୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନେ ସମ୍ବଲପୁରୀ ପୋଷାକ ପରିଧାନ କରି ନିଜ ନିଜ କାର୍ଯ୍ୟାଳୟ ରେ ଆମ ପୋଷାକ ଆମ ପରମ୍ପରା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପରିଚାଳନା କରିଥିବା ବେଳେ ସି ଆର ସି ସି ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କଲ୍ୟାଣସିଂହପୁର-୧୧/୪(ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମାଠାରେ ଥିବାସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରମାକାନ୍ତ ପରିଚ୍ଛା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ ।ସମିତି ସଭ୍ୟା କୁନାକା ପଦ୍ମା,ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାପତି ଜି ରଜନୀ ସମ୍ମାନିୟ ଅତିଥି ଭାବେ ମଞ୍ଚାସିନ ରହିଥିଲେ । ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହକାରୀ ଶିକ୍ଷକ ଗାନ୍ଧୀ ପାଳ ମଞ୍ଚ ପରିଚାଳନା, ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ କ୍ରୀଡ଼ା ନିମନ୍ତେ କରାଯାଇଥିବା ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି । ଏହାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



# ଖୁବ୍ ଶୀଘ୍ର ତରକେରା ନିକଟକୁ ସ୍ଥାନାନ୍ତରିତ ହେବ ଡମ୍ପିଂ ୟାର୍ଡ଼ : ଆରଏମସି କମିଶନର

ବଣାଇ, ୧୧/୪(ନି.ପ୍ର): ରାଉରକେଲାବାସୀଙ୍କ ହିତକୁ ଦୃଷ୍ଟିରେ ରଖି ରାଉରକେଲା ମହାନଗର ନିଗମ ତରଫରୁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳ ସ୍ୱରୂପ ଦୀର୍ଘ ବର୍ଷ ଧରି ଛେଣ୍ଡ ଠାରେ ଥିବା ଡମ୍ପିଂ ୟାର୍ଡ଼କୁ ଖୁବ୍ ଶୀଘ୍ର ତରକେରା ନିକଟକୁ ସ୍ଥାନାନ୍ତରିତ କରାଯିବ। ଏଥି ନିମନ୍ତେ ଜାଗା ଚିହ୍ନଟ କରାଯାଇଥିବା ବେଳେ ଅନ୍ୟ ସମସ୍ତ ପ୍ରକ୍ରିୟା ଶେଷ କରାଯାଇ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ବହୁତ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ କିଛି ମାସ ଧରି ଡମ୍ପିଂ ୟାର୍ଡ଼ର ସ୍ଥାନାନ୍ତରଣ ପାଇଁ ମହାନଗର ନିଗମ ତରଫରୁ ଯୋଜନା ଚାଲିଥିଲା। ମହାନଗର ନିଗମ ଅଞ୍ଚଳରେ ସେଭଳି କୌଣସି ସରକାରୀ ଜାଗା ନଥିବାରୁ ଡମ୍ପିଂ ୟାର୍ଡ଼ ପାଇଁ ଏକ ଜାଗା ଯୋଗାଇ ଦେବା ନିମନ୍ତେ ଗତ ଜାନୁୟାରୀ ମାସରେ ରାଉରକେଲା ଇସ୍ପାତ କାରଖାନା ନିକଟକୁ ଚିଠି କରାଯାଇଥିଲା। ଚିଠି ପାଇବା ପରେ ଆରଏସପି ତ୍ୱରିତ ପଦକ୍ଷେପ ନେବା ସ୍ୱରୂପ, ତରକେରା ଠାରେ ଥିବା ୩ ଏକର ସରକାରୀ ଜମିକୁ ଡମ୍ପିଂ ୟାର୍ଡ଼ ନିମନ୍ତେ ବ୍ୟବହାର କରିବାକୁ ଅନୁମତି ଦେବା ସହ ଆରଏମସିକୁ ଗତ ଫେବ୍ରୁଆରୀ ମାସରେ ଏନଓସି ପ୍ରଦାନ କରିଥିଲା ବୋଲି କମିଶନର କହିଥିଲେ। ଏଥିସହ ଡମ୍ପିଂ ୟାର୍ଡ଼ ପାଇଁ ବ୍ୟବହୃତ ହେବାକୁ ଥିବା ନୂତନ ଜମି ସହର ବାହାରେ ଓ ଜନବସତି ଠାରୁ ଦୂରରେ ଥିବାରୁ ଲୋକମାନଙ୍କର କୌଣସି ସମସ୍ୟା ହେବ ନାହିଁ ବୋଲି କହିବା ସହ ଜାଗାଟି ଜାତୀୟ ରାଜପଥ ନିକଟରେ ଉକ୍ତ ସ୍ଥାନ ଥିବାରୁ ପରିବହନରେ ମଧ୍ୟ କୌଣସି ବାଧା ସୃଷ୍ଟି ହେବ ନାହିଁ ବୋଲି କମିଶନର ମତ ଦେଇଥିଲେ। ଆସନ୍ତା କିଛି ମାସ ମଧ୍ୟରେ ତରକେରା ନିକଟକୁ ଡମ୍ପିଂ ୟାର୍ଡ଼ ସ୍ଥାନାନ୍ତରିତ କରାଯିବ। ସହର ସ୍ୱଚ୍ଛ ରହୁ ଏବଂ ବର୍ଜ୍ୟବସ୍ତୁ ଗୁଡ଼ିକୁ ପ୍ରକ୍ରିୟାକରଣ କରାଯାଉ ଏହା ଆମ ଲକ୍ଷ୍ୟ ହୋଇଥିବାରୁ ସେଠାରେ ବୃହତ୍ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ମଧ ସ୍ଥାପନ କରାଯିବ। ସେଠାରେ ଅତ୍ୟାଧୁନିକ ମେସିନ୍ ଜରିଆରେ ଅଧିକରୁ ଅଧିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯିବ। ବର୍ତ୍ତମାନ ୨୦-୩୦ ପ୍ରତିଶତ ବର୍ଜ୍ୟବସ୍ତୁକୁ ଡମ୍ପିଂ ୟାର୍ଡ଼ରେ ଫୋପଡ଼ା ଯାଉଥିବା ବେଳେ ନୂତନ ଡମ୍ପିଂଙ୍ଗୟାର୍ଡ଼ରେ ୧୦ ପ୍ରତିଶତରୁ କମ୍ ବର୍ଜ୍ୟବସ୍ତୁ ଫୋପଡ଼ା ଯିବ ବୋଲି କହିବା ସହ ଏହି ପ୍ରକ୍ରିୟାକରଣ କେନ୍ଦ୍ରରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଯୁକ୍ତି ଦିଆଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏଥି ସହ ସେ କହିଥିଲେ ଯେ, ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ହେବ ରାଉରକେଲା ମହାନଗର ନିଗମ ଅଞ୍ଚଳରୁ ବାହାରୁଥିବା ବର୍ଜ୍ୟବସ୍ତୁ ଗୁଡ଼ିକୁ ଛେଣ୍ଡ ଠାରେ ଗଦା କରାଯାଉଛି। ଏହି ସବୁ ବର୍ଜ୍ୟବସ୍ତୁ ଗୁଡ଼ିକର ପ୍ରକ୍ରିୟାକରଣ ନିମନ୍ତେ ୨୦୨୨ ରୁ ବାୟୋ ମାଇନିଂ ଆରମ୍ଭ କରାଯାଇଥିବା ବେଳେ ୨ ଲକ୍ଷ ଟନ୍ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଶେଷ ହୋଇଛି। ଆଉ ବଳକା ୪୦-୫୦ ହଜାର ଟନ୍ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଚାଲିଛି , ଯାହା ଖୁବ୍ ଶୀଘ୍ର ଶେଷ ହୋଇଯିବ। ଏଥି ନିମନ୍ତେ ଦୁର୍ଗନ୍ଧ ବାହାରୁ ଥିବାରୁ ଆମେ ରାଉରକେଲାବାସୀଙ୍କ ନିକଟରେ କ୍ଷମା



ପ୍ରାର୍ଥନା କରୁଛୁ ବୋଲି ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି କହିବା ସହ ସ୍ଥାନାନ୍ତରଣ ପ୍ରକ୍ରିୟା ସମୟସାପେକ୍ଷ ହୋଇଥିବାରୁ ସମସ୍ତ ନାଗରିକ ଧୈର୍ଯ୍ୟ ରଖି ଆବଶ୍ୟକ ସହଯୋଗ ଯୋଗାଇବା ପାଇଁ ସେ ଅନୁରୋଧ କରିଥିଲେ। ଏତଦ୍ ବ୍ୟତୀତ ଛେଣ୍ଡ ଠାରେ ଥିବା ଡମ୍ପିଂୟାର୍ଡ଼ରୁ ସମସ୍ତ ବର୍ଜ୍ୟବସ୍ତୁ ଗୁଡ଼ିକୁ ବାୟୋ ମାଇନିଂ ମାଧ୍ୟମରେ ପ୍ରକ୍ରିୟାକରଣ କରାଯିବା ପରେ ଉକ୍ତ ସ୍ଥାନଟିର ପୁନଃରୁଦ୍ଧାର କରାଯିବ। ଉକ୍ତ ସ୍ଥାନଟିକୁ ସଫା କରାଯାଇ ସହର ଉନ୍ନୟନ ଯୋଜନା ଅନୁସାରେ ରାସ୍ତା ନିର୍ମାଣ ସହ ଲୋକଙ୍କ ହିତ ସାଧନ ନିମନ୍ତେ ବ୍ୟବହାର କରାଯିବ। ଏଥିସହ ଭବିଷ୍ୟତରେ ଏହି ସ୍ଥାନଟିକୁ ଘରୋଇ ତଥା ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ।

# ବୈତରଣୀ ସରକାରୀ ବିଦ୍ୟାଳୟରେ ବିଭିନ୍ନ ଉତ୍ସବ ପାଳିତ

କୋରେଇ,୧୧/୪(ନି.ପ୍ର): କୋରେଇ ବ୍ଲକସ୍ଥିତ ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଖଡିଛୁଆଁ ଓ ନାମଲେଖା ଦିବସ ସମେତ ଆମ ସଂସ୍କୃତି -ଆମ ଖେଳନା, ବେଟି ବଚାଓ -ବେଟି ପଢ଼ାଓ ଆଦି ତିନୋଟି ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବଦୁଲ ମୁସ୍ତକିମ ଖାନଙ୍କ ତତ୍ତ୍ୱାବଧାନରେ ବେଟି ବଚାଓ ବେଟି ପଢ଼ାଓ ଉତ୍ସବ ପାଳନ ପରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏଥିରେ ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବରୁଣ୍ଡେଇ ପୂର୍ବତନ ସରପଞ୍ଚ ଉଦୟନାଥ ପରିଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ପାତ୍ର ଯୋଗ ଦେଇ ପିଲାମାନଙ୍କୁ ଓଡିଶାର ସଂସ୍କୃତି,ଐତିହ୍ୟ ବିଷୟରେ ବୁଝାଇବା ସହିତ ପ୍ରବେଶ ଉତ୍ସବରେ ଆସିଥିବା ପିଲାମାନଙ୍କର ଏହି ଶିକ୍ଷ୍ୟା ବର୍ଷରେ ଭଲ ପାଠ ପଢ଼ି ସମସ୍ତେ ପ୍ରଥମ ହେବାକୁ



ଚେଷ୍ଟା କରିବା ପାଇଁ ପରାମର୍ଶ ଦେବା ସହିତ ଶିକ୍ଷକମାନଙ୍କୁ ମଧ ଉତ୍ସାହିତ କରିଥିଲେ, ଏହି ଅବସରରେ ଗତ ସମେଟିଭି -୧ ର ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା, ପରେ ପରେ କୁନି କୁନି ପିଲାମାନେ ଆଣିଥିବା ପ୍ରୋଜେକ୍ଟ ଦେଖି ଅତିଥି ମାନେ ସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ, ରମାକାନ୍ତ କାଣ୍ଡି, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଦେବବ୍ରତ ସ୍ୱାଇଁ ପରିଚାଳନା କରିଥିବା ବେଳେ ସ୍ମରଣିକା ବାରିକ,ଚମ୍ପାବତୀ ନାୟକ, ନିରଞ୍ଜନ ବାହାଲିଆ,ଲୋପାମୁଦ୍ରା ନାୟକ, ଅର୍ପିତା ସାହୁ ନମିତା ରାଣୀ ବୈଠରୁ, ଅପର୍ଣ୍ଣା ଦତ୍ତ, ଦୀପ୍ତି ଜେନା,ମନୋରଞ୍ଜନ ଘୋଡା, ପୂର୍ଣ୍ଣ ଚନ୍ଦ୍ର ଦାଶ ଅମିତ କୁମାର ବରାଳ, ସସ୍ମିତା ମହାପାତ୍ର,ଧର୍ମାନନ୍ଦ ସାହୁ, ଅଫିସ ପରିଚାଳକ ନୀଳାଦ୍ରି ଭୂଷଣ ଦାସ ଓ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ପୁଷ୍ପାରଞ୍ଜନ ସାହୁ, ଦେବାଶିଷ ବେହେରା, କାର୍ତିକ ଚନ୍ଦ୍ର ଦାଶ, ଅନୁରାଗ ପତି ସହଯୋଗ କରିଥିଲେ।

## ସଂପାଦକୀୟ

# କ୍ରୀଡ଼ାରେ ଧୈର୍ଯ୍ୟର ପରୀକ୍ଷା

କ୍ରୀଡ଼ାରେ ଧୈର୍ଯ୍ୟର ପରୀକ୍ଷା ପାଇଁ କ୍ରିକେଟ୍ ଟେଷ୍ଟ୍ ମ୍ୟାଚ୍ ବୋଧହୁଏ ସର୍ବାଧିକ ଶ୍ରେଷ୍ଠ ମାଧ୍ୟମ । ଏହି ଖେଳରେ ପ୍ରତିପକ୍ଷ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରନ୍‌ର ପିଛା କରି ମ୍ୟାଚ୍‌କୁ ଡ୍ର ରଖିବା ବା ତହିଁରେ ବିଜୟ ଲାଭ କରିବାକୁ ଅସମ୍ଭବ ନହେଲେ ସୁଦ୍ଧା କ୍ୱଚିତ୍ ଏକ ସାଧାରଣ କଥାର ପର୍ଯ୍ୟାୟଭୁକ୍ତ କରାଯାଇପାରେ । ଆଉ ଭାରତୀୟ କ୍ରିକେଟ୍ ଟିମ୍ ଯେ ଏହି ପରୀକ୍ଷାରେ ସଫଳତାର ସହିତ ଉତୀର୍ଣ୍ଣ ହୋଇଛି, ତାହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ବ୍ରିସ୍‌ବେନ୍‌ର ଗାବାଠାରେ ମଙ୍ଗଳବାର ଦିନ ଭାରତୀୟ କ୍ରିକେଟ୍ ଟିମ୍‌ର ଋଷଭ ପନ୍ତ୍‌ଙ୍କ ବିଜୟ ପ୍ରଦାନକାରୀ ଚଉକା ଏହାର ପ୍ରମାଣ । ବିଶ୍ୱର ଶକ୍ତିଶାଳୀ କ୍ରିକେଟ୍ ଟିମ୍ ଭାବରେ ବିଦିତ ଅଷ୍ଟ୍ରେଲିଆ ସହିତ ଚାରି ମ୍ୟାଚ୍‌ବିଶିଷ୍ଟ ବର୍ଡରଗାଭାସ୍କର ଟ୍ରଫିରେ ଭାରତର ବିଜୟ ଅନେକ ଦୃଷ୍ଟିରୁ ଅବିସ୍ମରଣୀୟ । କହିବାର ତାତ୍ପର୍ଯ୍ୟ- ଏକ କ୍ରିକେଟ୍ ମ୍ୟାଚ୍‌ରେ ସ୍କୋର ଯେତେ ହେଉ, ପରିସ୍ଥିତି ଯେମିତି ହେଉ, ଇନିଂସ୍‌ର ପ୍ରଥମ ବଲ୍ ବୋଲିଂ ହେବା ପୂର୍ବରୁ ଲକ୍ଷ୍ୟ ହାସଲ କରିବା ପାଇଁ ମନ ସ୍ଥିର କରି ଉଦ୍ୟମ କରିବା ସବୁବେଳେ ଖେଳାଳିମାନଙ୍କ ସମ୍ମୁଖରେ ରହିଥାଏ । ଏବଂ ଦଳର କ୍ୟାପ୍‌ଟେନ୍‌ଙ୍କ ପାଇଁ, ପ୍ରତି ଖେଳାଳିଙ୍କ ପାଇଁ ତଥା ଦଳ ପାଇଁ ଏହି ମ୍ୟାଚ୍‌କୁ ଖେଳି ସମ୍ମୁଖ ଭାଗର ବୋଲରଙ୍କୁ ଧୈର୍ଯ୍ୟର ସହିତ ମୁକାବିଲା କରି ବିଜେତା ନହେଲେ ନାହିଁ, ମ୍ୟାଚ୍‌କୁ ଡ୍ର ରଖିବାକୁ ଚେଷ୍ଟା କରିବା ଉଦ୍ଦେଶ୍ୟ ହୋଇଥାଏ । କିନ୍ତୁ ଗାବା ଟେଷ୍ଟରେ ଭାରତୀୟ ଟିମ୍‌ର ଯୁବ ଖେଳାଳିମାନେ ଅନ୍ୟ କିଛି ଚିନ୍ତା କରିଥିଲେ ଯେଉଁଥିପାଇଁ ଆଜକୁ ପ୍ରାୟ ମାସେ ପୂର୍ବେ ଯେଉଁ ଭାରତୀୟ ସମ୍ବାଦପତ୍ରଗୁଡ଼ିକ ସେମାନଙ୍କର ସମ୍ପାଦକୀୟରେ ଆଡିଲେଡ୍ ଟେଷ୍ଟ୍‌ରେ ମାତ୍ର ୩୬ ରନ୍‌ରେ ଅଲ୍ ଆଉଟ୍ ହୋଇ ଯାଇଥିବା ଟିମ୍‌ର ଅଧୋଗତି ସମ୍ପର୍କରେ ନିନ୍ଦା କରି ଲେଖିଥିଲେ, ସେଗୁଡ଼ିକ ଆଜି ଟିମ୍‌ର କୃତିତ୍ୱକୁ ନେଇ ପ୍ରଶଂସାରେ ଶତମୁଖ, ଯାହାର ପ୍ରକୃତ ହକ୍‌ଦାର ଟିମ୍ ଇଣ୍ଡିଆ । କେବଳ ଏତିକି ନୁହେଁ, ସେତେବେଳେ ତ ବିଶ୍ୱର ପ୍ରାୟ ସବୁ ସମ୍ବାଦପତ୍ର ଭବିଷ୍ୟବାଣୀ କରିଥିଲେ ଯେ ଅଷ୍ଟ୍ରେଲୀୟ ଟିମ୍ ଚାରିଟିଯାକ ମ୍ୟାଚ୍‌କୁ ଜିତି ଭାରତୀୟ ଟିମ୍‌କୁ ଧୂଳି ଚଖାଇବ । କାରଣ, ଭାରତୀୟ ଟିମ୍‌ରେ ନଥିଲେ ମହାନ ବ୍ୟାଟସ୍‌ମ୍ୟାନ୍ ବିରାଟ କୋହଲି; ଟିମ୍‌ର ପ୍ରାୟ ଅଧା ସଂଖ୍ୟକ ଖେଳାଳି ଆହତ ସମସ୍ୟାରେ ଜର୍ଜରିତ । ତଥାପି କାମଚଳା ଅଧିନାୟକ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ଭାରତ ମେଲ୍‌ବୋର୍ଣ୍ଣରେ ଦ୍ୱିତୀୟ ଟେଷ୍ଟରେ ବିଜୟ ଲାଭ କରିବା ସହିତ ଅସୀମ ଧୈର୍ଯ୍ୟର ପରୀକ୍ଷା ଦେଇ ସିଡ୍‌ନୀରେ ତୃତୀୟ ଟେଷ୍ଟ୍‌କୁ ଡ୍ର ରଖିଥିଲା ଏବଂ ଗାବାରେ ଚତୁର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ଦ୍ୱାରା ବିଜୟ ପାଇଁ ତା' ସମ୍ମୁଖରେ ଖେଳର ଶେଷ ଦିନରେ ଧାର୍ଯ୍ୟ କରାଯାଇଥିଲା ୩୨୮ ରନ୍‌ର ଲକ୍ଷ୍ୟ, ଯାହାକୁ ଅତିକ୍ରମ କରି ଭାରତ ତଥା କ୍ରିକେଟ୍‌ପ୍ରେମୀଙ୍କ ପାଇଁ ଆଣି ଦେଇଛି ଆନନ୍ଦର ଲହରୀ । ଏହି ମ୍ୟାଚ୍‌ର ଅନ୍ତିମ ଦିବସରେ ପ୍ରଥମରୁ ହିଁ ଭାରତୀୟ ଟିମ୍ କିଛି ନୂଆ କରିବାକୁ ଯାଉଛି ବୋଲି ବାରି ହୋଇ ଯାଇଥିଲା ଓପନର ସୁବ୍‌ମନ୍ ଗିଲ୍‌ଙ୍କ ଦୃଢ଼ ଆଖିର ଚମକରୁ ଯେତେବେଳେ ସେ ସ୍କୋରବୋର୍ଡକୁ ଗତିଶୀଳ କରି ରଖିବା ପାଇଁ କଭର୍ ଦେଇ ଖେଳିଥିଲେ ସଟ୍; ବାରି ହୋଇ ପଡ଼ିଥିଲା ଚେତେଶ୍ୱର ପୂଜାରାଙ୍କ ଅଷ୍ଟ୍ରେଲୀୟ ବୋଲରଙ୍କୁ ଦୃଢ଼ତାର ସହିତ ମୁକାବିଲା କରିବାର ନିର୍ଣ୍ଣୟରୁ, ଯେତେବେଳେ ସେ ନିଜ ଶରୀରରେ ବଲ୍ ବାଜିଲେ ସୁଦ୍ଧା ମନେ ହେଉଥିଲେ ଅବିଚଳିତ । ଏସବୁ ତ ଦେଖି ହେଉଥିଲା, କିନ୍ତୁ କ୍ୱଚିତ୍ ବିଶ୍ୱାସ କରି ହେଉଥିଲା ଯେ ଏହି ଯୁବ ଖେଳାଳିମାନେ ପ୍ରତିପକ୍ଷଙ୍କର ଦୃଢ଼ ମୁକାବିଲା କରି ପାରିବେ ବେଶୀ କ୍ଷଣ । କିନ୍ତୁ ତାହା ହୋଇଥିଲା ଏବଂ ସେଥିପାଇଁ ଆଜି ଭାରତୀୟ ଟିମ୍ କେବଳ ଭାରତର କ୍ରିକେଟ୍‌ପ୍ରେମୀଙ୍କ ମହଲରେ ନୁହେଁ, ସାରା ବିଶ୍ୱରେ ଭୂରି ଭୂରି ପ୍ରଶଂସା ପାଉଛି । ଗାବା ଟେଷ୍ଟରେ ଟିମ୍ ଇଣ୍ଡିଆର ଯୁବ ବାହିନୀ ପ୍ରତିପାଦିତ କରି ଦେଇଥିଲା ଯେ ଏହା ଶିମିଳି ତୂଳା ନୁହେଁ, କଠୋର ଲୁହାରେ ତିଆରି, ଯେହେତୁ ଏତେବେଳକୁ ଏହା ସବୁ ମ୍ୟାଚ୍‌ରେ କିଛି ନା କିଛି ନୂଆ ପରୀକ୍ଷା କରି ସାରିଥିଲା- ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ । ମଙ୍ଗଳବାର ଦିନ ପ୍ରହାରକାରୀ ବ୍ୟାଟ୍‌ସ୍‌ମ୍ୟାନ୍ ଥିଲେ ଋଷଭ ପନ୍ତ୍ । ତାଙ୍କର ଅପରାଜିତ ୮୯ ରନ୍ ଯାହା ମ୍ୟାଚ୍‌ରେ ବିଜୟ ଲାଭ କରିବାର ଇନିଂସ୍ ଦୃଷ୍ଟିରୁ ହୁଏତ ସାମାନ୍ୟ ଅନାକର୍ଷଣୀୟ ମନେହେଲେ ସୁଦ୍ଧା ବର୍ତମାନ ସମୟରେ ତାହା କୋଲ୍‌କାତାରେ ଭିଭିଏସ୍ ଲକ୍ଷ୍ମଣଙ୍କ ୨୮୧ ରନ୍, ଆଡିଲେଡ୍‌ରେ ରାହୁଲ ଦ୍ରାବିଡଙ୍କ ୨୩୩ ରନ୍ ଏବଂ ସୁନିଲ ଗାଭାସ୍କରଙ୍କ ୧୦୨, ଗୁଣ୍ଡାପ୍ପା ବିଶ୍ୱନାଥଙ୍କ ୧୧୨ ତଥା ମହିନ୍ଦର ଅମରନାଥଙ୍କ ୮୫ ରନ୍ ସହିତ ତୁଳନୀୟ ହୋଇ ଯାଇଛି ।

# ସାମ୍ପ୍ରଦାୟିକ ପନ୍ଥବାଦୀ ଚେତନା ଓ ଉତ୍କଳଗୌରବ ମଧୁସୂଦନ



**ଅଂଶୁମାନ ମହାରଣା**

ଓଡ଼ିଆ ଜାତୀୟତାବାଦର ଭୀଷ୍ମ ପିତାମହ ଭାବରେ ପରିଚିତ ଶ୍ରଦ୍ଧେୟ ମଧୁବାବୁ ଖଣ୍ଡବିଖଣ୍ଡିତ ଉତ୍କଳ ଜନନୀକୁ ଏକତ୍ର କରାଇବା ଲାଗି ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ, ସେଇ ସଂଗ୍ରାମ କାରଣରୁ ଜୀବିତ ଅଛି ଓଡ଼ିଆ ବିଶେଷଧାରୀ ଜାତି । ଅସ୍ତିତ୍ୱ ହରାଇ ବିଚ୍ଛିନ୍ନାଂଚଳ ପାଲଟି ଯାଇଥିବା ଓଡ଼ିଶାକୁ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରିବାରେ ସେ ସଫଳ ହେଲେ ସତ ମାତ୍ର ସେଇ ପୂର୍ଣ୍ଣାଙ୍ଗ ଓଡ଼ିଶାକୁ ସ୍ୱଚକ୍ଷୁରେ ଦେଖିବା ତାଙ୍କ ଭାଗ୍ୟରେ ନଥିଲା । ୦୪ ଫେବୃଆରୀ ୧୯୩୪ ମସିହାରେ ଇହଧାମ ତ୍ୟାଗ କରିଥିଲେ ମଧୁବାବୁ । ଉତ୍କଳ ଗୌରବ ଭଳି ମହାନ ଯଶ ଉପାଖ୍ୟଧାରୀ ହେଲେ ସିନା କିନ୍ତୁ ତାଙ୍କର ସାମ୍ପ୍ରଦାୟିକ ପନ୍ଥବାଦୀ ଚେତନାକୁ ସୃଷ୍ଟି ହୁଏ ପ୍ରଶ୍ନବାଚୀ । ଉତ୍କୃଷ୍ଟ କଳାର ଦେଶ ଉତ୍କଳ, ଯାହାର ମୁରବୀ ସ୍ୱୟଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ମାତ୍ର ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ହିନ୍ଦୁ ସାଂସ୍କୃତିକ ପରମ୍ପରାର ଗନ୍ତାଘର ପବିତ୍ର ଉତ୍କଳ ମାଟିର ନବନିର୍ମାଣର ସୂତ୍ରଧର ମଧୁସୂଦନ ଦାସ ପରିତ୍ୟାଗ କରିଥିଲେ ହିନ୍ଦୁ ଧର୍ମ । ଖ୍ରୀଷ୍ଟିଆନ ଧର୍ମାନ୍ତରିତ ହୋଇଥିଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ । ଯଦିଓ ନୈଷ୍ଠିକ ମୌଳବାଦୀ ମାନେ ମଧୁବାବୁଙ୍କୁ ବିରୋଧ କରି ଏହି ପ୍ରସଙ୍ଗରେ ଓଡ଼ିଆ ଜାତୀୟତାବାଦୀ ମାନଙ୍କୁ ଘେରିଥାନ୍ତି ତଥାପି ବି ଓଡ଼ିଆଙ୍କ ମନରେ ଆଜିବି ଏହି ପ୍ରଶ୍ନ ଉଙ୍କିମାରେ ଏମିତି କଣ ହେଲା ଯେଉଁଥି ପାଇଁ ମଧୁବାବୁ ଗ୍ରହଣ କରିଥିଲେ ଖ୍ରୀଷ୍ଟଧର୍ମ ? ମଧୁବାବୁ କାହିଁକି ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ, ଏ ସମ୍ପର୍କରେ ସବିଶେଷ ବିବରଣୀ ମିଳେ ଐତିହାସିକ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ "ଶତାବ୍ଦୀର ସୂର୍ଯ୍ୟ" ଗ୍ରନ୍ଥରେ । ଅତ୍ୟନ୍ତ ଧର୍ମନିରପେକ୍ଷବାଦୀ ମଧୁବାବୁଙ୍କ ମତରେ ମାନବିକତାର ବିକାଶରେ ଯାହା ସହାୟକ ହୁଏ ତାହା ହିଁ ଧର୍ମର ପ୍ରକୃତ ସଂଜ୍ଞା । ଇଂରେଜ ମାନଙ୍କ ଓଡ଼ିଶା ଆଗମନ ପୂର୍ବରୁ ଯେବେ ଉଭୟ ମୋଗଲ ଓ ମରହଟ୍ଟା ମାନଙ୍କ ଦ୍ୱାରା ଶାସିତ ହେଉଥିଲା, ସେମାନଙ୍କର ଅତ୍ୟଧିକ ନୈଷ୍ଠିକ ଧର୍ମାନ୍ଧତା ସାଜିଥିଲା ଓଡ଼ିଶା ପାଇଁ ମହାକାଳ । ପଠାଣ ସୁଲତାନ, ମୋଗଲ ଶାସକ ମାନେ ଅଣମୁସଲମାନଙ୍କ ଠାରୁ ଯେଉଁ ଜିଜିଆ ତୀର୍ଥଯାତ୍ରୀ କର ନେଉଥିଲେ ସେଥିରୁ ବାଦ ପଡ଼ିନଥିଲା ପୁରୀ ଶ୍ରୀମନ୍ଦିର । ଛତ୍ରପତି ଶିବାଜୀଙ୍କ ଦେହାବସାନ ପରେ ଅତ୍ୟନ୍ତ ସ୍ୱେଚ୍ଛାଚାରୀ ହୋଇ ପଡ଼ିଥିବା ମରହଟ୍ଟା ମଧ୍ୟ କର ଆଦାୟରେ ପଠାଣ ମୋଗଲଙ୍କୁ ବଳି ପଡ଼ିଥିଲେ । ଫକୀରମୋହନଙ୍କ ଲଛମା ଉପନ୍ୟାସରେ ମରହଟ୍ଟା ମାନଙ୍କ ଅଠରନଳା ଘାଟିରେ ହେଉଥିବା କର ଆଦାୟ ସମ୍ପର୍କରେ ସୂଚନା ମିଳେ । ଅବଶ୍ୟ ସେସମୟରେ ସମଗ୍ର ହିନ୍ଦୁକୂଳ ମଧ୍ୟ କୁସଂସ୍କାର ଭିତରେ ବୁଡ଼ି ରହିଥିଲା । ଏଣେ ଇଂରେଜ ମାନେ ବି ଚଢାଦରରେ କର ନେବା ଆରମ୍ଭ କରିବାରୁ ଓଡ଼ିଶାର ଅର୍ଥନୀତିରେ ପଡ଼ିଥିଲା ପ୍ରତିକୂଳ ପ୍ରଭାବ । ନଅଙ୍କ ଦୁର୍ଭିକ୍ଷର କରାଳ ଦୃଶ୍ୟ ମଧୁବାବୁଙ୍କୁ ବ୍ୟଥିତ କରିଥିଲା । ଓଡ଼ିଶାର ଅର୍ଥନୀତିରେ ସୃଷ୍ଟି ହୋଇଥିବା ପ୍ରତିକୂଳ ପରିସ୍ଥିତି ପାଇଁ ସୁଲତାନ, ମୋଗଲ ଏବଂ ମରହଟ୍ଟା ମାନଙ୍କୁ ଦାୟୀ କରିଥିଲେ । ଉଭୟ ଧର୍ମର ଧର୍ମାନ୍ଧତାକୁ ଗଭୀର ଭାବରେ ଘୃଣା କରିଥିଲେ ମଧୁବାବୁ । ଧାର୍ମିକ କୁସଂସ୍କାର ମଧୁବାବୁଙ୍କ ମନରେ ଆଙ୍କି ଦେଇଥିଲା ସାମ୍ପ୍ରଦାୟିକ ପନ୍ଥବାଦ ପ୍ରତି ଖରାପ ଚିତ୍ର ।

ଖ୍ରୀଷ୍ଟଧର୍ମ ପ୍ରତି ମଧୁବାବୁଙ୍କର ଆଗ୍ରହ ବଢେ ବାଲେଶ୍ୱରରେ ଶିକ୍ଷକତା କରୁଥିବା ସମୟରେ । ଉଚ୍ଚଶିକ୍ଷା ସେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ମାତ୍ର ଦୁଇ ଟଙ୍କ ଦରମାରେ ଶିକ୍ଷକତା କରୁଥିବା ମଧୁବାବୁ ଗଡ଼ଗଡ଼ିଆ ଘାଟରେ ସନ୍ଧ୍ୟା ବେଳିଆ ଯେଉଁ ଆଲୋଚନାରେ ବସୁଥିଲେ ସେଇଥିରୁ ଖ୍ରୀଷ୍ଟଧର୍ମ ସମ୍ପର୍କରେ ସକରାତ୍ମକ ଅବଗତ ହୋଇଥିଲେ । କଲିକତାରେ ଏଫ୍,ଏ. ପଢୁଥିବା ସମୟରେ ମଧୁସୂଦନ ଗୁରୁ ଅମ୍ବିକା ପ୍ରସାଦ ହାଜରାଙ୍କ ସହ ନିୟମିତ ଯାଉଥିଲେ ବାଇବେଲ କ୍ଲାସ । ତାଙ୍କୁ ବହୁବାର ଖ୍ରୀଷ୍ଟିଆନ ହେବା ପାଇଁ ଗୁରୁ ଅମ୍ବିକା ପ୍ରସାଦ ପରାମର୍ଶ ଦେଇଥିଲେ । ସେତେବେଳର କୁସଂସ୍କାରଗ୍ରସ୍ତ ହିନ୍ଦୁ କୂଳକୁ ଚଟକଣା ପକାଇବା ପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ ଏକ ଉଦ୍ଦେଶ୍ୟ ମୂଳକ ଉପଚାର ମାତ୍ର । ଖ୍ରୀଷ୍ଟଧର୍ମ ଗ୍ରହଣ ସେସମୟରେ ଏକ ଫେଶନ ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଏଫ୍,ଏ. ପାସ କରି ବି.ଏ. ରେ ନାମ ଲେଖାଇଥିବା ମଧୁସୂଦନଙ୍କ ଖ୍ରୀଷ୍ଟଧର୍ମ ଗ୍ରହଣ ସମ୍ପର୍କରେ ଉତ୍କଳ-ଦୀପିକାରେ ବାହାରିଥିବା ସମ୍ବାଦ ପଢିବା ପରେ କ୍ଷୁବ୍ଧ ଥିବା ପିତା ଚୌଧୁରୀ ରଘୁନାଥ ଦାସ ପୁତ୍ର ସହ ଯେମିତି ଛିଣ୍ଡାଇ ସାରିଥିଲେ ସବୁ ସମ୍ପର୍କ । ପ୍ରିନସିପାଲ ଜେ ବି ଅଷ୍ଟନ ପିତାମାତାଙ୍କ ଅଜ୍ଞାତସାରରେ ଧର୍ମାନ୍ତରିତ ହେବା ପାଇଁ ଅନୁମତି ନ ଦେବାରୁ ଖ୍ରୀଷ୍ଟିଆନ ହେବା ପାଇଁ ପ୍ରାୟତଃ ମନସ୍ଥ କରି ସାରିଥିବା ମଧୁବାବୁ ପରିବାରକୁ ଅବଗତ କରାଇବା ନିମନ୍ତେ ଖ୍ରୀଷ୍ଟଧର୍ମ ଗ୍ରହଣ ନିଷ୍ପତି ନେଇ ପଠାଇଥିଲେ ଚିଠିଟିଏ । ବୋଉ ପାର୍ବତୀ ଦେବୀଙ୍କ ଅନୁରୋଧ କ୍ରମେ ମଧୁସୂଦନଙ୍କୁ ଫେରାଇ ଆଣିବାକୁ କଲିକତା ଯାଇଥିଲେ ଚୌଧୁରୀ ରଘୁନାଥ । ନଛୋଡ଼ବନ୍ଧା ମଧୁସୂଦନ କିଛି ମାନିବାକୁ ନାରାଜ ହେବାରୁ ପିତା ଫେରି ଆସିଥିଲେ ନିଜର ଜ୍ୟେଷ୍ଠପୁତ୍ରକୁ କୁଳାଙ୍ଗାର ଉପାଧି ପ୍ରଦାନ ସହ ତ୍ୟଜ୍ୟପୁତ୍ର କରି । ନିଜ ନିଷ୍ପତିରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ହେତୁ ମଧୁବାବୁଙ୍କୁ ପରିବାର ଠାରୁ ଅଲଗା ହେବାକୁ ପଡ଼ିଥିଲା । ଏପରିକି ସ୍ନେହମୟୀ ଜନନୀ ପାର୍ବତୀ ଦେବୀ ମଧ୍ୟ ପାଖକୁ ଯାଇ ପାରୁନଥିଲେ । ଦୂରରୁ ଦେଖି ଯାଉଥିଲେ ଗେ୍ଲହାପୁଅ ଗୋବିନ୍ଦକୁ । ପିତାଙ୍କ ଠାରୁ କୁଳାଙ୍ଗାର ଉପାଧି ପାଇବା ସହ ତ୍ୟଜ୍ୟପୁତ୍ର ହୋଇଥିବା ଖ୍ରୀଷ୍ଟିଆନ ମଧୁସୂଦନ ଯେ ଦିନେ ହିନ୍ଦୁଧର୍ମର ସର୍ବଶ୍ରେଷ୍ଠ ଧାମ ପୁରୀ ଶ୍ରୀମନ୍ଦିରର ଅଧିକାରକୁ ବ୍ରିଟିଶ କବଳରୁ ଛଡ଼ାଇ ଆଣି ପୁଣି ଗଜପତି ମହାରାଜାଙ୍କ ହାତରେ ନ୍ୟସ୍ତ କରିଥିଲେ, ଏ ବିଶ୍ୱାସ ତତକାଳୀନ ଓଡ଼ିଶାରେ କାହାରି ନ ଥିଲା । ପୁରାତନ ଉତ୍କଳ ତଥା ଆଜିର ଓଡ଼ିଶାର ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପୁରୀ ଶ୍ରୀମନ୍ଦିର ଉପରେ ମୋଗଲ ମରହଟ୍ଟା ମାନଙ୍କ ଭଳି ବ୍ରିଟିଶ ସରକାରଙ୍କ ମଧ୍ୟ ପଡ଼ିଥିଲା ଲୋଲୁପ ଦୃଷ୍ଟି । ଇଂରେଜ ମାନେ ମଧ୍ୟ ରାଜସ୍ୱ ଲୋଭରେ ତତକାଳୀନ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କୁ ମିଥ୍ୟା ହତ୍ୟା ଅଭିଯୋଗରେ ଫସାଇ କଳାପାଣି ସଜା ପରେ ସହଜରେ ଶ୍ରୀମନ୍ଦିରକୁ ନିଜ ଅଧିକାରକୁ ନେଇଗଲେ ବ୍ରିଟିଶ ସରକାର । ନିକଟରେ ଘଟିଯାଇଥିବା ଝାନସୀ, ଗ୍ୱାଲିଓର ରାଜ୍ୟର ଅବସ୍ଥା ଆଶଙ୍କା କରି ଦିବ୍ୟସିଂହଦେବଙ୍କ ମାତା ସୂର୍ଯ୍ୟମଣି ପାଟମହାଦେଈ ତାଙ୍କର ନାବାଳକ ପୁତ୍ର ମୁକୁନ୍ଦଦେବଙ୍କୁ ଗଜପତି ଭାବରେ ରାଜ୍ୟାଭିଷେକ କଲେ । ମାତ୍ର ଏହାକୁ ପ୍ରତ୍ୟାଖ୍ୟାନ କରି ଶ୍ରୀମନ୍ଦିରକୁ ନିଜ ଅଧିକାରକୁ ନେଇ ଜଣେ ରିସିଭରଙ୍କୁ ନିଯୁକ୍ତ କରିଥିଲେ ବ୍ରିଟିଶ ସରକାର । ଇଂରେଜଙ୍କ ଅଧିକାରକୁ ଆସିବା ପରେ ଶ୍ରୀମନ୍ଦିର ପରମ୍ପରା କ୍ଷୁର୍ଣ୍ଣ ହେବାରୁ ଆର୍ଥିକ ଅନଟନ ଦେଇ ଗତି କରୁଥିବା ସୂର୍ଯ୍ୟମଣି ପାଟମହାଦେଈ ମଧୁବାବୁଙ୍କୁ ଅନୁରୋଧ କରିଥିଲେ ଏ କ୍ଷେତ୍ରରେ ଆଇନଗତ ସହଯୋଗ ପାଇଁ । ସିପାହୀ ବିଦ୍ରୋହ, ଝାନସୀ ତଥା ଓଡ଼ିଆ ପୁଅ ଚାଖି ଖୁଂଟିଆଙ୍କ ପ୍ରସଙ୍ଗ ମଧୁବାବୁଙ୍କ କାନରେ ପଡ଼ିଥିଲା । ତେଣୁ ବିଳମ୍ବ ନକରି କଲିକତା ହାଇକୋର୍ଟରେ ପିଟିସନ ଦାଖଲ କରିବା ସହ ମାମଲା ଲଢିବା ପାଇଁ ବ୍ରିଟିଶ ଓକିଲଙ୍କୁ ନିଯୁକ୍ତି କରିଥିଲେ ମଧୁବାବୁ ।

କଲିକତା ହାଇକୋର୍ଟରେ ମଧୁବାବୁଙ୍କ ଶ୍ରୀମନ୍ଦିର ପିଟିସନ ଦାଖଲ କରିବା ମାମଲା ଯିଏ ଶୁଣିଲା ସିଏ ତାଙ୍କୁ ପାଗଳର ଆଖ୍ୟା ଦେଲା । ପ୍ରସଙ୍ଗଟି ଥିଲା ହିଁ ସେମିତି, କାହିଁକିନା ବ୍ରିଟିଶ ନିୟନ୍ତ୍ରଣରେ ଥିବା ଅଦାଲତ ଯେ ବ୍ରିଟିଶ ସରକାର ବିପକ୍ଷରେ ରାୟ ଦେବ ଏ ବିଶ୍ୱାସ କାହାର ବି ନଥିଲା । ଶ୍ରୀମନ୍ଦିର ପିଟିସନ ମାମଲା ପ୍ରତି ସମସ୍ତଙ୍କର ସନ୍ଦେହ ଥିବା ବେଳେ କେବଳ ସୂର୍ଯ୍ୟମଣି ପାଟମହାଦେଈଙ୍କ ସମର୍ଥନ ହିଁ ମଧୁବାବୁଙ୍କୁ ଯୋଗାଇଥିଲା ଅସୀମିତ ଆଗ୍ରହ ଓ ଜିଦ । ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ମଧ୍ୟ ଓଡ଼ିଶା ଇତିହାସ ଓ ସଂସ୍କୃତିର ମୂର୍ତିମନ୍ତ ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତି ଅତୁଟ ରହିଥିଲା । ତେଣୁ ଶିକ୍ଷିତ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ତଥା ତାଙ୍କୁ ପାଗଳ ବୋଲି ସମ୍ବୋଧନ କରୁଥିବା ସମସ୍ତଙ୍କ ଉଦ୍ଦେଶ୍ୟରେ ମଧୁବାବୁ ଉତ୍କଳ-ଦୀପିକାର ସମ୍ପାଦକଙ୍କୁ ପତ୍ର ସ୍ତମ୍ଭରେ ଦୁଇଟି ପତ୍ର ପ୍ରକାଶନ କରି ଶ୍ରୀମନ୍ଦିର ପିଟିସନ ସପକ୍ଷରେ ନିର୍ମାଣ କରିଥିଲେ ଆଧାର । ସେକେଣ୍ଡ ହ୍ୟାଣ୍ଡ ତଥ୍ୟ ସଂଗ୍ରହକୁ ଘୃଣା କରୁଥିବା ହେତୁ ସକାଳ ବୁଲା ସମୟରେ ରାସ୍ତାରେ ଗଡୁଥିବା ଛିଣ୍ଡା ଟୁକୁରା କାଗଜ ସବୁକୁ ଗୋଟାଇବାରେ ମାହିର ମଧୁବାବୁ ସଂଗ୍ରହ କରୁଥିଲେ ଜନମତ ଗୁଡ଼ିକର ଅଂଶବିଶେଷ । ଶ୍ରୀମନ୍ଦିର ପିଟିସନ ସପକ୍ଷରେ ସଂଗ୍ରହର ଏହା ଥିଲା ଅନ୍ୟତମ ଉତ୍ସ । ତା ସାଙ୍ଗକୁ ଏହା ଥିଲା ଶ୍ରୀମନ୍ଦିର ପରମ୍ପରା ସପକ୍ଷରେ ଜନଜାଗରଣର ଅନ୍ୟ ଏକ ମାଧ୍ୟମ । ପରିଶେଷରେ କଲିକତା ହାଇକୋର୍ଟରେ ଦୀର୍ଘଦିନ ଧରି ଏହି ମାମଲା ଚାଲିବା ପରେ ଶ୍ରୀମନ୍ଦିର ପାଇଁ ରିସିଭର ନିଯୁକ୍ତି ନେଇ କୌଣସି ଆବଶ୍ୟକୀୟ କାରଣ ନ ଦର୍ଶାଯିବାରୁ ଶ୍ରୀମନ୍ଦିରର ଅଧିକାର ଫେରି ଆସିଥିଲା ଗଜପତି ମହାରାଜଙ୍କ ନିକଟକୁ । ମଧୁବାବୁଙ୍କୁ ପାଗଳର ଆଖ୍ୟା ପ୍ରଦାନ କରିଥିବା ସମାଲୋଚକ ମାନେ ବାଧ୍ୟ ହୋଇଥିଲେ ତାଙ୍କୁ ପ୍ରଶଂସା କରିବାକୁ ।

ପନ୍ଥବାଦୀ ଚେତନାକୁ ନେଇ ମଧୁସୂଦନଙ୍କ ଜୀବନୀ ସମ୍ପର୍କିତ ଦୁଇଟି ଘଟଣା - ପ୍ରଥମରେ ଖ୍ରୀଷ୍ଟଧର୍ମ ଗ୍ରହଣ ଓ ଦ୍ୱିତୀୟରେ ଶ୍ରୀମନ୍ଦିରର ଅଧିକାରକୁ ବ୍ରିଟିଶ କବଳରୁ ଛଡ଼ାଇ ଆଣି ପୁଣି ଗଜପତି ମହାରାଜାଙ୍କ ହାତରେ ନ୍ୟସ୍ତ କରିବା ଘଟଣାକୁ ବିଚାର କଲେ ଏହା ସ୍ପଷ୍ଟ ଦିଶେ ଯେ ଅତ୍ୟନ୍ତ ଧର୍ମନିରପେକ୍ଷବାଦୀ ମଧୁବାବୁ ଘୃଣା କରୁଥିଲେ ଧାର୍ମିକ କୁସଂସ୍କାରକୁ । ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ସୁଦ୍ଧା ନା କେବେ ସେ ଖ୍ରୀଷ୍ଟଧର୍ମର ଧର୍ମର ପ୍ରଚାର ପ୍ରସାର କରିଥିଲେ, ନା କେବେ କୌଣସି ଓଡ଼ିଆଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇଥିଲେ । କାରଣ ସେ ଜାଣିଥିଲେ ହିନ୍ଦୁ ସଂସ୍କୃତି ଓ ଓଡ଼ିଆ ଜାତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ଅପରପକ୍ଷରେ ଖ୍ରୀଷ୍ଟିଆନ ହୋଇଥିଲେ ସୁଦ୍ଧା ହିନ୍ଦୁ ସଂସ୍କୃତିକୁ ମନରୁ ଅପସୋରି ପାରିନଥିଲେ ମଧୁବାବୁ । ଖ୍ରୀଷ୍ଟିଆନ ପରେ ମଧ୍ୟ ପ୍ରତିଦିନ ମନ୍ଦିର ଦୂରରୁ କୂଳଦେବତା ରାଧାମାଧବ ଏବଂ ଚାଟେଶ୍ୱର ମହାଦେବଙ୍କୁ ଦର୍ଶନ କରୁଥିବାର ଜନଶ୍ରୁତି ଆଜି ବି ସତ୍ୟଭାମାପୁର ଗାଁରେ ଶୁଣିବାକୁ ମିଳେ । କେବଳ ଧାର୍ମିକ କୁସଂସ୍କାରରୁ ନିଜକୁ ନିବୃତ ରଖିବା ପାଇଁ ହିନ୍ଦୁଧର୍ମ ପରିତ୍ୟାଗ କରିଥିବାର ଅନୁଶୋଚନା କରୁଥିବା ମଧୁବାବୁ ନିଜ ଆତ୍ମଜୀବନୀ ପୁସ୍ତକରେ ସ୍ୱୀକାର କରିଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଥିଲା ତାଙ୍କର ଅସୀମ ଭକ୍ତି । ସେହି ଭକ୍ତି ହିଁ ତାଙ୍କୁ ଶକ୍ତି ଯୋଗାଇଥିଲା ଶ୍ରୀମନ୍ଦିର ମାମଲାରେ ବିଜୟୀ ହେବା ପାଇଁ । ଯଦି ମଧୁବାବୁଙ୍କ ପନ୍ଥବାଦୀ ଚେତନାକୁ ବିଚାର କରାଯାଏ ତେବେ ଗୋଟିଏ କଥା ମୁକ୍ତକଣ୍ଠରେ ସ୍ୱୀକାର କରାଯାଇପାରେ "ଖ୍ରୀଷ୍ଟିଆନ ଧର୍ମାନ୍ତରିତ ହୋଇଥିଲେ ସୁଦ୍ଧା ମାନସିକ ଭାବରେ ସଚ୍ଚା ହିନ୍ଦୁ ଥିଲେ ଉତ୍କଳଗୌରବ ମଧୁସୂଦନ" ।

ଯୋଗାଯୋଗ - ୮୦୯୩୨୯୮୭୨୪

# -ସୂର୍ଯ୍ୟସ୍ନାନ-

ସକଳ ଶକ୍ତିର ଆଧାର ସୂର୍ଯ୍ୟନାରାୟଣଙ୍କ ଜନ୍ମତିଥି ମାଘମାସ ଶୁକ୍ଳପକ୍ଷ ସପ୍ତମୀ ଦିନ ପଡେ । କୁହାଯାଏ ଏହି ମାଘସପ୍ତମୀ ଠାରୁ ଦକ୍ଷିଣଭାରତର ତାପମାତ୍ରା ଆସ୍ତେ ଆସ୍ତେ ବଢିଥାଏ ଏବଂ ବସନ୍ତଋତୁ କୁ ପ୍ରକୃତି ସ୍ୱାଗତ କରିଥାଏ । ସୂର୍ଯ୍ୟ ଙ୍କ ଉତ୍ତରାୟଣ ଗତି ମଧ୍ୟ ହୋଇଥାଏ । ସାରାବିଶ୍ୱ ତାଙ୍କ ଦ୍ୱାରା ଆଲୋକିତ ହୋଇଥାଏ । ତାଙ୍କ ପାଖରେ ପାତର ଅନ୍ତର ନାହିଁ । ବିଶ୍ୱର ବିଭିନ୍ନ ସ୍ଥାନରେ ସୂର୍ଯ୍ୟଦେବତାଙ୍କ ପୂଜା ପରମ୍ପରା ରହିଛି । ମାତ୍ର ଅର୍କକ୍ଷେତ୍ର କୋଣାର୍କରେ ମାଘସପ୍ତମୀ ନିଆରା ଢଙ୍ଗରେ ପାଳନ କରାଯାଏ । ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଲକ୍ଷ ଲକ୍ଷ ଭକ୍ତ ସାରାବିଶ୍ୱରୁ ଆସି ଚନ୍ଦ୍ରଭାଗାର ବିସ୍ତିର୍ଣ୍ଣ ବାଲୁକାରାଶିରେ ରାତ୍ରି ଉଦଜାଗର ରହି ମାଟିହାଣ୍ଡିରେ ଅନ୍ନ ଏବଂ ଶୁଖୁଆ ଡାଲମା କରି ଅର୍କସୁର ଅସୁରକୁ ଅର୍ପଣ କରି ହାଣ୍ଡି ବାଡେଇ ସୂର୍ଯ୍ୟ ଉଦୟ ପୂର୍ବରୁ ବୁଡ ପକାଇ ଆଦିତ୍ୟ ହୃଦୟ ସ୍ତୋତ୍ରରେ ଉଦୟ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିଥାନ୍ତି । ଚନ୍ଦ୍ରଭାଗା ପୁଷ୍କରିଣୀ ର ଆୟତନ ଅତି ଛୋଟ । ଏବେ ଏହାର ଚତୁର୍ପାଶ୍ୱ ରେ ପଥର ପକାଇ ସମତୁଲ କରାଯାଇଛି । ପ୍ରତିବର୍ଷ ଛ ରୁ ସାତ ଲକ୍ଷ ଲୋକ ଏହି ପୁଷ୍କରିଣୀ ରେ ବୁଡ ପକାଇଥାନ୍ତି । ବାସ୍ତବିକ ସୂର୍ଯ୍ୟଦେବତାଙ୍କ ମହିମା ଅପାର ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି । କିପରି ଏତେ ଛୋଟ ଜାଗାରେ ଏତେ ସଂଖ୍ୟକ ଭକ୍ତ ଶୃଙ୍ଖଳାର ସହ ବୁଡ ପକାନ୍ତି । ଭଗବାନ କରନ୍ତୁଏମିତି ସୁରୁଖୁରୁରେ ଚାଲିଥାଉ । ଏହି ମନୋରମ ଦୃଶ୍ୟକୁ ନିଜେ ଉପଭୋଗ ନକଲେ ଏହାର ମାଧୁର୍ଯ୍ୟ ଅନୁଭବ କରିହେବନି । ଅର୍କକ୍ଷେତ୍ର ର ଆଖପାଖ ଗାଁ ରେ ଉତ୍ସବର ମାହୋଲ ଦେଖିବାକୁ ମିଳେ । ପ୍ରାୟ ପ୍ରତି ଘରେ ଅତିଥି, ବାବାମାନେ ଆଶ୍ରୟ ନିଅନ୍ତି । ସବୁଠାରୁ ମଜା ଲାଗେ ବାବମାନେ ହାତ ଦେଖି ଗାଁ ର ବୋହୁ ଝିଅ ମାନଙ୍କୁ କାହାର ପୁଆହେବ, କାହାର ବାହାଘର ହେବ ଭବିଷ୍ୟତ ବିଷୟରେ କହିଥାନ୍ତି । ବାସ୍ତବରେ ଚନ୍ଦ୍ରଭାଗା ବେଳାଭୂମିରେ ସୂର୍ଯ୍ୟଦେବତାଙ୍କ ଉଦୟକାଳିନ ସୌନ୍ଦର୍ଯ୍ୟ ଉପଭୋଗ କରିବାର ଅନୁଭୂତି ଅନନ୍ୟ । ସବୁଠାରୁ ଆକର୍ଷଣୀୟ ସ୍ଥାନ ଠାରେ ସୂର୍ଯ୍ୟମନ୍ଦିର । ଉଗ୍ନାବଶେଷ ମନ୍ଦିରର ନିଖୁଣ କାରୁକାର୍ଯ୍ୟ ସାରାବିଶ୍ୱ କୁ ଆକର୍ଷିତ କରିଛି । କିନ୍ତୁ ସୂର୍ଯ୍ୟମନ୍ଦିରରେ ସୂର୍ଯ୍ୟ ଦେବତା ପୂଜା ପାଉନାହାନ୍ତି । ସେ ବୋଧେ ମନ୍ଦିରର ଚାରିକାନ୍ଥରେ ଆବଦ୍ଧ ହୋଇ ରହିବାକୁ ଚାହିଁଲେନି । ଏହି ମନ୍ଦିର ପାର୍ଶ୍ୱରେ ଥିବା ନବଗ୍ରହ ମନ୍ଦିରରେ ଭକ୍ତମାନେ ଗ୍ରହଶାନ୍ତି ହୋମ ମଧ୍ୟ କରିଥାନ୍ତି । ଅନତି ଦୂରରେ ମା ରାମଚଣ୍ଡୀ ଙ୍କ ମନ୍ଦିର ସମୁଦ୍ର ଓ ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ । ଏଠାରେ ନୌକାବିହାରର ମଧ୍ୟ ସୁଯୋଗ ଅଛି । ଝାଉଁବନ ଭିତରେ ବଣଭୋଜି ର ଆୟୋଜନ ମନରେ ପ୍ରାକୃତିକ ପରିବେଶ ର ସୌନ୍ଦର୍ଯ୍ୟ ର ଅନୁଭୂତି ନିଆରା । ଇତି ମଧ୍ୟରେ କେତେବେଳେ ସୂର୍ଯ୍ୟ ଦେବତା ଅସ୍ତ ହୋଇଯାନ୍ତି ଏବଂ ନିଜ ନିଜ ଘରକୁ ଫେରିଆସିବାକୁ ପଡେ ଜଣା ପଡେନି । ବାସ୍ତବିକ ସୂର୍ଯ୍ୟ ଦେବତା ରବୀନ୍ଦ୍ର ନାଥ ଠାକୁରଙ୍କର "ଯତ୍ର ବିଶ୍ୱ ଭବତ୍ୟେକନିଡମ" ନୀତିରେ ପରିଚାଳିତ ହେଲାପରି ମାନବ ସମାଜ ପାଇଁ ମଧ୍ୟ ଏହା ଶିକ୍ଷଣୀୟ ଓ ଆଜିର ଯୁବସମାଜ ପାଇଁ ଆହ୍ୱାନ ।

ଶାରଦା ମିଶ୍ର
୯୪୩୮୪୨୨୮୦୩

# ସୃଷ୍ଟି ପାଇଁ ମାଟି

**ଅଲେଖ ଚନ୍ଦ୍ର ସାମଲ**

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତପ୍ତ ଗ୍ୟାସୀୟ ତରଳ ପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ । ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି । ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ । କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ । ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ । ଏସବୁ ସତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର । ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଂଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ । ଏହି କାମରେ ମାଟି ଯେ କେବଳ ଜୀବସତାର ପ୍ରାରମ୍ଭିକ କର୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ । ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି । କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି । ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ । ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି । ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୧୫ ମସିହା ଅନ୍ତର୍ଜାତୀୟ ମୃତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତିକା ଦିବସ ଅବସରରେ ମନାଯାଉଛି ।

ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ । ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ । ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା [illegible] ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ । ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ [illegible] ଚାଲିଛନ୍ତି । ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ । ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତିକା ସମ୍ପଦ ଅବକ୍ଷୟଗାମୀ । ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି । ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି । ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଂଚିଯିବ । ଗୋଟିଏ ସେଂଟିମିଟର ମୃତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ । ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ । ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ । ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ ।

ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି । ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ । ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା । ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି । ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ । କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ । ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି । କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି । ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି । ମାଟି ପାଇଁ ସୃଷ୍ଟି ବଂଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଂଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ ।



*ସହକାରୀ ବନ୍ୟ ସଂରକ୍ଷକ,*
*ରାୟଗଡ଼ା ବନ୍ୟ ଡିଭିଜନ*

# ପୁଣି ଏକ ଡେଷ୍ଟିନେଶନ୍



ସାରା ଅଲି ଖାନ୍

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ ନିକଟରେ ମାଳଦୀପ ଗସ୍ତରେ ଯାଇଥିଲେ। ସେଠାରୁ ଅନେକ ଫଟୋ ଓ ଭିଡିଓ ଶେୟାର କରି ଫ୍ୟାନ୍‌ଙ୍କୁ ସରପ୍ରାଇଜ୍ ଦେଇଥିଲେ। ସାରା ଭ୍ରମଣ ପ୍ରିୟ। ଭ୍ରମଣ ବେଳର ଅନୁଭବକୁ ଫ୍ୟାନ୍‌ଙ୍କ ସହ ଶେୟାର କରିବାକୁ ସେ ଆଦୌ ଭୁଲନ୍ତି ନାହିଁ। ଏବେ ଯାହା ଜଣାପଡୁଛି, ସେ ବୋଧହୁଏ ଆଉଏକ ସ୍ଥାନକୁ ଭ୍ରମଣରେ ବାହାରିଛନ୍ତି। ନିକଟରେ ନିଜର ଏକ ଫଟୋ ସେ ଶେୟାର କରିଛନ୍ତି, ଯେଉଁଥିରେ ପ୍ରକୃତିର ସୌନ୍ଦର୍ଯ୍ୟ ମଧ୍ୟରେ ସେ ହଜିଯାଇଥିବା ନଜର ଆସିଛନ୍ତି। ସାରା ନିଜ ଇନଷ୍ଟା ଷ୍ଟୋରୀରେ ଫଟୋ ଶେୟାର କରିଛନ୍ତି। ଗୋଟିଏଫଟୋରେ ପଥର ଉପରେ ବସି ପୋଜ୍ ଦେଉଛନ୍ତି। ପଛରେ ଏକାଧିକ ବୃକ୍ଷ ଓ ସବୁଜିମା ରହିଛି। ୨ୟ ଫଟୋରେ ପକେଟରେ ହାତ ରଖି ପ୍ରକୃତିକୁ ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି। ତେବେ ନୂଆ ଗ୍ରସ୍ତ ବିଷୟରେ ସେ ଅଧିକ କଥ୍ୟ ଶେୟାର କରିନାହାନ୍ତି। କିଛି ଦିନେ ପୂର୍ବେ ରାଧିକା ମଦାନ ଓ ଜସଲିନ ରୟାଲଙ୍କ ସହ ସେ ଲଦାୟଖ ଯାଇଥିଲେ। ତା ପରେ ମାଳଦୀ। ଏବେ ଆଉ ଏକ ଗସ୍ତରେ ଥିବା ଜଣାପଡୁଛି। କର୍ମମମୟ ଜୀବନରୁ ସମୟ ବାହାର କରି ବୁଲିବାକୁ ଭଲପାଆନ୍ତି ସାରା। କେତେବେଳେ ମା' ଅମୃତା ଓ କେତେବେଳେ ଭାଇ ଇବ୍ରାହିମଙ୍କ ସହ ସାଙ୍ଗରେ ନଜର ଆସନ୍ତି। ବନ୍ଧୁଙ୍କ ସହ ଭ୍ରମଣର ସୁଯୋଗ ମଧ୍ୟ ସେ ଆଦୌ ହାତଛଡ଼ା କରନ୍ତି ନାହିଁ। ବରୁଣ ଧୱନଙ୍କ ସହଫିଲ୍ମ କୁଲି ନମ୍ବର-୧ରେ ଶେଷ ଥର ବଡ଼ ପରଦାରେ ନଜର ଆସିଥିଲେ ସାରା। ଆଗକୁ ଆନନ୍ଦ ଏଲ୍ ରାୟଙ୍କ ଅତ୍‌ରଙ୍ଗୀରେ ନଜର ଆସିବେ। ଏଥିରେ ଅକ୍ଷୟ କୁମାରଓ ସାଉଥ୍ ଷ୍ଟାର ଧନୁଷଙ୍କ ସହ ସେ ସ୍କ୍ରିନ୍ ଶେୟାର କରିବେ। ଫିଲ୍ମର ସୁଟିଂ ଶେଷ ହୋଇଛି। ଏବେ ସାରାଙ୍କ ପାଖରେ କୌଣସି ପ୍ରୋଜେକ୍ଟ



# ୭୦ ବର୍ଷୀୟ ଦାଦିଙ୍କ ରୋଷେଇ ଚ୍ୟାନେଲ

କିଛି କରିବାକୁ ଇଚ୍ଛା ଥିଲେ ବୟସ କେବେହେଲେ ବାଧକ ସାଜିନଥାଏ। ମହାରାଷ୍ଟ୍ରର ୭୦ ବର୍ଷୀୟ ସୁମନ ଧାମନେ ଏହାର ଉଦାହରଣ। ଏହି ବୟସରେ ଲୋକମାନେ ଦୈନନ୍ଦିନ କାମ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବାବେଳେ ସେ ନିଜେ ୟୁଟ୍ୟୁବରରେ ଏକ ରୋଷେଇ ଚ୍ୟାନେଲ ଚଲାଇଛନ୍ତି। ପ୍ରାୟ ୭ ଲକ୍ଷ ଲୋକ ତାଙ୍କ ଚ୍ୟାନେଲକୁ ଦେଖିବା ସହ ପସନ୍ଦ କରୁଛନ୍ତି। ତାଙ୍କ ଚ୍ୟାନେଲର ନାମ ରହିଛି ଆପ୍‌ଲି ଆଜି ଅର୍ଥାତ୍ ଆପଣମାନଙ୍କର ଜେଜେମା। ତା ଜରିଆରେ ସେ ପାରମ୍ପରିକ ମହାରାଷ୍ଟ୍ରୀୟ ଖାଦ୍ୟ ସହିତ ଦେଶର ବିଭିନ୍ନ ପ୍ରଦେଶର ସ୍ୱତନ୍ତ୍ର ଖାଦ୍ୟକୁ ବନାଇବା ଶିଖାଉଛନ୍ତି। ଏ ସମ୍ପର୍କରେ ମହାରାଷ୍ଟ୍ର ଅହମ୍ମଦନଗରର ସରେଲା ଗାଁ ନିବାସୀ ସୁମନ କହନ୍ତି, ପିଲାଦିନରୁ ମା'ଙ୍କୁ ରୋଷେଇ କରି ଆସୁଥିବା ଦେଖିଥିଲି। ବେଳେବେଳେ ତାଙ୍କୁ ସାହାଯ୍ୟ ବି କରୁଥିଲି। ବିବା କରି ଆସିବା ପରେ ଶାଶୁଘର ଲୋକେ ମୋର ହାତରନ୍ଧାକୁ ଖୁବ୍ ପ୍ରଶଂସା କରୁଥିଲେ। କିନ୍ତୁ ମୋତେ ଏହି ଚ୍ୟାନେଲ ଆରମ୍ଭ କରିବା ଲାଗି ମୋର ୧୭ ବର୍ଷୀୟ ନାତି ଯଶ ଆଇଡିଆ ଦେଲା। ପ୍ରଥମେ ମୁଁ ତା କଥା ଶୁଣିଲି ନାହିଁ। ତେଣୁ ଦିନେ ମୁଁ ରୋଷେଇ କରୁଥିବା ସମୟରେ ସେ ଲୁଚିକରି ଖାଦ୍ୟ ପ୍ରସ୍ତୁତିର ଭିଡିଓ ବନାଇ ତାକୁ ତାର ସୋସିଆଲ ମିଡିଆ ପୃଷ୍ଠାରେ ଅପଲୋଡ୍ କରିଦେଲା। ଲୋକମାନେ ତାକୁ ପସନ୍ଦ କରିବା ପରେ ଏଇ ଚ୍ୟାନେଲ ଜନ୍ମ ନେଲା। ଗତବର୍ଷ କରୋନା ମହାମାରୀ ସମୟରେ ଏହା ଆରମ୍ଭ ହୋଇଥିବାବେଳେ ଲୋକେ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି। ନାତି ମୋତେ ଇଂଟରନେଟ୍ ଖୋଲିବା, ଭିଡିଓ ବନାଇବା ଓ ତାକୁ ଅପଲୋଡ୍ କରିବା ଇତ୍ୟାଦି ଶିଖାଇ ଦେଇଛି। ତେଣୁ ଚ୍ୟାନେଲ ସହ ଜଡ଼ିତ ସବୁକାମ ମୁଁ ନିଜେ କରୁଛି। ଜୀବନର ଏହି ନୂଆ ପର୍ଯ୍ୟାୟକୁ ନେଇ ସେ ଖୁବ୍ ଖୁସିଥିବା ପ୍ରକାଶ କରିଛନ୍ତି।



# ପାରାଙ୍କ ପିଛା ବର୍ଷକୁ ୪ ଲକ୍ଷ

ବହୁ ଲୋକ ନିଜ ଘରେ ପୋଷାକ ଜୀବଜନ୍ତୁ ରଖୁଥିବାବେଳେ ସେମାନଙ୍କ ପିଛା ମାସିକ ବେଶ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିଥାନ୍ତି। କିନ୍ତୁ ମେଗି ଜନସନ୍ ଏ କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ। ସେ ନିଜ ଘରେ ଦୁଇଟି ପାରାଙ୍କୁ ପାଳିଥିବାବେଳେ ସେମାନଙ୍କ ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ପାରାଦ୍ୱୟଙ୍କର ନିଜସ୍ୱ ବେଡରୁମ୍, ୱାର୍ଡରୋବ୍ ପ୍ରଭୃତି ରହିଛି । ଏ ସମ୍ପର୍କରେ ୨୩ ବର୍ଷୀୟ ମେଗି କହିଛନ୍ତି, ୨୦୧୬ରେ ମୁଁ ଦୁଇଟି ପାରା ସ୍କାଏ ଓ ମୁସ୍‌ଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରିଥିଲି। ପ୍ରାତଃ ଭ୍ରମଣରେ ଯାଇଥିବାବେଳେ ରାସ୍ତାକଡ଼ରେ ଏକ ବାଡ଼ରେ ଏକ ବସା ଥିବା ଦେଖିଲି। ତା' ମଧ୍ୟରେ ଦୁଇଟି କୁନି କୁନି ପାରା ଛୁଆ ଥିଲେ। ମୁଁ ସେମାନଙ୍କୁ ଉଦ୍ଧାର କରି ଆଣିଲି। ବହୁ ସପ୍ତାହ ଧରି ସେମାନଙ୍କ ଯତ୍ନ ନେବାପରେ ସେମାନେ ସୁସ୍ଥ ହେଲେ। ବର୍ତମାନ ପାରାଦୁଇଟି ପୋଷା କୁକୁର କିମ୍ବା ବିଲେଇ ଭଳି ମୋ ପାଖରେ ରହୁଛନ୍ତି। ସେମାନେ ଖୁବ୍ ବିଳାସବହୁଳ ଜୀବନ ବଂଚୁଛନ୍ତି। ସ୍କାଏ ଓ ମୁସ୍‌ଙ୍କର ନିଜସ୍ୱ ଏକ ବେଡରୁମ୍ ରହିଛି। ସେଠାରେ ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଖେଳନା ଓ ୱାର୍ଡରୋବ୍ ରହିଛି। ୱାର୍ଡରୋବ୍‌ରେ ସେମାନଙ୍କ ପାଇଁ ଦାମୀ ପୋଷାକ ଅଛି। ମୁଁ ସେମାନଙ୍କୁ ପ୍ରତିଦିନ ବଗିଚାକୁ ବୁଲାଇବାକୁ ନେଇଯାଏ। ଏହାଛଡ଼ା ସେମାନଙ୍କର ଜନ୍ମଦିନ ବି ପାଳନ କରିଥାଏ ବୋଲି ମେଗି କହିଛନ୍ତି।

# ୧୦୦ବର୍ଷ ପୁରୁଣା ସାଇକେଲ

୧୦୦ ବର୍ଷ ପୁରୁଣା ସାଇକେଲ ବିଷୟରେ ଶୁଣିଛନ୍ତି ! ଖାସ୍ କଥା ହେଉଛି ସେତେବେଳେ ସାଇକେଲ ଚଳାଇବା ପାଇଁ ସରକାରୀ ଅନୁମତି ଆଣିବାକୁ ପଡୁଥିଲା। ଏଥିପାଇଁ ଲାଇସେନ୍ସ କରିବାକୁ ପଡୁଥିଲା। ଭାରତ-ପାକିସ୍ତାନ ବିଭାଜନ ପୂର୍ବରୁ କାଠ ଓ ଲୁହାର ନିର୍ମିତ ପ୍ରାୟ ୧୦୦ ବର୍ଷ ପୁରୁଣା ଏହି ନିଆରା ସାଇକେଲକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ଏହା ଦେଖିବାକୁ ମଧ୍ୟ ବହୁତ ଅଲଗା। ପଂଜାବରେ ଏହି ସାଇକେଲକୁ ଦେଖିବାର ଦୂର ଦୂରାନ୍ତରୁ ଲୋକ ଆସନ୍ତି। ଏହାକୁ କିଣିବା ପାଇଁ ୫୦ ଲକ୍ଷ ଟଙ୍କା ଦେବାକୁ ମଧ୍ୟ ଲୋକେ ପଛେଇ ନଥିଲେ। ତା ସତ୍ୱେ ଏହାର ମାଲିକ ସାଇକେଲ ବିକିଲେ ନାହିଁ। ମାଲିକ ସତୱିନ୍ଦର କହନ୍ତି, ଏହି ସାଇକେଲକୁ ତାଙ୍କ ପୂର୍ବ ପୁରୁଷମାନେ ପାଖ ଗାଁର ଜଣେ ରେଳବାଇ କର୍ମଚାରୀଙ୍କଠୁ କିଣିଥିଲେ। ସେତେବେଳେ ସାଇକେଲ ଚଳାଇବା ପାଇଁ ଲାଇସେନ୍ସ ପ୍ରସ୍ତୁତ ହେଉଥିଲା, ଯାହା ଏବେ ମଧ୍ୟ ସତୱିନ୍ଦରଙ୍କ ପାଖରେ ଅଛି। ଏହି ଲାଇସେନ୍ସ ତାଙ୍କର ଜଣେ ପୂର୍ବପୁରୁଷଙ୍କ ନାଁରେ ଥିଲା। ଏବେ ବି ସାଇକେଲଟି ସକ୍ରିୟ ଅଛି ଏବଂ ଏଥିରେ ବସି ଯାତାୟାତ କରିହେଉଛି। ସତୱିନ୍ଦର କହିଛନ୍ତି, ସାଇକେଲଟିକୁ କିଣିବା ପାଇଁ ବିଦେଶରୁ ଜଣେ ବ୍ୟକ୍ତି ଆସିଥିଲେ, ଯିଏ ତାର ମୂଲ୍ୟ ୫୦ ଲକ୍ଷ ଲଗାଇଥିଲେ। ସେ କିନ୍ତୁ ଏହାକୁ ବିକିଲେ ନାହିଁ। ତାଙ୍କ ମତରେ ସଉକର କୌଣସି ମୂଲ୍ୟ ନଥାଏ।



# ଦିନକୁ ୭୦ ଅଣ୍ଡା, ୨ ଲିଟର କ୍ଷୀର



ହିମାଚଳପ୍ରଦେଶର ସିରମ୍‌ର ଛୋଟ ସହରରୁ କୁସ୍ତି ରିଙ୍ଗ ପର୍ଯ୍ୟନ୍ତ ଅନନ୍ୟ ଯାତ୍ରା ଜରିଆରେ ଦିଲୀପ ସିଂହ ରାଣା ଓରଫ୍ ଦ ଗ୍ରେଟ୍ ଖଲି ବିଶ୍ୱ ପାଇଁ ଉଦାହରଣ ପାଲଟିଛନ୍ତି। ଡବ୍ଲୁଡବ୍ଲୁଇରେ ଅଂଶଗ୍ରହଣ କରିଥିବା ପ୍ରଥମ ଭାରତୀୟ ହେବା ପାଇଁ ଅନେକ ଆହ୍ୱାନର ସେ ସମ୍ମୁଖୀନ ହୋଇଛନ୍ତି। ଅନ୍ୟ ଆଥ୍‌ଲେଟଙ୍କ ଭଳି ତାଙ୍କ କ୍ୟାରିଅର ପାଇଁ ମଧ୍ୟ ଖାଦ୍ୟପେୟ ମୁଖ୍ୟ ଭୂମିକା ନିର୍ବାହ କରେ।

ଯଦି ଆପଣ ଭାବୁଛନ୍ତି ଯେ, ଖଲି ଖାଦ୍ୟପେୟକୁ ନେଇ ଖୁବ୍ ଗମ୍ଭୀର ଏବଂ ଆମ ଭଳି ଚଟ୍‌ପଟା ଖାଦ୍ୟ ଆଦୌ ଛୁଅଁନ୍ତି ନାହିଁ, ତେବେ ଏହି ଖବର ଆପଣଙ୍କୁ ଚକିତ କରିବ। ନିଜର ବିଶାଳକାୟ ଶରୀରକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ଖଲି ଉପଯୁକ୍ତ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତି ସତ, କିନ୍ତୁ ଦିନେ ଦିନେ ଜୁସି ଚିକେନ୍ ବର୍ଗର କିମ୍ବା ତଡ୍‌କା ଡାଲି ଓ ଭାତ ମଧ୍ୟ ଖାଇଦିଅନ୍ତି। ତେବେ କେଏଫ୍‌ସି ପାଇଁ ତାଙ୍କର ସଦ୍ୟତମ ଭିଡିଓ ଚିକେନ୍ ବର୍ଗର ପ୍ରତି ତାଙ୍କ ଭଲ ପାଇବାର ଜ୍ୱଳନ୍ତ ପ୍ରମାଣ ହୋଇଛି। ଏହି ଭିଡିଓ ପରେ ୟୁଜର ତାଙ୍କ ଦୈନନ୍ଦିନ ଖାଦ୍ୟପେୟ ତାଲିକା ବିଷୟରେ ଜାଣିବାକୁ ଉତ୍ସାହିତ ହୋଇପଡ଼ିଛନ୍ତି। ବେଶ କିଛି ଦିନରୁ କୁସ୍ତି ରିଙ୍ଗଠୁ ଦୂରରେ ଥିବା ଖଲି ଦିନକୁ ପ୍ରାୟ ୬୦-୭୦ ଅଣ୍ଡା ଖାଆନ୍ତି। ଯୁବ ବୟସରେ ସେ ଯେତେବେଳେ କୁସ୍ତିରେ କ୍ୟାରିଅର ଆରମ୍ଭ କରୁଥିଲେ, ଦିନମାନର ପ୍ରତ୍ୟେକ ଭୋଜନରେ ଅତିକମ୍‌ରେ ୧୫-୨୦ ଅଣ୍ଡା ଖାଉଥିଲେ। ବିଶ୍ୱର ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ ମଧ୍ୟ ବେଶୀ ଓ ଘର ରନ୍ଧା ଭାରତୀୟ ଖାଦ୍ୟ ସେ ଖୁବ୍ ଭଲପାଆନ୍ତି। ଡାଲି, ଭାତ, ତରକାରୀ ତାଙ୍କର ଖୁବ୍ ପ୍ରିୟ। ସୋରିଷ ଶାଗ ଓ ମକା ରୁଟି ସବୁଠୁ ପ୍ରିୟ ବୋଲି ଏକ ସାକ୍ଷାତକାରରେ ଖଲି କହିଥିଲେ। ଏବେ ଡବଲ୍ ଡାଉନ୍ ବର୍ଗର ତାଙ୍କର ନୂଆ ପସନ୍ଦ ପାଲଟିଛି। ବିନା ବନ୍‌ରେ ଚିକେନ୍ ବର୍ଗରର ସେ ଏବେ ଖୁବ୍ ମଜା ନେଉଛନ୍ତି। କ୍ଷୀର ମଧ୍ୟ ଖଲିଙ୍କ ଖାଦ୍ୟର ମୁଖ୍ୟ ଅଂଶ। ପ୍ରତିଦିନ ସେ ଅତିକମ୍‌ରେ ୨ ଲିଟର କ୍ଷୀର ପିଅନ୍ତି। ଶରୀର ପ୍ରତି ସଚେତନ ଖଲି ବ୍ରେଡ୍ ଓ କୁକିଜ୍ ଖାଆନ୍ତି ନାହିଁ। ପ୍ରଚୁର ପ୍ରୋଟିନ୍, ଭିଟାମିନ୍ ଓ ସୁସ୍ଥ ଚର୍ବିଯୁକ୍ତ ସନ୍ତୁଳିତ ଆହାର ଉପରେ ସେ ଧ୍ୟାନ ଦିଅନ୍ତି। କଫି, ଦହି ଓ ଆଇସ୍‌କ୍ରିମ୍ ମଧ୍ୟ ଖାଆନ୍ତି ନାହିଁ। କେବଳ ଖାଦ୍ୟ ଖାଇବା ନୁହେଁ, ପରିବାର ପାଇଁ ସ୍ୱାଦିଷ୍ଟ ଭାରତୀୟ ବ୍ୟଞ୍ଜନ ମଧ୍ୟ ସେ ପ୍ରସ୍ତୁତ କରିଥାନ୍ତି।

# ଓଡ଼ିଆ ପକ୍ଷ ପାଳନ ଅବସରରେ ବିଜେପିର ରକ୍ତଦାନ ଶିବିର

ମୁନିଗୁଡ଼ା **୧୧/୪(ନି.ପ୍ର):** ରାୟଗଡ ଜିଲ୍ଲା ମୁନିଗୁଡ଼ା ବିଜେପି ମଣ୍ଡଳ ତରଫରୁ ଓଡିଆ ପକ୍ଷ ପାଳନ ଅବସରରେ ଆଗୁଳ ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ପଲ୍ଲୀ ଗାଁ ପଞ୍ଝୁପାଇ ନିକଟସ୍ଥ ଏକ ଶାନ୍ତ ସବୁଜିମା ଜଙ୍ଗଲ ପରିସର ମଧ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକାଙ୍କ ସଭାପତିତ୍ୱ ଓ ବିଜେପି ଯୁବ ମଣ୍ଡଳ ସଭାପତି ସୁବାସ ଗୌଡ଼ଙ୍କ ସଂଯୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତି, ମୁଖ୍ୟବକ୍ତା ରାଜ୍ୟ ଓବିସୀ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା,ସମ୍ମାନିତ ଅତିଥି ମୁନିଗୁଡ଼ା ଆଇଆଇସି ସୌଦାମିନୀ ବେହେରା,ଡାକ୍ତର ରିଚିତା ନନ୍ଦ ସାହୁ,ଆମ୍ବାଦଳା ମଣ୍ଡଳ ବିଜେପି ସଭାପତି ଅନନ୍ତ ମାଳଦୋରା,ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷାରେ ବ୍ରତୀ ସମ୍ବାଦ ସାହିତ୍ୟ ଘର ସଭାପତି ପି ସୁଧାକର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶିବିରର ଶୁଭାରମ୍ଭ କରିଥିଲେ ।ଅତିଥି ମାନଙ୍କୁ ପଞ୍ଝୁପାଇ ଗ୍ରାମର ମହିଳା ମାନଙ୍କ ତରଫରୁ ବନ ଫୁଲ,ହଳଦୀ ପାଣି ଓ ମଥାରେ ଚନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।ବିଡ଼ିଓ ଶ୍ରୀଯୁକ୍ତ ଦଳପତି ଓ ଡ.ସାହୁ ରକ୍ତ ଦାନ ମହତ ଦାନ ଉପରେ ସ୍ଥାନୀୟ ଗ୍ରାମବାସୀ ଓ ରକ୍ତଦାତା ମାନଙ୍କୁ ଅବଗତ କରାଇଥିଲେ ।ମୁଖ୍ୟବକ୍ତା ଶ୍ରୀଯୁକ୍ତ ବେହେରା ରକ୍ତ ଅଭାବରୁ କାହାରିକୁ ମରିବାକୁ ଦେବାନାହିଁ ଶୀର୍ଷକ ବିଜେପି ଦଳର ଆଭିମୁଖ୍ୟ ଉପରେ କହିଥିବା ବେଳେ ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ନୁଣ୍ଡୁକା ରକ୍ତ ଦାନ କରିବାକୁ ଆଗ୍ରହ ପ୍ରକାଶ କରାଇବା ସହିତ ରକ୍ତ ଦେଉଥିବା ବ୍ୟକ୍ତି ଦ୍ୱାରା ସମାଜ ଓ ବ୍ୟକ୍ତିର ହେଉଥିବା ବିଭିନ୍ନ ଉପକାର ଉପରେ ବକ୍ତବ୍ୟ ରଖିଥିଲେ ।ଶିବିରରେ ସମୁଦାୟ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।ମୁନିଗୁଡ଼ା ମଣ୍ଡଳ ସଭାପତି ସୁବାସ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଏହି ରକ୍ତ



ଦାନ ଶିବିରରେ ବିଜେପି ନେତା ଜଗା ଶବର,ଟୁନା କରକରିଆ, ରବୀନ୍ଦ୍ର ବିଶ୍ୱାଳ,ଚୈତନ୍ୟ ହାତୀ,ସୁଶୀଳା ସରାଫ,ରଞ୍ଜନ ସାହୁକାର,ବେଣୁଧର ଗାଡେକା,ସୁରେନ ଗରାଡ଼ିଆ,ଶୁକ ବେହେରା,ଧନୁ କୁଶିଲିଆ,ଆଶାକର୍ମୀ ପୁଷ୍ପାଞ୍ଜଳି ଦଳେଇ,ପାର୍ବତୀ ବେରାଦଳେଇ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ଶିବିରରେ ସହାୟତା କରିଥିଲେ ।ରକ୍ତଦାତା ଭାବେ ବରିଷ୍ଠ ବିଜେପି ନେତା ମିନ,ଗୌଡ,ସୁକାନ୍ତ କୁଶୁଲିଆ, ହରୀ କନ୍ଧପାଣି,ପୁରନ୍ଦର ପିଡିକାକା,ସରୋଜ କୁମାର ଗୌଡ଼,ପରମାନନ୍ଦ ମାଝୀ, ପଞ୍ଚାନନ ପିଡିକାକା,ରାଜେନ୍ଦ୍ର ପିଡିକାଜା,ଅଲି ମାଝୀ,ଭୀମ ବେହେରା,ରୁଦ୍ର ମୃଗୁଲି ପ୍ରମୁଖ ୨୬ଜଣ ବ୍ୟକ୍ତି ରକ୍ତଦାନ ଭଳି ମହତ ଦାନ କରିଥିଲେ ।ରକ୍ତ ସଂଗ୍ରହ କାର୍ଯ୍ୟରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ମେଡ଼ିକାଲ ଟେକ୍ନି ସିଆନ ସରୋଜକାନ୍ତ ଆଚାର୍ଯ୍ୟ,ବି କିଶୋର କୁମାର, ଡି ଓ ଉମାକାନ୍ତ ମିଶ୍ର,ସହକାରୀ ଚିନ୍ମୟ ପରିଛା ସହାୟତା କରିଥିଲେ ।ବିଡ଼ିଓ ଶ୍ରୀଯୁକ୍ତ ଦଳପତି ଏହି ଅବସରରେ ପାଞ୍ଝୁପାଇ ଗ୍ରାମବାସୀଙ୍କ ସହ ଘରଘର ବୁଲି ଗାଆଁ ଦେଖିଥିଲେ ।ସେଠାରେ ସେ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ସହ ବିଭିନ୍ନ ଯୋଜନା ମାଧ୍ୟମରେ ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ।ପରେ ବିଜେପି ତରଫରୁ ଉକ୍ତ ଗ୍ରାମରେ ପ୍ରତିଷ୍ଠା ଦିବସ ଶ୍ରୀଯୁକ୍ତ ରାମଚନ୍ଦ୍ର ବେହେରାଙ୍କ ଅଧକ୍ଷତା ଓ ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ନୁଣ୍ଡୁକାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ।ନେତୃବୃନ୍ଦ ବିଜେପିର ବିଚାର,ସାଧାରଣ ଲୋକଙ୍କ ସେବା ଓ ସମ୍ବିଧାନକୁ ଗୁରୁତ୍ୱ ଦେଇ ସବକା ସାଥ,ସବକା ବିଶ୍ୱାସ ଜିତିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ମଣ୍ଡଳ ସଭାପତି ଶ୍ରୀଯୁକ୍ତ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## କଇଁପୁର ବିଦ୍ୟାଳୟରେ ବର୍ଣ୍ଣବୋଧ ଉତ୍ସବ

ମୟୂରଭଞ୍ଜ **୧୧/୪(ନି.ପ୍ର):** ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା ଓ ସଂସ୍କୃତିରେ ସଚେତନତା ଏବଂ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କଇଁପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ' ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମାର ସାଣ୍ଡିଲ ଙ୍କ ଅଧ୍ୟକ୍ଷତାରେ ସହକାରୀ ଶିକ୍ଷକ ବେଣୁ ଗୋପାଳ ମହାନ୍ତ,ଓକିଲ ବୃନ୍ଦାବନ ଗୋଆଲା,ଭାରତୀୟ ଜୀବନବୀମା ମୁଖ୍ୟ ଉପଦେଷ୍ଟା ସତ୍ୟବାନ ସାହୁ,ୟୁଏସ୍ଆଇ ସଂଗଠକ ପିକେ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ବର୍ଣ୍ଣବୋଧର ଆବଶ୍ୟକତା, ବର୍ଣ୍ଣବୋଧର ପ୍ରକାଶିତ ବିଭିନ୍ନ ଛବି ଓ ପଶୁପକ୍ଷୀଙ୍କ ସମ୍ପର୍କରେ ଅବଗତ କରାଇବା, କୋମଳମତି ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପଠନରେ ଆକୃଷ୍ଟ କରିବା ସହିତ ଏହାର ଉପାଦେୟ ସମ୍ପର୍କରେ ଜଣାଇଥିଲେ ଏବଂ ଓଡ଼ିଆ ଭାଷାର ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାଷାଗତ ଶିକ୍ଷଣ ଓ ବିକାଶର ପରିବେଶ ସୃଷ୍ଟି କରିବା ଦିଗରେ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ନିମନ୍ତେ ଉତ୍ସର୍ଗୀକୃତ କରାଯାଇଛି ବୋଲି ଜଣାଇଥିଲେ ।ଶେଷରେ ପ୍ରଧାନ ଶିକ୍ଷକ କୁମାର ସାଣ୍ଡିଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରେନ ଧକ୍କାରେ ରେଳ କର୍ମଚାରୀଙ୍କ ମୃତ୍ୟୁ

ଓଡ଼ାପଡ଼ା /ହିନ୍ଦୋଳ **୧୧/୪(ନି.ପ୍ର):** ଆଜି ସକାଳ ଘ ୬,୩୦ ମି ସମୟରେ ହିନ୍ଦୋଳ ରୋଡ ରେଳ ଷ୍ଟେସନ ନିକଟରେ କାର୍ଯ୍ୟ ରତ ରେଳ କର୍ମଚାରୀ ଅମରେନ୍ଦ୍ର ପରିଡ଼ା ୫୩ ବର୍ଷ ନାମକ ଟ୍ରେନ୍ ଧକ୍କାରେ ମୃତ ବରଣ କରିଥିବା ଜଣାପଡିଛି ।ଅମରେନ୍ଦ୍ର ସକାଳ ଘ ୬,୩୦ ସମୟରେ ହିନ୍ଦୋଳ ରୋଡ ରେଳ ଷ୍ଟେସନ ନିକଟରେ ଟ୍ରେନ ଲାଇନ ରେଳଧାରଣା ତନଖି କରି ଯାଉଥିବା ବେଳେ ତାଳଚେର ରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନରେ ଧକ୍କାରେ ତଳେ ପଡି ଯାଇଥିଲେ। ଘଟଣାସ୍ଥଳରେ ଅମରେନ୍ଦ୍ର ପରିଡ଼ା ଙ୍କର ପ୍ରାଣବାୟୁ ଉଡିଯାଉଥିବା ଜଣାପଡିଛି । ଖବର ପାଇ ରେଳବାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ବ୍ୟକ୍ତିଙ୍କ ଶବ କୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଦେଇ ତଦନ୍ତ କରୁଥିବା ଜଣାପଡିଛି ।

## ଲୋକ କଳାକାରଙ୍କୁ ସମ୍ବର୍ଦ୍ଧିତ କଲା ପାଟଣା ବ୍ଲକ ପ୍ରଶାସନ

ପାଟଣା **୧୧/୪(ନି.ପ୍ର):** ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ଆଜିର ଦିବସ ଲୋକକଳା ପାଇଁ ସମର୍ପିତ ଥିବା ବେଳେ ପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ଲୋକକଳା ସଂସ୍କୃତି ପାଇଁ ସମର୍ପିତ ପାଲା, ଦାଶକାଠିଆ,ଖଞ୍ଜଣି ଓ ଅନ୍ୟ ଲୋକ କଳାକାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବ୍ଲକ ସଭାଗୃହରେ ପାର୍ଥସାରଥୀ ବେଜଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଡିଓ ମାନସ କୁମାର ଦଣ୍ଡପାଟ, ବ୍ଲକ ଅଧକ୍ଷା ବୀଣାପାଣି ନାୟକ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ,ଜିପିଡ଼ିଓ ରଶ୍ମିରେଖା ମହାନ୍ତି, ଯୋଗାଣ ନିରୀକ୍ଷିକା ସୁନିତା ମାରାଣ୍ଡି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, କଳାକାର ସଙ୍ଘ ଉପସଭାପତି ନୃପକେଶରୀ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଉତ୍କଳୀୟ ସଂସ୍କୃତିର ଲୋକ କଳାକାର ଆଦର ଓ ଗ୍ରହଣୀୟତା ସମାଜ ପାଇଁ କେତେ ଜରୁରୀ ସେ ସମ୍ପର୍କରେ ମତ ରଖିଥିଲେ ।କାର୍ଯ୍ୟକ୍ରମ ରେ ମଧୁସୂଦନ ବାରିକ ,ନରହରି ମହାନ୍ତ, ବେଣୁଧର ନାଏକ,ବିଭୁତି ଭୂଷଣ ପାତ୍ର,ଅଭିରାମ ମୁଣ୍ଡା, ଭୂପତି କେଶରୀ ମହାନ୍ତ, ଶଶୀଭୂଷଣ ମହାନ୍ତ, ପଞ୍ଚାନନ ବାରିକ,ଚମ୍ପାବତୀ ମହାନ୍ତ,ପୁରନ୍ଦର ନାଏକ,ରସାନନ୍ଦ ନାଏକ,ଲିଙ୍ଗରାଜ ମହାନ୍ତ, ସାବିତ୍ରୀ ବେହେରା, ତ୍ରିଲୋଚନ ସେଠୀ ଓ କହ୍ନେଇ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କେନ୍ଦୁଝର,**୧୧/୪(ନି.ପ୍ର):** କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ବାପୁଜୀ ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଧୋବାଡିହା ର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବାରିକ ମାର୍ଚ୍ଚ ୩୧ ତାରିଖ ଦିନ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଗତକାଲି ସ୍କୁଲ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ସଦର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମାନସ ମିଶ୍ର,ତରଣୀସେନ ମୁଣ୍ଡ.ଜଗଦିଶ ନାୟକ ଯୋଗ ଦେଇ ତାଙ୍କର କ□ବ୍ୟନିଷ୍ଠା,ବ୍ୟକ୍ତିତ୍ୱ,ସମସ୍ତଙ୍କୁ ଭଲ ପାଇବା,ଉ□ମ ବ୍ୟବହାର,ଶିକ୍ଷାଦାନ ଓ କାର୍ଯ୍ୟ କରିବାର ଶୈଳୀକୁ ପ୍ରଶଂସା କରି ତାଙ୍କର ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ସଦର ବ୍ଲକ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା ନିଜ ବକ୍ତବ୍ୟରେ ଜଣେ କ□ବ୍ୟନିଷ୍ଠ ଏବଂ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ତାଙ୍କର ସୁନାମ ରହିଥିବା କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ,କେନ୍ଦୁଝର ସ୍ଥିତ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ଶରତ ବାରିକ ଯୋଗ ଦେଇ ସେ ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଥିଲେ ବୋଲି କହିଥିଲେ । ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ ତାଙ୍କୁ ପୁଷ୍ପଗୁଚ୍ଛ,ଉ□ରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିବାବେଳେ ସିଆରସିସି ସୁଧାଂଶୁ ରାଉତ,ଶିକ୍ଷକ ପିନାକି ମିଶ୍ର,ପ୍ରଦୀପ ମିଶ୍ର,ରଶ୍ମିତା ଦାସ,ସୁପ୍ରୀତି ସାହୁ.ଶୁଭଶ୍ରୀ ପାଲ,ଜ୍ୟୋତ୍ସ୍ନାମୟୀ ଚକ୍ର,ପ୍ରମିଳା ବିଶ୍ୱାଳ,ଗୀତାଞ୍ଜଳୀ ମାଝୀ,ବରିଷ୍ଠ କିରାଣୀ ଚି□ରଞ୍ଜନ ସାହୁ ଭାବବିହ୍ୱଳ ସହକାରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରି ସୁଖମୟ ଅବସର ଜୀବନ କାମନା କରିଥିଲେ ।

## ଗାଇସିଲେଟ ବୁରୋମୁଣ୍ଡା ଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ



ବରଗଡ**୧୧/୪(ନି.ପ୍ର):** ଏପ୍ରିଲ ୧ ଓଡ଼ିଶା ଦିବସରୁ ମହାବିଷୁବ ସଂକ୍ରାନ୍ତି ଏପ୍ରିଲ ୧୪ ଯାଏଁ ରାଜ୍ୟରେ ପାଳନ ହେବ ଓଡ଼ିଆ ପକ୍ଷ ଦିବସ । ଓଡ଼ିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ଇତିହାସ, ଐତିହ୍ୟ, ନୃତ୍ୟ, ସଂଗୀତ, ପରମ୍ପରା ହେଉଛି ଓଡ଼ିଆ ଜାତିର ଗର୍ବ ଆଉ ଗୌରବ ତେଣୁ ଏହାକୁ ନେଇ ଚଳିତ ବର୍ଷ ପ୍ରଥମ ଥର ପାଇଁ ଅପ୍ରେଲ ୧ ତାରିଖ ଓଡ଼ିଶା ଦିବସ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆ ଯାଇଛି । ଦୀର୍ଘ ୧୪ ଦିନ ଧରି ରାଜ୍ୟବ୍ୟାପି ଜିଲ୍ଲାସ୍ତରୀୟ,ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଜି ବରଗଡ଼ ଜିଲ୍ଲା ଗାଇ ସିଲେଟ ବ୍ଲକ ପକ୍ଷରୁ ବୁରୋମୁଣ୍ଡା ସ୍ଥିତ କଳାଗ୍ରାମରେ ବ୍ଲକ ସ୍ତରୀୟ ଓଡ଼ିଆ ପକ୍ଷ ଦିବସ ଏବଂ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ତାହିର ହୁସେନ,ବିଡିଓ ଲକ୍ଷ୍ମଣ ମାଝୀ, ଏବିଡିଓ ଭୀଷ୍ମ ମାଝି,ସମିତିସଭ୍ୟ ସରୋଜ ଶ୍ରିଭୂଷଣ ସାହୁ,ଗାଇସିଲେଟ ସରପଞ୍ଚ ଶରତ କାଲୋ,ସମିତି ସଭ୍ୟ ଜିନ୍ଦା ଭୋଇ, ଆନନ୍ଦ ମଟାରି ପ୍ରମୁଖ ଉପସ୍ଥିତ ଥିବା ବେଳେ ଶ୍ରୀଯୁକ୍ତ ନବୀନ ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବୋଧନ ସାଂସ୍କୃତିକ ଅନୁଷ୍ଠାନ ତୋରା,ଉପାୟ ସାଂସ୍କୃତିକ ଅନୁଷ୍ଠାନ ମାଣ୍ଡୋସିଲ ଯୋଗ ଦେଇ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ପରିଶେଷରେ ଅତିଥି ମାନେ ବରିଷ୍ଠ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପାଣ୍ଡବ ନନ୍ଦ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବ୍ଲକର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ତେବେ ଲୋକକଳା କୁ ବଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଏଭଳି ପ୍ରୟାସ କୁ କଳାକାର ଓ ଅଞ୍ଚଳ ବାସୀ କୃତଜ୍ଞତା ଜଣାଇଥିଲେ ।

## ବୁଟିଆ ଗୁଡା ରେ ନୂତନ ମାଁ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ନବରଂଗପୁର **୧୧/୪(ନି.ପ୍ର):** ପାପଡା ହାଣ୍ଡି ବ୍ଲକ ଅନ୍ତର୍ଗତ ଚନ୍ଦ୍ର ପୁର ଗ୍ରାମ ପଞ୍ଚାୟତରୁ ଟିଆ ଗୁଡା ରେ ନୂତନ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ରେ ଠାକୁରାଣୀ ମନ୍ଦିର ପୂଜକ କେଶରୀ ପୂଜାରୀ ଦୀର୍ଘ ଦିନ ଧରି ଲୋକମାନଙ୍କ ସେବା କାମ କରି ଆସୁଛନ୍ତି ।ଚନ୍ଦ୍ରପୁର ସରପଞ୍ଚ ଦ୍ୱିଜୟନ୍ତି ମାଝୀ ସମ୍ମାନନୀୟ ଅତିଥି ,ସି. ଆର. ସି. ସି. ବାବୁଲାଲ ସାଗର ମୁଖ୍ୟ ଅତିଥି ,ସମ୍ମାନନୀୟ ଅତିଥି ଲକ୍ଷ୍ମଣ କମର୍ଲା ମୈଦଲପୁର ପଦର ମସିଆଣି ମନ୍ଦିର ପୂଜକ ଓ ଧର୍ମ ପରାୟଣ ପ୍ରଭାକର ମାଳୀ ଉପସ୍ଥିତ ଥିଲେ କ୍ଷଗାଁର ପିତା ମାତା ସମସ୍ତଙ୍କ ସହଯୋଗ ରେ ପ୍ରତିଘରୁ ଏକ ହଜାର ଟଙ୍କାର ସହାୟତା ରେ ଗାଁର ଲୋକମାନଙ୍କ ମନ୍ଦିର ର ପ୍ରାଣ ପ୍ରତିଷ୍ଠା ପାଇଁ ଗାଁର ସମସ୍ତଙ୍କ ମଧ୍ୟରେ ଆନନ୍ଦର ବାତାବରଣ ସୃଷ୍ଟି ହୋଇଥିଲା ।ମୁଖ୍ୟ ଅତିଥି ବାବୁଲାଲ ଭାରତୀୟ ସଂସ୍କୃତି ରେ ଗାଁ ଜୀବନରେ ଲୋକମାନଙ୍କ ଧର୍ମ ମୟ ଜୀବନ ରେ ସୁସଂପର୍କ ଓ ପର୍ବପର୍ବାଣୀରେ ଏକ ଜୁଟ ହୋଇ ନାଟ ,ଗୀତ ମାଧ୍ୟମରେ ଲୋକଙ୍କ ମଧ୍ୟରେ ବନ୍ଧୁତା ଭାବ କୁ ସବୁଦିନ ବଜାୟ ରଖିବାକୁ ଲୋକମାନଙ୍କୁ ଅବଗତ କରାଇଥିଲେ ।

# ପାଟଣାରେ ଯୁବମୋର୍ଚ୍ଚାର ସାଧାରଣ ସଭା

ପାଟଣା **୧୧/୪(ନି.ପ୍ର):** ଓଡ଼ିଶାରେ ବିଜେପିର ସରକାର ହେବା ପୂର୍ବରୁ ବିଜେପିର ମଣ୍ଡଳ ସ୍ତରରେ ବିଭିନ୍ନ ସାଂଗଠନିକ ବୈଠକ ମାନ ଦେଖିବାକୁ ମିଳୁଥିଲା । ବେଶ କିଛି ମାସର ବ୍ୟବଧାନ ପରେ ଆଜି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସବୀର ଦାଶଙ୍କ ନେତୃତ୍ୱରେ ଶତାଧିକ ଯୁବକଙ୍କୁ ନେଇ ଏକ ସାଧାରଣ ସଭା ପାଟଣା ସ୍ଥିତ ବୈତରଣୀ ନଦୀ କୂଳରେ ଦେଖିବାକୁ ମିଳିଛି । ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପି ର ବୃହତ ବିଜୟ ପଛରେ ଯୁବଗୋଷ୍ଠୀଙ୍କ ଭୂମିକା ସ୍ୱତନ୍ତ୍ର ରହିଥିଲା । ଅନେକ ଯୁବକର୍ମୀ ତତ୍କାଳୀନ ବିଜେଡି ସରକାର୍ ବିରୁଦ୍ଧରେ ଆଗକୁ ଆସି ସଂଗଠନ ପାଇଁ ପରିଶ୍ରମ କରିଥିଲେ । ସବୀର ଦାଶ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଥିବା ସମୟରୁ ପାଟଣା ନିର୍ବାଚନ ମଣ୍ଡଳୀରେ ଯୁବମୋର୍ଚ୍ଚା କୁ ସୁଦୃଢ଼ କରିବାକୁ ଲାଗି ପଡ଼ିଥିଲେ । ଯାହାର ଫଳ ସ୍ୱରୂପ ପାଟଣା ନିର୍ବାଚନ ମଣ୍ଡଳୀର ୪ ଗୋଟି ପ୍ରମୁଖ ମଣ୍ଡଳର ନୂତନ ସଭାପତି ଭାବରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଙ୍କୁ ଦଳ ଦାୟିତ୍ୱ ପ୍ରଦାନ କରିଅଛି । ଯୁବମୋର୍ଚ୍ଚା ପାଟଣା ମଣ୍ଡଳ ଉପ ସଭାପତି ଥିବା ବ୍ରଜବନ୍ଧୁ ସେଠୀ ଙ୍କୁ ଭାରତୀୟ ଜନତା ପାର୍ଟି ର ମଣ୍ଡଳ ସଭାପତି ଦାୟିତ୍ୱ ମିଳିଥିବା ବେଳେ ଯୁବମୋର୍ଚ୍ଚା କେନ୍ଦେଇପଶି ମଣ୍ଡଳର ପୂର୍ବତନ ସଭାପତିଙ୍କୁ ମଧ୍ୟ ପାର୍ଟିର ମଣ୍ଡଳ ସଭାପତି ଦାୟିତ୍ୱ ମିଳିଛି । ସେହିପରି ଖିରେଇଟାଙ୍ଗିରୀ ମଣ୍ଡଳର ପୂର୍ବତନ ଯୁବମୋର୍ଚ୍ଚା ସଭାପତି ମନୋଜ ମହାନ୍ତଙ୍କୁ ପାର୍ଟିର ମଣ୍ଡଳ ସଭାପତି ଏବଂ ପୂର୍ବତନ ଜିଲ୍ଲା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଲକ୍ଷ୍ମୀଧର ମହାନ୍ତଙ୍କୁ ଉଖୁଣ୍ଡା ମଣ୍ଡଳ ସଭାପତି ଦାୟିତ୍ୱ ମିଳିଛି । ଏ ଅବସରରେ ଆଜି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସବୀର ଦାଶ ଯୁବମୋର୍ଚ୍ଚା ରୁ ପଦୋନ୍ନତି ପାଇଥିବା ସମସ୍ତ ନବ ନିଯୁକ୍ତ ମଣ୍ଡଳ ସଭାପତି ଙ୍କୁ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧିତ କରିଛନ୍ତି । ବୈଠକରେ ପାଟଣା ମଣ୍ଡଳ ଉପ ସଭାପତି ସଞ୍ଜୟ ପଲେଇ, ହରିଶ ମହାନ୍ତ, ଜିଲ୍ଲା ଯୁବମୋର୍ଚ୍ଚା ଉପ ସଭାପତି ଅଶ୍ୱିନୀ ମହାନ୍ତ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗିତିକଣ୍ଠ ପାତ୍ର, ପାଟଣା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ନୀତେଶ ମହାନ୍ତ, ଉଖୁଣ୍ଡା ମଣ୍ଡଳ ଯୁବ ସଭାପତି ନବକିଶୋର ବେହେରା, ଉଦୟପୁର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିବେକାନନ୍ଦ ମହାନ୍ତ, ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ଉପ ସଭାପତି ଏସ୍.କେ ମନସୁର, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ରୂପେଶ ରଣା, ଚିନ୍ମୟ ବେହେରା, ମଧୁସୂଦନ ମହାନ୍ତ, ସୁରଜ୍ ବାରିକ୍, ଚନ୍ଦ୍ରଶେଖର ସେଠୀ, ପ୍ରକାଶ ସେଠୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶତାଧିକ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ଶୈଶବାବସ୍ଥା ବାଳିକା ଶିକ୍ଷା ଆଲୋଚନା ଚକ୍ର

ବୁଗୁଡ଼ା **୧୧/୪(ନି.ପ୍ର):** ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପୋଟାଲୁଣ୍ଡି ମା କାଳୀ କୃଷକ ବିଦ୍ୟାପୀଠରେ ' ଶୈଶବାବସ୍ଥା ବାଳିକା ଶିକ୍ଷା ଆଲୋଚନା ଚକ୍ର ' ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରଧାନ ଶିକ୍ଷକ ରମାରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ବୁଗୁଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ପଦାରବିନ୍ଦ ଷଡଙ୍ଗୀ ଓ ଡାକ୍ତର ଚିନ୍ମୟୀ ସାମନ୍ତରା ସମ୍ବଳ ବ୍ୟକ୍ତି ରୂପେ ଯୋଗଦେଇ କିଶୋରୀ ବାଳିକାଙ୍କ ଶିକ୍ଷା ଓ ସଚେତନତା ସମ୍ପର୍କରେ ସୂଚନା ପ୍ରଦାନ ସହ ବାଳିକାମାନଙ୍କ ବୌଦ୍ଧିକ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲା । ଏହି କାର୍ଯ୍ୟକ୍ରମରେ ପଚାଶରୁ ଉର୍ଦ୍ଧ୍ୱ କିଶୋରି ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ କଂଗେସ କମିଟିର ପ୍ରସ୍ତୁତି ବୈଠକ



ନିଶ୍ଚିନ୍ତକୋଇଲି **୧୧/୪(ନି.ପ୍ର):**ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନାରୀ ସୁରକ୍ଷା ଓ ନାରୀଙ୍କୁ ନ୍ୟାୟ ପ୍ରଦାନ ପରିପ୍ରେକ୍ଷୀରେ ଆସନ୍ତା ୧୫ତାରିଖରେ ଏକ ମଶାଲ ଶୋଭାଯାତ୍ରା କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏହି ଦିନ ସନ୍ଧ୍ୟାରେ ନିଶ୍ଚିନ୍ତକୋଇଲି ବଉଳ ବଜାରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବ୍ଲକ ଛକ ପର୍ଯ୍ୟନ୍ତ ଯାଇ ସରକାରୀ ବିରୋଧୀ ବିଭିନ୍ନ ସ୍ଲୋଗାନ୍ ଦେବାର କାର୍ଯ୍ୟକ୍ରମ ରହିଛି । ନଟକାଇ ସ୍ଥିତ କ୍ଷୀରୋଦ ମଣ୍ଡପ ଠାରେ ମାହାଙ୍ଗା କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରାଙ୍କ ସଂଯୋଜନାରେ ଏଥିରେ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ରବୀନ୍ଦ୍ର ମଲିକ, ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଲଲାଟେନ୍ଦୁ ମହାପାତ୍ର, ସାଲେପୁର ବାର ଆସୋସିଏସନର ସମ୍ପାଦକ ଆଇନଜୀବୀ ଭାସ୍କରଚନ୍ଦ୍ର ବେହେରା, ଆଇନଜୀବୀ ପ୍ରବୀଣ କାନୁନଗୋ, ଆଇନଜୀବୀ ପ୍ରଦିପ୍ତ ଭୂୟାଁ, ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ନୃସିଂହ ସାହୁ, ଉତ୍ତମ କୁମାର ବେହେରା, କ୍ଷମାନିଧି ପୂଜାରୀ, ନଳିନୀ ପ୍ରସାଦ ପଣ୍ଡା, ଅକ୍ଷୟ ସାହୁ, ସମୀର ସାହୁ, ବସନ୍ତ ମହାରଣା, ପବିତ୍ର ପ୍ରଧାନ,ନାରାୟଣ ମହାରଣା, ସୁଧାଂଶୁ ଶେଖର ସାମନ୍ତରାୟ, ରମେଶ ସାହୁ, ବିଭୂତି ଦ୍ୱିବେଦୀ,ସରୱାର ଖାଁ, ରମେଶ ବେହେରା, ଶରତ ଦାସ, ସତ୍ୟଜିତ୍ ସାହୁ,ସୁକାନ୍ତ ସାହୁ, ରାମକୃଷ୍ଣ ବାରିକଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଏଥିରେ ଯୋଗ ଦେଇ ଶୋଭାଯାତ୍ରାକୁ କିଭଳି ସଫଳ କରିବେ ଏବଂ ଅଧିକରୁ ଅଧିକ କଂଗ୍ରେସ କର୍ମୀ ବିଭିନ୍ନ ପଂଚାୟତରେ ଆସି ଏଥିରେ ସକ୍ରିୟ ଯୋଗ ଦେବେ ସେ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ । ଏହି ବୈଠକରେ ବ୍ଲକର ବିଭିନ୍ନ ପଂଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପୋଲସରା କଲେଜର +୩ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର

ପୋଲସରା **୧୧/୪(ନି.ପ୍ର):**ଏପ୍ରିଲ ୧୦ ତାରିଖ ଦିନ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର +୩ କଳା ଓ ବିଜ୍ଞାନ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସପାଲ ପ୍ରଫେସର ରବୀନ୍ଦ୍ର ନାଥ ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଆତ୍ମ ସୁରକ୍ଷା ତାଲିମ ଶିବିରର ସଂଯୋଜିକା ଲେଫ୍ଟନାଣ୍ଟ ବିନତା କୁମାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ +୩ ପ୍ରଥମ ବର୍ଷର ୨୦୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ଅଧ୍ୟାପକ ରୁଦ୍ର ପ୍ରସାଦ ଗୌଡ଼ ଓ କ୍ରୀଡ଼ା ଅଧ୍ୟାପକ ଦୀପକ କୁମାର ସ୍ୱାଇଁ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମର ମହତ୍ତ୍ୱ ସମ୍ପର୍କରେ ମତ ପ୍ରଦାନ କରିଥିଲେ । ମାଷ୍ଟର ଟ୍ରେନର ଜ୍ୟୋତି ପାଣିଗ୍ରାହୀ ଓ ରେମଶା ପ୍ରଧାନ ଆତ୍ମ ସୁରକ୍ଷାର କୌଶଳ ଗୁଡିକ ବିଷୟରେ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ବୃନ୍ଦ ଯୋଗଦେଇ ତାଲିମ ଗ୍ରହଣ କରିଥିବା ଛାତ୍ରୀ ବୃନ୍ଦଙ୍କୁ ଉତ୍ସାହିତ କରିଥିଲେ । ସସ୍ମିତା ବେହେରା ଓ ସୁଶାନ୍ତି ସାହୁ ପିଲାମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ଶିବିର ଆଗକୁ କିଭଳି କାର୍ଯ୍ୟକାରୀ ହୋଇପାରିବ ବୁଝାଇଥିଲେ । ଶେଷରେ ସଂଯୋଜିକା ବିନତା କୁମାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବାର୍ଷିକ ପାଠଚକ୍ର

ପୋଲସରା **୧୧/୪(ନି.ପ୍ର):** ଗଞ୍ଜାମ ଜିଲ୍ଲାର ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ବାର୍ଷିକ ପାଠଚକ୍ର ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏହି ମିଳିତ ପାଠଚକ୍ରକୁ କଲେଜର ପ୍ରିନ୍ସପାଲ ରବୀନ୍ଦ୍ର ନାଥ ପାଳ ଉଦଘାଟନ କରିଥିଲେ । ସମ୍ବଳ ବ୍ୟକ୍ତି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା ଡକ୍ଟର ଏ ଲିଲା ବେଣୀ ଓ ଆଞ୍ଚଳିକ ଜୈବ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଶେଖ ନୌସଦ ହୁସେନ ଯୋଗଦେଇ ଛାତ୍ରଛାତ୍ରୀ ବୃନ୍ଦଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ରୋଜିତା ମିଶ୍ର, ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସ୍ୱାଭିମାନ ସାହୁ, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ଟୋନିକା ଦଳାଇ ଓ ଅଧ୍ୟାପକ ଦେବାଶିଷ ସ୍ୱାଇଁ, ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ମମତା କୁମାରୀ ପ୍ରଧାନ, ଆଇ.କିୟୁ.ଏ.ସି. ସଂଯୋଜକ ବିଶ୍ୱନାଥ ଚୌଧୁରୀ, ଡେମୋନଷ୍ଟର ସୁଜାତା ରାଣୀ ବେହେରା, ସୁଜ୍ଞାନୀ କୁମାରୀ ସାହୁ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ନାତକ ଓ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ , ଯୋଗ ଦେଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ପାଟଣା **୧୧/୪(ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରଜତ ଜୟନ୍ତୀ ସମାରୋହ ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସମାରୋହରେ ସଭାପତି ଭାବରେ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ , ସମ୍ମାନୀତ ଅତିଥି ଅବସରପ୍ରାପ୍ତ ନିର୍ମଳ ଚନ୍ଦ୍ର ସାହୁ , ଦେବରାଜ ପ୍ରଧାନ ,ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି କୈବଲ୍ୟ ଚରଣ ସାହୁ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ତୁରୁମୁଙ୍ଗା ସଙ୍କୁଳର ସମସ୍ତ ପ୍ରଧାନ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଏବଂ ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ସଭାପତି ଭାବେ ପ୍ରଦୀପ କୁମାର ସାହୁ , ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା,ସମ୍ମାନୀତ ଅତିଥି ମାନ୍ୟବର ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ , କୋରେଇ ବିଧାୟକ ଆକାଶ ଦାଶ ନାୟକ ,ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ ଯୋଗ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ପ୍ରଭାତୀ ପରିଡ଼ାଙ୍କ କରକମଳରେ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସ୍ମରଣିକା " ଜାଗୃତି "ର ଶୁଭ ଉନ୍ମୋଚନ ହୋଇଯାଇଛି । ଉକ୍ତ ଉତ୍ସବରେ କୈବଲ୍ୟ ଚରଣ ସାହୁ ସଂଯୋଜନା କରିଥିଲେ । କୃତୀ ପ୍ରତିଭା ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସଭା ଶେଷରେ ବିଦ୍ୟାଳୟର ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା ମାନଙ୍କ ସହଯୋଗରେ ସଫଳ ହୋଇଥିଲା ।

## ବଣୁଆ ମହାପୁରୁଷ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ମାହାଙ୍ଗା **୧୧/୪(ନି.ପ୍ର):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଂଚାୟତ ଗଙ୍ଗପୁରାସ୍ଥିତ ପ୍ରସିଦ୍ଧ ବଣୁଆ ମହାପୁରୁଷ ପୀଠ ସ୍ଥଳୀରେ ବଣୁଆ ମହାପୁରୁଷ ଯଜ୍ଞ କମିଟି ପକ୍ଷରୁ ପଂଚଦିବସୀୟ ବିଶ୍ୱଶାନ୍ତି ଗୀତାମହାଯଜ୍ଞ ମହାସମାରୋହରେ ଗତ ସୋମବାର ଠାରୁ ଅନୁଷ୍ଠିତ ହେଉଅଛି । ଏହି ଅବସରରେ ଅଙ୍କୁରାରୋପଣ ,କଳସଯାତ୍ରା,ସୂର୍ଯ୍ୟପୂଜା ,ଗୋପୂଜା,ଅଗ୍ନିସ୍ଥାପନ ପୂର୍ବକ ଯଜ୍ଞାହୁତି ପ୍ରଦାନ କରାଯାଉଛି । ଏଥିରେ କର୍ତ୍ତା ଓ କର୍ତ୍ତୀ ଭାବେ ସୁବାଷ ଚନ୍ଦ୍ର ଖଟୁଆ ,ସୋନାଲିକା ଖଟୁଆ ପୂଜା କାର୍ଯ୍ୟରେ ବସିଥିବାବେଳେ ପଣ୍ଡିତ ସୁରେଶ ମହାପାତ୍ର,ଜଗବନ୍ଧୁ ଦିକ୍ଷୀତ ,ସଂଜୀବ ନନ୍ଦ,ତାପସ କୁମାର ନନ୍ଦ,ଦୀପକ କୁମାର ପତି ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରୁଛନ୍ତି । ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିବାବେଳେ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ଓ ସଂକୀର୍ତନ ପରିବେଷଣ କରାଯାଉଛି । ଏଥିରେ ଜଳେଶ୍ୱରପୁର ଓ ଶ୍ରୀକୃଷ୍ଣପୁର ପଂଚାୟତର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଗୀତାଯଜ୍ଞ ଅନୁଷ୍ଠିତ ହେଉଛି ।

## ହାତୀବନ୍ଧାରେ ମହା ମୃତ୍ୟୁଞ୍ଜୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ



ସିନାପାଲି **୧୧/୪(ନି.ପ୍ର):** ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମ ଠାରେ ନବ ନିର୍ମିତ ମହା ମୃତ୍ୟୁଞ୍ଜୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଗତ ସୋମବାର କଳସ ଯାତ୍ରା ପରେ ମଙ୍ଗଳବାର ନବ ନିର୍ମିତ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି । ଏହା ପରେ ବୁଧବାର ବିଧି ଅନୁଯାୟୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସହ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆୟୋଜିତ ହୋଇ ଯାଇଛି । କାର୍ଯ୍ୟକ୍ରମ ଆୟୋଜନରେ ସୁଶ୍ରୀ ଗାୟତ୍ରୀ ସାହୁ, ସୁଶ୍ରୀ ଜୟନ୍ତୀ ମେହେର, ସୁଶ୍ରୀ ମମତା ମେହେର, ଖିରମତି ମେହେର, ଲୋଚନ ମେହେର, ସୁବାସ ଅଗ୍ରୱାଲ, ସରୋଜ ସିଂ ନିନା ପ୍ରମୁଖ ନେତ ?ତ୍ୱ ନେଇଛନ୍ତି । କାର୍ଯ୍ୟକ୍ରମର ପୂଜକ ଭାବରେ ଅର୍ଜୁନ ବାଗ, ଶୁଭେନ୍ଦ୍ର ସାହୁ, ଭବାନୀ ଶଙ୍କର କଟା, ଚଂଦ୍ର କୁମାର ଧୀବର ଦାୟିତ୍ୱରେ ଥିବା ବେଳେ ଯଜ୍ଞ କର୍ତ୍ତା ଭାବରେ ମୃତ୍ୟୁଞ୍ଜୟ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ରେଖା ଅଗ୍ରୱାଲ ରହିଛନ୍ତି । ସମସ୍ତ କାର୍ଯ୍ୟ ସଂପାଦନରେ ଲକ୍ଷ୍ମୀଧର ମେହେର, ତପନ କାଣ୍ଡ, ବୃନ୍ଦାବାନ କାଣ୍ଡ, ଜେଡୋ ନାଗ, ମନିରାମ ମେହେର, ଗୁଣନିଧି ବେହେରା, ନିରୁପମା ପ୍ରମୁଖଙ୍କ ସହ ଅଂଚଳ ବାସୀ ସହଯୋଗ କରୁଛନ୍ତି ।

# କୁନି କୁନି ପିଲାଙ୍କ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନେଶ୍ୱର:୧୧/୪(ନି.ପ୍ର):କୁନି କୁନି ପିଲାମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ କ୍ଷେତ୍ରେର ନିରବଚ୍ଛିନ୍ନ ଭବେ କାର୍ଯ୍ୟରତ ଅଗ୍ରଣୀ ମନେଜାତ୍ ପ୍ଲେ ସ୍କୁଲର ତ୍ରୟୋଦଶ ବାର୍ଷିକ ଉତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟେର ସମାହିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଶୁଭଦୀପା ମହାନ୍ତିଙ୍କ ପୌରାହିତ୍ୟେର ଅୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବେର ବରିଷ୍ଠ ଶିଶୁ କ୍ୟାନସର ରୋଗ ବିଶେଷଜ୍ଞ ଡ. ପଲାଶ ଦାଶ, ୬ନଂ ୱାର୍ଡର କେର୍ପୋରେଟର ପ୍ରିତୀନନ୍ଦା ରାଉତରାୟ, ୭ନଂ ୱାର୍ଡର କେର୍ପୋରେଟର ଯେଶାଧାରା ପ୍ରଧାନ, ଡି.ଏ.ଭି ପବ୍ଲିକ ସ୍କୁଲର ବରିଷ୍ଠ ଶିକ୍ଷକ ତଥା ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରୀ ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବିଭିନ୍ନ କ୍ୟାନସର ରୋଗର ଉପସମ ଉପେର କାର୍ଯ୍ୟରତ କ୍ରିୟା ଫାଉଣ୍ଡସନ୍ର ସାମାଜିକ କର୍ମୀ ଲିଲି ଜେନାମଣି, ସ୍ମାର୍ଟ ଭିଜନ୍ ଆବାକସ୍ର ସଂଯୋଜିକା ରାଜଶ୍ରୀ ଦାସ ଓ ବରିଷ୍ଠ ନାଗରିକ ଡ. ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗେଦଇ ଅଧ୍ୟୟନ ସହ ସଂସ୍କାର, ଗୁରୁ ଶିଷ୍ୟ ପରମ୍ପରାର ପବିତ୍ର ସମ୍ପର୍କ, କଳା ଓ ସଂସ୍କୃତି ସହ ଏକ ଭଲ ମଣିଷ ଗଠନ ଉପେର ଗୁରୁତ୍ୱାରୋପ କରିଥିଲେ । ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପାଠପଢା ପାଇଁ ଉତ୍ସାହିତ କରିବା ଲକ୍ଷ୍ୟେର ବିଦ୍ୟାଳୟର ଅଧ୍ୟକ୍ଷାଙ୍କ ଦିବଂଗତ ମାତାଙ୍କ ସ୍ମୃତି ଉେଦ୍ଦଶ୍ୟେର ଆରମ୍ଭ କରାଯାଇଥିବା କଲ୍ୟାଣୀ ମହାନ୍ତି ସ୍ମୃତି ସମ୍ମାନ ଛାତ୍ରୀ ଅଭିଲିପ୍ସା ସାମଲଙ୍କୁ ପ୍ରଦାନ କରାଯାଇଥିଲା । ଉତ୍ସବେର କ୍ୟାନସର ସେଚତନତା ବାର୍ତ୍ତା ତଥା ସବୁଜିମା, ବୃକ୍ଷେରାପଣ ଓ ପ୍ଲାଷ୍ଟିକ ବର୍ଜନ ଉପେର ସେଚତନତା ସୃଷ୍ଟି କରିବା ଉେଦଶ୍ୟେର ପୁଷ୍ପଗୁଚ୍ଛ ପରିବେର୍ତ୍ତ ଚାରା, ପୁରସ୍କାର ତଥା ଅନ୍ୟାନ୍ୟ ସାମଗ୍ରୀକୁ ପ୍ଲାଷ୍ଟିକ ପରିବେର୍ତ୍ତ କଟନ କପଡ଼ାର ବ୍ୟବହାର କରାଯାଇ ଏକ ଉଦାହରଣ ସୃଷ୍ଟି କରାଯାଇଥିଲା । ଏହି ଅବସରେର ଆଖପାଖ ବିଦ୍ୟାଳୟ ମାନଙ୍କ ମଧ୍ୟେର ଉତ୍ତମ ସମନ୍ୱୟ ରକ୍ଷା ପାଇଁ ଅୟୋଜିତ ବିଭିନ୍ନ ଆନ୍ତ-ବିଦ୍ୟାଳୟ ପ୍ରତିଯୋଗୀତା, ଆବାକସ୍ର କୃତୀ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟେର ଅୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷେର ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସୁନିଲ ଡ୍ୟାନ୍ସ ଏକାଡେମିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଶେଷେର ବିଦ୍ୟାଳୟର ଶିକ୍ଷୟତ୍ରୀ ତଥା ମା ମାନଙ୍କ ଦ୍ୱାରା ନୃତ୍ୟ ଆକର୍ଷଣୀୟ ହୋଇଥିଲା । ସୁନାମଧନ୍ୟ ଘୋଷକ ଶୁଭଜିତ୍ ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୃନ୍ଦ ସଂଯୋଜନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟେର ଅଞ୍ଚଳର ବରିଷ୍ଠ ନାଗରିକ ମାନଙ୍କୁ ନେଇ ଗଠିତ ସ୍ୱାଭିମାନ ମଞ୍ଚର ସଦସ୍ୟ ବୃନ୍ଦ, ଅଭିଭାବକ ତଥା ସ୍ଥାନୀୟ ଜନସାଧାରଣ ବିପୁଳ ସଂଖ୍ୟାେର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।




# ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀଙ୍କ ଦିନିକିଆ ବରଗଡ ଗସ୍ତ

ବରଗଡ଼ ୧୧/୪(ନି.ପ୍ର): ମାନ୍ୟବର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦିପ ବଳ ସାମନ୍ତ ଦିନିକିଆ ବରଗଡ ଗସ୍ତରେ ଆସି ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ନୂତନ କାର୍ଯ୍ୟାଳୟ ଏବଂ ଅତାବିରା, ଗଡଭଗା ଠାରେ ନବ ନିର୍ମିତ ନିୟନ୍ତ୍ରିତ ବଜାର କମିଟିର ମାର୍କେଟ କମ୍ପ୍ଲେକ୍ସକୁ ଉଦ୍ଘାଟନ କରିବା ସହ ସର୍ବମୋଟ ମୋଟ ୮୮ କୋଟି ୭୨ଲକ୍ଷ ୫୧ ହଜାର ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି.ମାନ୍ୟବର ମନ୍ତ୍ରୀ ପ୍ରଥମେ ବେଲଜୁରି ବଜାର ପରିଭ୍ରମଣ କରି ସ୍ଥାନୀୟ ବୁଣାକାରଙ୍କ ନିମିତ୍ତ ପୂର୍ବରୁ ନିର୍ମାଣ ହୋଇ ଖାଲି ପଡିରହିଥିବା ମାର୍କେଟ କମ୍ପ୍ଲେକ୍ସର ତଦାରଖ କରିବା ପରେ ବେହେରା ମାର୍କେଟ ପରିଦର୍ଶନ କରି ସେଠାରେ ସମସ୍ତ ସୁବିଧା ଯୋଗାଇ ତାହାର ପୁନରୁଦ୍ଧାର ନିମନ୍ତେ ସ୍ଥାନୀୟ ବୁଣାକାର ଏବଂ ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ ।ଏହାପରେ ବରଗଡ ସ୍ଥିତ ସମ୍ବଲପୁରୀ ବସ୍ତ୍ରାଳୟର ରଙ୍ଗ ଘର ଏବଂ କାର୍ଯ୍ୟାଳୟ ପରିଦର୍ଶନ କରି ସମଲପୁରୀ କପଡ଼ାର ପ୍ରସ୍ତୁତି ଏବଂ ବିକ୍ରି ପ୍ରକ୍ରିୟାର ତଦାରଖ କରିବା ପରେ କୃତାର୍ଥ ଆଚାର୍ଯ୍ୟ ସମବାୟ ପରିଚାଳନା କେନ୍ଦ୍ରଠାରେ ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ ସମବାୟ ସଭ୍ୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିବା ସହ ରାଜ୍ୟ ସରକାର ସମବାୟ ବିଭାଗ ମାଧ୍ୟମରେ ଯୋଗାଇ ଦେଉଥିବା ସମସ୍ତ ସୁବିଧା ବିଷୟରେ ସୂଚନା ପ୍ରଦାନ କରିବା ପରେ ସମବାୟ ଆନ୍ଦୋଳନ ଜରିଆରେ "ବିକଶିତ ଗାଁ ବିକଶିତ ଓଡିଶା ତଥା ବିକଶିତ ଭାରତ" ଗଠନ କରିବାକୁ ଆହ୍ୱାନ ଦେଇଥିଲେ ।ଏହାପରେ ମାନ୍ୟବର ମନ୍ତ୍ରୀ ସ୍ଥାନୀୟ ଗୋରୁ ମାର୍କେଟ ଠାରେ ୬ କୋଟି ୮୫ ଲକ୍ଷ ୪୧ ହଜାର ୬୩୧ ଟଙ୍କା ଅଟାକଳ ମୂଲ୍ୟରେ ନିର୍ମାଣ ହୋଇଥିବା ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ନୂତନ କାର୍ଯ୍ୟାଳୟ ର ଶୁଭ ଉଦ୍ଘାଟନ କରି ଥିଲେ ।ଏହା ସହ ବରଗଡ଼ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଧାନ କ୍ରୟ କେନ୍ଦ୍ରରେ ଭିତ୍ତିଭୂମି ନିର୍ମାଣ ଓ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପାଖାପାଖି ୫ କୋଟି ୭୯ ଲକ୍ଷ ଟଙ୍କା, ଭଟଲି ଓ ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଧାନ କ୍ରୟ କେନ୍ଦ୍ରରେ ଭିତ୍ତିଭୂମି ନିର୍ମାଣ ଓ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପାଖାପାଖି ୫ କୋଟି ୮୩ ଲକ୍ଷ ଟଙ୍କା, ବରପାଲି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଧାନ କ୍ରୟ କେନ୍ଦ୍ରରେ ଭିତ୍ତିଭୂମି ନିର୍ମାଣ ଓ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପାଖାପାଖି ୪ କୋଟି ୯୦ ଲକ୍ଷ ଟଙ୍କା,ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ଭୁକ୍ତା ଆଦର୍ଶ ମଣ୍ଡିର ଭିତ୍ତିଭୂମି ନିର୍ମାଣ ଓ ଲଖନପୁର ଧାନ କ୍ରୟ କେନ୍ଦ୍ରର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପାଖାପାଖି ୪ କୋଟି ୮୩ ଲକ୍ଷ ଟଙ୍କା ଏବଂ ବରଗଡ଼ ନିୟନ୍ତ୍ରିତ ବଜାର କମିଟିରେ ମିଶନ ଶକ୍ତି କାଫେ, ମାଂସ ବଜାର, ପରିବା ବଜାର, ଭେଣ୍ଡିଙ୍ଗ ଜୋନ୍ ନିର୍ମାଣ,ସର୍ବସାଧାରଣ ଶୌଚାଳୟ, ଚଲାପଥ ନିର୍ମାଣ ଓ କୃଷକ ବଜାର ନବୀକରଣ କାର୍ଯ୍ୟ ପାଇଁ ୮ କୋଟି ୧୦ ଲକ୍ଷ ୪୬ ହଜାର ଟଙ୍କାର ପ୍ରସ୍ତାବିତ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।ଉଦ୍ଘାଟନୀ ସଭାରେ ମାନ୍ୟବର ମନ୍ତ୍ରୀ ଯୋଗ ଦେଇ ବିପଣନ ବ୍ୟବସ୍ଥା ସୁଦୃଢ ହେଲେ କୃଷକ ବନ୍ଧୁମାନଙ୍କ ଜୀବନ ଜୀବିକା ସୁରକ୍ଷିତ ହୋଇପାରିବ,ସେମାନଙ୍କର ଆର୍ଥିକ ପ୍ରଗତି ଆସିପାରିବ ତେଣୁ ଓଡିଶା ସରକାର କୃଷି ଅର୍ଥନୀତିକୁ ସୁଦୃଢ କରିବା ସହ ବରଗଡ଼ ଜିଲ୍ଲାର ପୁରପଲ୍ଲୀରେ କୃଷକ ବନ୍ଧୁମାନେ ଏବେ ଯେଉଁ ଶ୍ରମ କରୁଛନ୍ତି ସେମାନଙ୍କ ଶ୍ରମର ଉପଯୁକ୍ତ ମୂଲ୍ୟ ଯୋଗାଇବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ତଥା ଯୋଜନା ବିଷୟରେ କହିଥିଲେ ।ଏହାପରେ ମାନ୍ୟବର ମନ୍ତ୍ରୀ ଭାରତୀୟ ହସ୍ତତନ୍ତ ପ୍ରଯୁକ୍ତି ପ୍ରତିଷ୍ଠାନ ଗସ୍ତ କରି ସେଠାକାର ସମାସ୍ୟ ବିଷୟରେ ପଚାରି ବୁଝିବା ସହ ଭିତ୍ତିଭୂମିର ବିକାଶ ପାଇଁ ଆଲୋଚନା କରିଥିଲେ ।ଏହା ସହ ଅତାବିରା ଅଞ୍ଚଳର କୃଷକ ମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ଯୋଗାଇ ଦେବା ପାଇଁ ଓ ବିପଣନ ବ୍ୟବସ୍ଥାକୁ ସୁଦୃଢ କରିବା ଲକ୍ଷ୍ୟରେ ସର୍ବ ମୋଟ ୨ କୋଟି ୪୦ ଲକ୍ଷ ଟଙ୍କା ମୂଲ୍ୟରେ ନିର୍ମିତ ଅତାବିରା ନିୟନ୍ତ୍ରିତ ବଜାର କମିଟିର ୭୮ ଟି ଦୋକାନ ଗୃହ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଏବଂ ୨ କୋଟି ମୂଲ୍ୟରେ ନିର୍ମିତ ଗୋଡ଼ଭଗା ଠାରେ ୪୦ଟି ଦୋକାନ ଘର ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସକୁ ଉଦ୍ଘାଟନ କରିଥିଲେ ।ମାନ୍ୟବର ମନ୍ତ୍ରୀଙ୍କ ଗସ୍ତ ସମୟରେ ମାନ୍ୟବର ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ମାନ୍ୟବର ବିଧାୟକ,ବରଗଡ଼ ଅଶ୍ୱିନୀ କୁମାର ଷଡ଼ଙ୍ଗୀ,ମାନ୍ୟବର ବିଧାୟକ ଭଟଲି ଇରାସିସ୍ ଆଚାର୍ଯ୍ୟ,ମାନ୍ୟବର ବିଧାୟକ, ବିଜେପୁର ସନତ୍ କୁମାର ଗଡ଼ତିଆ, ବୟନ ଓ ହସ୍ତତନ୍ତ ବିଭାଗର କମିସନର ତଥା ସାଶନ ସଚିବ ଗୁହା ପୁନମ ତାପସ କୁମାର ଏବଂ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରି,ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ,ବରଗଡ଼ ତଥା ଅଧ୍ୟକ୍ଷ,ନିୟନ୍ତ୍ରିତ ବଜାର କମିଟି,ବରଗଡ଼ ମଧୁଛନ୍ଦା ସାହୁ, ବରଗଡ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ,ନିୟନ୍ତ୍ରିତ ବଜାର କମିଟି, ଅତାବିରା ପ୍ରସନ୍ନ କୁମାର ପାଣ୍ଡେ ଏବଂ ନିୟନ୍ତ୍ରିତ ବଜାର କମିଟିର ସଂପାଦକ, କର୍ମକର୍ତ୍ତା,ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।ପ୍ରକାଶ ଥାଉ କି ଇତି ମଧ୍ୟରେ ବିଭିନ୍ନ ମାର୍କେଟ ୟାଡ଼ ମାନଙ୍କ ରେ ଦୀର୍ଘ ବର୍ଷ ହେବ ମାର୍କେଟ କମ୍ପ୍ଲେକ୍ସ ଗୁଡ଼ିକ କୋଟି କୋଟି ଟଙ୍କା ଅନୁଦାନ ରେ ତିଆରି ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାବେଳେ ମୁଖ୍ୟତଃ ଖୁଣ୍ଟଲି ପାଲି ଓ ମହୁଲ ପାଲି ମାର୍କେଟ ୟାଡ୍ ରେ କମ୍ପ୍ଲେକ୍ସ ଗୁଡ଼ିକ ବିଭାଗୀୟ ଅଧିକାରୀ ମାନଙ୍କ ଦୃଷ୍ଟି ଆଢୁଆଳରେ ଅତି ନିମ୍ନ ମାନର ଠିକାଦାର ପୋଷା ନୀତି ରେ କାର୍ଯ୍ୟ ହୋଇ ଜରାଜୀର୍ଣ୍ଣ ହୋଇ ପଡ଼ି ରହିଥିଲେ ହେଁ ତାରି ଉପରେ କାହାରି ନଜର ନଥିବା ଓ ଦୀର୍ଘ ଦିନରୁ ତିଆରି ହୋଇ ଲୋକଙ୍କ କାର୍ଯ୍ୟରେ ଆସୁଥିବା ଲୋକେ କହନ୍ତି ।ସତେ ଯେମିତି ସରକାର କା ମାଲ ଦରିଆ ମେ ଡାଲ ଭଳି ପଡ଼ି ରହିଥିବା ବେଳେ ଖୋଦ୍ ଆର ଏମସି ସମ୍ପାଦକ ଶଶାଙ୍କ ସାହାଣୀ ଓ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନଥିଲେ ।ଯାହା ଆର୍ ଏମସି ଙ୍କୁ ମାନସ ସାମଲ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ପ୍ରତି ଉତ୍ତର ସ୍ୱରୂପ ଖୁଣ୍ଟଲି ପାଲି ଓ ମହୁଲ ପାଲି ଆର୍ ଏମ ସି କୁ ହ୍ୟାଣ୍ଡ ଓଭର ହୋଇ ସାରିଛି ।ସେଇଟା ଆର୍ ଏମସି କୁ ପଚାରନ୍ତୁ ବୋଲି କହିଥିଲେ ।



## କାର୍ ସହ ବାଇକ୍ ଧକ୍କା, ୪ ଆହତ

ହିଞ୍ଜିଳିକାଟୁ ୧୧/୪(ନି.ପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ କାର୍ (ଓଡି୦୨ ବିଡି ୦୦୪୦) ସହ ଏକ ମୋଟର ସାଇକେଲ (ଓଆର୦୭ ଜେଡ୍ ୬୯୩୮)ର ଧକ୍କା ଘଟିଛି। ଦୁର୍ଘଟଣାରେ ୪ ଜଣ ଆହତ ହୋଇଛନ୍ତି।? ଆହତ ମାନେ ହେଲେ କାର୍ ଚାଳକ ତଥା ହିଞ୍ଜିଳି ଥାନା ଶ୍ରଦ୍ଧାପୁର ଗ୍ରାମର ପି. ଗଣେଶ (୩୩), ବାଇକ୍ ଚାଳକ ପାଟପୁର ଥାନା କଉଡିଆ ଗ୍ରାମର ରାଜେଶ ଦଳାଇ (୨୭), ସାଥି ରୁଦ୍ର ପ୍ରଧାନ (୨୬) ଓ ଦିପକ ପରିଡା (୨୪) । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ରାଜେଶ ଓ ଦିପକଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ବ୍ରହ୍ମପୁର ଠାରୁ ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିବା ଏକ କାର୍ ସହ ବିପରୀତ ଦିଗରେ ଯାଉଥିବା ମୋଟର ସାଇକେଲ ସହ ଧକ୍କା ଘଟିଥିଲା। ଦୁର୍ଘଟଣାରେ କାର୍ ଚାଳକଙ୍କ ସମେତ ବାଇକରେ ଯାଉଥିବା ୩ ଜଣ ଆହତ ହୋଇଥିଲେ।

## ସାଂସଦ ଙ୍କ ସମୀକ୍ଷା ବୈଠକ



ନନ୍ଦାହାଣ୍ଡି ୧୧/୪(ନି.ପ୍ର): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି ! ଉକ୍ତ ବ୍ଲକ ରେ ଗୋଷ୍ଠୀଉନୟନ ଅଧିକାରୀ ସୁନୀଲ ଖରା, କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ କହଁର,ଗ୍ରାମପଞ୍ଚାୟତ ଅଧିକାରୀ ପ୍ରଶହ୍ନ ବିଷୋୟୀ,ଏବଂ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ! ବ୍ଲକର ଉନୟନ୍ନ ମୂଳକ କାର୍ଯ୍ୟ, ପାନୀୟ ଜଳ ସମସ୍ୟା, ଏବଂ ବିଭିନ୍ନ ବିଭାଗ କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବିଶେଷ କରି ପ୍ରଧାନମନ୍ତ୍ରୀ ଗୃହ ସର୍ଭେ ଓ ଅନ୍ତୋଦୟ ଗୃହ ଯୋଜନା ବିଷୟ ରେ ଶ୍ରୀ ମାଝୀ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ନନ୍ଦାହାଣ୍ଡି ଗୋଷ୍ଠି ଉନ୍ନୟନ ଅଧିକାରୀ ସୁନୀଲ ଖୁରା ବ୍ଲକ ରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କୁ ସମସ୍ୟା ଗୁଡିକ ଉପସ୍ଥାପନ କରିଥିଲେ ! ଏହି ବୈଠକ ବ୍ଲକ ର ସମସ୍ତ କର୍ମଚାରୀଓ ଅଞ୍ଚଳ ର ବୁଦ୍ଧିଜୀବୀଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମ ପାଟଣା ର ଶ୍ରୀ ସାଇ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ କୁ ସ୍ୱୀକୃତି ମିଳିଲା

ପାଟଣା ୧୧/୪(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଶ୍ରୀ ସାଇ ଇନଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ କୁ ସରକାରୀ ସ୍ୱୀକୃତି ମିଳିଛି ।ଓଡ଼ିଶା ନର୍ସେସ ଏଣ୍ଡ ମିଡ୍ୱାଇଭ୍ସ ରେଜିଷ୍ଟ୍ରେସନ କାଉନସିଲରୁ ୨୦୨୫-୨୬ ବର୍ଷରେ ଏହି ଅନୁଷ୍ଠାନ ରେ ଏ ଏନ ଏମ ପାଇଁ ୬୦ ,ଜି ଏନ ଏମ ପାଇଁ ୬୦ ଓ ବିଏସସି ନର୍ସିଂ କୋର୍ସ ରେ ୬୦ ଜଣ ଛାତ୍ରୀ ଙ୍କୁ ନାମଲେଖା ସୁଯୋଗ ମିଳିବା ନେଇ ଏନଓସି ପ୍ରଦାନ କରା ଯାଇଥିବା ଜଣାପଡ଼ିଛି ।ପାଟଣା ଭଳି ଏକ ପଛୁଆ ଆଦିବାସୀ ଅଧ୍ୟୁଷିତ ବ୍ଲକରେ ଏହି ଅନୁଷ୍ଠାନ ବେଶ ଆଦୃତ ହେବ ବୋଲି ସାଧାରଣ ରେ ମତପ୍ରକାଶ ପାଇଛି ।ଏହି ଅନୁମତି ମିଳିବା ପରେ ଅନୁଷ୍ଠାନ ର ଚେୟାରମ୍ୟାନ ପ୍ରକାଶ କୁମାର ସେଠୀ ଓ ସେକ୍ରେଟାରୀ ଅନୀଲ କୁମାର ରଣା ଖୁସି ପ୍ରକାଶ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନିର୍ମାଣ କରିବାରେ ଏହି ଅନୁଷ୍ଠାନ ଆଗକୁ ଅନେକ ସୁବିଧା ଯୋଗାଇ ଦେବ ବୋଲି ପ୍ରକାଶ କରିଛନ୍ତି।

# ମାରଦା ମନ୍ଦିର ପରିଚାଳନା ପରିଷଦର ବୈଠକ

## ( ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବିଡ଼ିଓ ଙ୍କୁ ଜଗନ୍ନାଥ ପ୍ରେମୀଙ୍କ କୃତଜ୍ଞତା )

ପୋଲସରା ୧୧/୪(ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବ୍ଲକର ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିଚାଳନା ପରିଷଦର ଏକ ବୈଠକ ଏପ୍ରିଲ ୧୦ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାଳନା ପରିଷଦର ଉପ ସଭାପତି ତଥା ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ପରିଷଦର ସମ୍ପାଦକ ତଥା ଆବାହକ ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ର ସଂଯୋଜନା କରିଥିଲେ । ମାରଦା ଜଗନ୍ନାଥ ମନ୍ଦିରର ଦୈନନ୍ଦିନ ପରିଚାଳନା ନିମନ୍ତେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଦୀର୍ଘ ଦିନ ଧରି ବନ୍ଦ ରହିଥିବା ଭୋଗନୀତିକୁ ପୁନଃ ପ୍ରଚଳନ କରିବା ନିମନ୍ତେ ୬୫୦ ଟଙ୍କାର ଏକ ଅଟକଳ ପ୍ରସ୍ତୁତ ହୋଇଥିଲା। ଏହା ସହିତ ବିଦ୍ୟୁତ ବିଲ ପୈଠ, ମନ୍ଦିର ପରିସରରେ ଥିବା ଉଦ୍ୟାନର ରକ୍ଷଣାବେକ୍ଷଣ, ମନ୍ଦିରର ସୁରକ୍ଷା ସହିତ ସ୍ଥାୟୀ କାର୍ଯ୍ୟାଳୟ, ମନ୍ଦିରରେ ପାଳନ ହେଉଥିବା ୪ଟି ଯାତନୀତି ପାଇଁ ୨୫ ହଜାର ଟଙ୍କାର ବ୍ୟୟ ଅଟକଳ, ସରକାରୀ ବସକୁ ମନ୍ଦିରର ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଚଳାଚଳ, ପ୍ରମୁଖ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା । ମନ୍ଦିରର ଆୟ ବୃଦ୍ଧି ସହ ନିଜସ୍ୱ ପରିଚାଳନା ନିମନ୍ତେ ବ୍ୟକ୍ତିଗତ ଦାନରାଶି ସଂଗ୍ରହ କରାଯିବ, ଯାହାକୁ ମାରଦା ପରିଚାଳନା ପରିଷଦର ତଦାରଖରେ ଉନ୍ନୟନ ପରିଷଦ କାର୍ଯ୍ୟକାରୀ କରିବ । ମାରଦା ମନ୍ଦିରକୁ ଗଞ୍ଜାମ ଜିଲ୍ଲାପାଳ ବ୍ୟକ୍ତିଗତ ଦୁଇ ଲକ୍ଷ ଟଙ୍କା ଦାନ ପ୍ରଦାନ ପରେ ବିଡିଓ ମଧ ବ୍ୟକ୍ତିଗତ ଭାବେ ଏକଲକ୍ଷ ଟଙ୍କା ଦାନ କରିଥିଲେ । ଏହିପରି ଅର୍ଥରାଶି ବୃଦ୍ଧି ନିମନ୍ତେ ସଂପୃକ୍ତ କମିଟି ଜନ ସଚେତନତା ସହ ଏକ ରଥ ପୋଲସରା ଅଞ୍ଚଳରେ ପରିକ୍ରମା କରାଯିବାକୁ ନିଷ୍ପତି ହୋଇଥିଲା । ଏହି ବୈଠକରେ ଆଲୋଚନା ବିଷୟବସ୍ତୁକୁ ଗଞ୍ଜାମ ଜିଲ୍ଲାପାଳ ଓ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବା ନିମନ୍ତେ ଆଲୋଚନା ହୋଇଥିଲା । ମାରଦା ଉନ୍ନୟନ ପରିଷଦର ମଥୁରା ମହନ୍ତ ସୁନ୍ଦର ରାମଦାସ ମହାରାଜ, ଉପସଭାପତି ରମେଶ ପ୍ରଧାନ, ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ଟାଟା ପାୱାର , ପୋଲସରା ଥାନାଧିକାରୀ କୌଶିକ ମାଝୀ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ପୃଷ୍ଟି, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ଜଗବନ୍ଧୁ ମହାପାତ୍ର, ପବିତ୍ର କୁମାର ନାୟକ, କାମ୍ପ ବଡେଇ, ମନୋଜ କୁମାର ଖଟୁଆ, ପ୍ରସନ୍ନ କୁମାର ଡାକୁଆ, ମଙ୍ଗୁଲୁ ସାହୁଙ୍କ ସମେତ ଜଗନ୍ନାଥ ପ୍ରେମୀ ମାନେ ଉପସ୍ଥିତ ଥିଲେ । ଦୀର୍ଘ ବ୍ୟବଧାନ ପରେ ଗଞ୍ଜାମ ଜିଲ୍ଲାପାଳ, ଛତ୍ରପୁର ଉପଜିଲ୍ଲାପାଳ ଓ ପୋଲସରା ବିଡ଼ିଓଙ୍କ ଆନ୍ତରିକ ଉଦ୍ୟମରେ ମାରଦା ମନ୍ଦିର ପରିଚାଳନା ପରିଷଦର ବୈଠକ ଅନୁଷ୍ଠିତ ହୋଇ ମନ୍ଦିରର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ ହୋଇଥିବା ଯୋଗୁଁ ଜଗନ୍ନାଥ ପ୍ରେମୀ ବୃନ୍ଦ ଆନନ୍ଦ ପ୍ରକାଶ ସହ କୃତଜ୍ଞତା ଜଣାଇଛନ୍ତି ।





## ବ୍ଲକ ସ୍ତରୀୟ ପୋଷଣ ଦିବସ କାର୍ଯ୍ୟକ୍ରମ

ନନ୍ଦାହାଣ୍ଡି ୧୧/୪(ନି.ପ୍ର): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ସ୍ତରୀୟ ପୋଷଣ ଦିବସ ପାଳନ ହୋଇଛି । ସମନ୍ୱିତ ଶିଶୁ ବିକାଶ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଉତ୍ତମ ପୋଷଣ ସୁସ୍ଥ ଜୀବନର ବାର୍ତ୍ତା ଦିଆଯାଇଛି । ରକ୍ତହୀନତା ବିଷୟରେ ସଚେତନ କରାଇବା ,ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ଖାଦ୍ୟରେ ମିଲେଟ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି । ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଗ୍ରହଣ ସହିତ ପରିଷ୍କାର ପରିଚ୍ଛନ୍ନ ରହିବା ଉପରେ ସଭାରେ ଗୁରୁତ୍ୱପୂର୍ଣ୍ଣ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଡ଼ଃ ନିବେଦିତା ଗୌଡ଼ ,ଅତିରିକ୍ତ ତହସିଲଦାର ପୁରୁଷ୍ତମ ବେନ୍ୟା,ମଙ୍ଗଳବିଭାଗ ଅଧିରକାରୀ ପ୍ରାୟଚାନ୍ଦ ମଲ୍ଲିକ ,ଅତିରିକ୍ତ ଶିକ୍ଷା ଅଧିକାରୀ ଉତ୍ତମା ହରିଜନ , ସିଡିପିଓ ସସ୍ମିତା ୍ୱାଲା ମହାନ୍ତି ସମେତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଉତ୍କଳ ସମ୍ମିଳନୀ ପାଳିତ



ଆଠମଲ୍ଲିକ ୧୧/୪(ନି.ପ୍ର): ଆଠମଲ୍ଲିକ ସ୍ଥାନୀୟ ସ୍ୱରସତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହ ରେ ଉତ୍କଳ ସମ୍ମିଳନୀ ଅନଗୁଳ ଜିଲ୍ଲା ଶାଖା ପକ୍ଷ ରୁ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଥିଲା, ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ଆଦିତ୍ୟ କୁମାର ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସାହିତ୍ୟ ସଭା ରେ ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ପ୍ରାଧ୍ୟାପକ ବିଶ୍ୱରଂଜନ ପ୍ରଧାନ ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, ସଦସ୍ୟା ଲିପିକା ମହାପାତ୍ର, ଶିକ୍ଷାବିତ ତଥା ସାହିତ୍ୟକ ଦେବରାଜ ନାୟକ, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ, ଉପ ସଭାପତି କଶ୍ୟପ କ୍ଷେତୀ, ସାମ୍ବାଦିକ ଆଶିଷ କୁମାର ସିଂ, ଉଦୀପ୍ତ ପୁରୋହିତ, ସୁବୋଧ କୁମାର ମିଶ୍ର ପ୍ରମୁଖ ସାହିତ୍ୟ ଚର୍ଚ୍ଚା ରେ ଭାଗ ନେଇଥିଲେ। ଷଢେଇକଳା ଖରସୁଁଆ ଅଞ୍ଚଳ କୁ ରାଜ୍ୟ ରେ ମିଶ୍ରଣ ପାଇଁ ପ୍ରଶାସନିକ ସ୍ତରରେ ସାମୁହିକ ଉଦ୍ୟମ ର ଆବଶ୍ୟକତା ରହିଛି ବୋଲି ମାତପ୍ରକାଶ କରିଥିଲେ। ସାହିତକ୍ୟ ଶ୍ରୀ ନାୟକ ଭାଷା ଓ ସାହିତ୍ୟ କୁ ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ୭ହଜାର ୧ଶହ ଭାଷା ମଧ ରେ ୬ଶହ ଭାଷା ରେ ସାହିତ୍ୟ ସୃଷ୍ଟି ହୋଛି।, ଯେଉଁ ଭାଷା ରେ ଲିପି ନାହଁ ସେହି ଭାଷା ରେ ସାହିତ୍ୟ ସୃଷ୍ଟି ହୋଇ ନାହଁ ବୋଲି କହିବା ସହିତ ଆଠମଲ୍ଲିକ ରାଜା କିଶୋରଚନ୍ଦ୍ର ଦେଓ ସାହିତ୍ୟ ପ୍ରତି ଲୋକଙ୍କ ରୁଚି ବଢିବା ପାଇଁ ଲେଖକ, କବି ସମ୍ମିଳନୀ ଆୟୋଜନ କରୁଥିଲେ ବୋଲି ମତ ପ୍ରକାଶ କରିଥିଲେ। ଉତ୍କଳ ସମ୍ମିଳନୀ ଜିଲ୍ଲା ସଭା ପତି ଶ୍ରୀ ପ୍ରଧାନ ଆଠମଲ୍ଲିକ ଅଞ୍ଚଳ କୁ ଟ୍ରେନଲାଇନେ ସଂଯୋଗ ଓ ମହାନଦୀ ରେ ବ୍ୟାରେଜ ନିର୍ମାଣ କରାଯାଇ ଚାଷୀ ମାନଙ୍କୁ ପାଣି ଯୋଗାଇ ଦେବାପାଇଁ ଗଣମାଧ୍ୟମ ପ୍ରତିନିଧି ଙ୍କ ଆଗରେ ଦାବି ରଖିଥିଲେ।

## ସ୍ୱାମପାଟଣାରେ ଶ୍ରୀ ସାଇ ଇନିଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସକୁ ସିକୃତି ମିଳିଲା

ପାଟଣା ୧୧/୪(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମପାଟଣା ଶ୍ରୀ ସାଇ ଇନିଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସକୁ ସରକାରୀ ସ୍ୱିକୃତି ମିଳିଛି । ଓଡିଶା ନର୍ସେସ ଏଣ୍ଡ ମିଡ୍ୱାଇଭ୍ଶ ରେଜିଷ୍ଟେସନ କାଉନସିଲ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷରେ ଏହି ଅନୁଷ୍ଠାନ ରେ ଏଏନଏମ ପାଇଁ ୬୦ ସିଟ, ଜିଏନଏମ ପାଇଁ ୬୦ ସିଟ ଓ ବିଏସସି ନରସିଂ କୋର୍ସରେ ୬୦ ସିଟ ପାଇଁ ଛାତ୍ରୀ ଙ୍କୁ ନାମଲେଖା ସୁଯୋଗ ମିଳିବା ନେଇ ଏନଓସି ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ପାଟଣା ଭଳି ଏକ ପଛୁଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ଅନୁଷ୍ଠାନ ବେଶ ଆଦୃତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଓଡ଼ିଆ ପକ୍ଷ ପାଳନ ,ଲୋକ କଳା ପାଇଁ ଦିନଟିଏ

ନନ୍ଦାହାଣ୍ଡି ୧୧/୪(ନି.ପ୍ର): ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ ଲୋକ କଳାର ଗ୍ରାମ ବି ମାଳିଗୁଡ଼ାଠାରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମାନ, ଜିଲ୍ଲା ସାଂକୃତିକ ଅଧିକାରୀ, ନନ୍ଦାହାଣ୍ଡି ବ୍ଲକ ଗୋଷ୍ଠିଉନୟ ଅଧିକାରୀ ସୁନୀଲ ଖରା, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ଲୋକ କଳାର ଉନ୍ନତି,ସ୍ଥାନିତ କଳାର ପୁନରୁଦ୍ଧାର କରି ଅବିଭକ୍ତ କୋରାପୁଟ ଜିଲ୍ଲାର କଳାକୁ ଦେଶ ବିଦେଶକୁ ନେଇ ଏକ ନୂତନ ସମ୍ଭାବନାକୁ ଉଜାଗର କରିବାକୁ ପ୍ରେରଣା ଦେଇଥିଲେ । ଦେଶିଆ ଭଗବାନ ଭତ୍ରା ସୁନ୍ଦର ଦେଶିଆ ଗୀତ ବୋଲି ମଞ୍ଚକୁ ସୁନ୍ଦର ରୂପାୟନ କରିଥିଲେ । ନାଟଗୁରୁ ସଂଘର ଉପସଭାପତି କାର୍ତିକ ଭତ୍ରା ,କି ଭଳି ଭାବରେ ଦେସିଆ ନାଟ କୁ ଉଲଗ୍ନ ନାଟରେ ପରିଣତ ନ କରି ପୌରାଣିକ ସହ ପୁରୁଣା ସାହିତ୍ୟକୁ ଉଜାଗର କରିବାକୁ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ନବରଙ୍ଗପୁର ଜିଲ୍ଲା କଳା ସଂସ୍କୃତି ଅଧିକାରୀ ଜି ରାମ ହରିଜନ , ମଞ୍ଚ ପରିଚାଳନାରେ ଶ୍ରୀ ହରିଜନ ପ୍ରକାଶ କରି କହିଥିଲେ ଯେ କଳାର ଉନ୍ନତି ବି ଦେଶ ଜାତି ଓ ମାଟି ଭିତରେ ଥିବା କଳା , ଲୁଚି ରହିଥିବା କଳାକୁ ଖୋଜି ବାହାର କରିବାକୁ ପରିପ୍ରକାଶ କରିଥିଲେ ।

## ବଦଳିଲା ସରକାର, ହେଲେ ବଦଳିଲାନି ଜୀବିକା ମିଶନ କର୍ମଚାରୀଙ୍କ ଭାଗ୍ୟ

# ପଦୋନ୍ନୋତି ବଦଳରେ ମିଳୁଛି ଛୋଟେଇ

କନ୍ଧମାଳ /ଫୁଲବାଣୀ ତା , ୧୧/୦୪ ( ଜଗନ୍ନାଥଏକ୍ସପ୍ରେସ ) ରାଜ୍ୟରେ ତତ୍କାଳୀନ ନବୀନ ପଟନାୟକ ସରକାର ସମୟରେ ନବୀନ ସରକାର ଙ୍କର ମାନସ କନ୍ୟା ସନ୍ତାନ ଭାବେ ଜନ୍ମ ନେଇଥିଲା ଜୀବିକା ମିଶନ ଶକ୍ତି ଯୋଜନା, ଏହି ଜୀବିକା ମିଶନ ଶକ୍ତି ଯୋଜନା ରେ ରାଜ୍ୟର ମହିଳା ମାନଙ୍କୁ ସୁଦୃଢ କରାଯିବା ସହିତ ସେମାନଙ୍କର ଆର୍ଥିକ ମାନଦଣ୍ଡ କୁ ମଜବୁତ କରାଯିବା ଲକ୍ଷ୍ୟ ରଖିଥିଲା ତତ୍କାଳୀନ ବିଜେଡି ସରକାର ଆଉ ୭୦ ଲକ୍ଷ୍ୟ ରୁ ଉର୍ଦ୍ଧ ମହିଳାଙ୍କୁ ଯୋଡିପାରିଥିଲା ମିଶନ ଶକ୍ତିର ବିଭିର୍ନ୍ନ ଯୋଜନାରେ, ଆଉ ଉପକୃତ ମଧ୍ୟ ହୋଉଥିଲେ ମହିଳାମାନେ ଏକଥାକୁ ରାଜ୍ୟରେ କେହି ଅସ୍ୱୀକାର କରିପାରିବେନି ମଧ୍ୟ । ସମୟର ଚକରେ ରାଜ୍ୟରେ ବହୁ ମତ ନେଇ ଆସିଲା ବିଜେପି ସରକାର, ଆଉ ସରକାର ଓ ରାଜ୍ୟ ବାସିଙ୍କର ନୂଆଁ ମୁଖିଆ ହେଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ , ଏବଂ ମହିଳା ବିଭାଗ ମିଳିଲା ଜଣେ ବରିଷ୍ଠ ଆଇନଜୀବୀ ତଥା ସୁଦକ୍ଷ ଜ୍ଞାନୀ ମାନି ଶ୍ରୀମତୀ ପ୍ରଭାତୀ ପରିଡାଙ୍କୁ ଉପ ମୁଖ୍ୟମନ୍ତ୍ରୀ ଭାବେ ମହିଳା ମାନଙ୍କ ଉର୍ନ୍ନତି କରିବା ପାଇଁ କ୍ଷମତା ଦିଆଗଲା, ସେହି ଦିନ ଓଡ଼ିଶା ଜୀବିକା ମିଶନର ସମସ୍ତ କର୍ମୀ ଓ କର୍ମଚାରୀମାନେ ଏକ ନୂଆଁ ଆଶାରେ ଖୁସି ହୋଇଥିଲେ ଯେ ସେମାନଙ୍କର ଦୀର୍ଘକାଳୀନ ଅତ୍ୟାଚାରର ଅନ୍ତହେବ ଓ ସେମାନେ ଭାରତ ସରକାରଙ୍କ DAY NRLM ର ଅଭିଭାବକ କର୍ମଚାରୀ ହୋଇଥିବାରୁ ଡବଲ ଇଂଜିନ ସରକାର ଙ୍କଠାରୁ ଅଧିକକିଛି ପାଇବା ଆଶା ସହିତ ଆଶ୍ୱସ୍ତି ପାଇଥିଲେ। OLMର ସମସ୍ତ କର୍ମୀ ସେମାନଙ୍କର ମୌଳିକ କାର୍ଯ୍ୟ ବ୍ୟତୀତ ପ୍ରଶାସନ ଦ୍ୱାରା ସାଧାରଣରୁ ଜରୁରୀକାଳୀନ ସମୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷମତାରେ ସଙ୍କଟ ପରିଚାଳକ ଭାବରେ ସରକାରୀ ପ୍ରୟାସକୁ ପରିପୂର୍ଣ କରୁଥିଲେ । OLM ବର୍ତ୍ତମାନ ବିଶେଷଜ୍ଞତାର ଏକ ବିଶାଳ ଭଣ୍ଡାର ପାଲଟିଛି ଏବଂ ସମସ୍ତ ସମ୍ପ୍ରସାରଣ ବିଭାଗ ଯେଉଁମାନେ ସଂଗମ ସ୍ରୋତରେ ଅଛନ୍ତି ସେମାନଙ୍କର ହସ୍ତକ୍ଷେପ ଚକ୍ରର ସମସ୍ତ ପର୍ଯ୍ୟାୟରେ ସେମାନଙ୍କର ସମ୍ଭାବନାକୁ ଉପଯୋଗ କରୁଛନ୍ତି । ପରସ୍ପର ସହିତ ଜଡିତ ଅନ୍ତର୍ଦାହ ସତ୍ତ୍ୱେ ସେମାନେ କେବେ ସମୟ ଡାକ ସହିତ ସାଲିସ କରିନାହାଁନ୍ତି । OLM ରେ କେବଳ ଋଣ ସଂଯୋଗିକରଣ ଦେବା ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଗୋଷ୍ଠୀ ବିନିଯୋଗ ପାଣ୍ଠି ପରିମାଣରୁ ଏକ ବିପୁଳ ପରିମାଣର କର୍ପସ୍ ଫଣ୍ଡ ସୃଷ୍ଟି କରାଯାଇଛି । କର୍ମଚାରୀମାନେ ଏଥିରେ ଏକ ଦୃଢ଼ ତଦାରଖ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରୁଛନ୍ତି ଯାହାର ଫଳସ୍ୱରୂପ ଏକ ସମାନ୍ତରାଳ ବ୍ୟାଙ୍କିଂ ପ୍ରକ୍ରିୟା ପ୍ରତିଷ୍ଠିତ ହୋଇଛି ଯାହା ଦିନକୁ ଦିନ ଏକ ଆଶ୍ଚର୍ଯ୍ୟଜନକ ସଂଖ୍ୟା ହାସଲ କରୁଛି। ଯଦି ଉକ୍ତ କର୍ମଚାରୀମାନେ ନିୟମିତ ହେବେ ତେବେ ଏହାର ସରକାରୀ ରାଜସ୍ୱ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ମଡେଲ୍ HR ନୀତି ଏବଂ ନିୟମିତକରଣ ପାଇଁ ସ୍ଥାୟୀ କମିଟି ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ କର୍ମଚାରୀମାନେ ବିଭିନ୍ନ ପଦବୀ ଏବଂ ଫୋରମକୁ ସେମାନଙ୍କର ଅନୁରୋଧ ପଠାଇଛନ୍ତି କିନ୍ତୁ ଆମର ସମସ୍ତ ଆବେଦନ ବଧିର କାନରେ ପଡ଼ିଗଲା ପରି ହୋଇଛି । କର୍ମଚାରୀମାନେ ସେମାନଙ୍କର MS ପ୍ରତିପକ୍ଷଙ୍କ ବିରୁଦ୍ଧରେ କୌଣସି ଭୟଙ୍କର ଅଭିଯାନ କରୁନାହାଁନ୍ତି ବରଂ ସେମାନେ ସାମଗ୍ରିକ ଭାବରେ ପଦୋନ୍ନତି ଏବଂ ନିୟମିତକରଣର ସେମାନଙ୍କର ଜବରଦସ୍ତ ଦାବିକୁ ତ୍ୱରାନିତ କରିଛନ୍ତି । ଏହି ସମୟରେ SRLM ର MS କର୍ମଚାରୀମାନଙ୍କ ସହିତ ଅପବିତ୍ର ସମ୍ପର୍କ ଏବଂ କାର୍ଯ୍ୟକଳାପ ଏକ ଚରମ ସୀମାରେ ପହଞ୍ଚିଛି । ଯୁକ୍ତିଯୁକ୍ତକରଣ ଆକାରରେ ପ୍ରଦାନ କରାଯାଇଥିବା ଚିଠି ପରେ ଏହା OLM ର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଆନ୍ଦୋଳନର ମୁଖ୍ୟ ଦାନା ପାଲଟିଛି । ସେମାନଙ୍କର ଦୀର୍ଘକାଳୀନ ଆଶା ନିରାଶାରେ ପରିଣତ ହୋଇଛି । କର୍ମଚାରୀମାନେ ସ୍ଥାୟୀ ଜୀବିକା ପ୍ରୋତ୍ସାହନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ପ୍ରେରକ ଭୂମିକା ଗ୍ରହଣ କରୁଛନ୍ତି କିନ୍ତୁ ସେମାନେ ଜୀବିକା ମିଶନ ରେ କାର୍ଯ୍ୟ କରି ଆଜି ସେମାନଙ୍କ ଜୀବିକା ବିପଦରେ ପଡ଼ିଛି । OLM କାର୍ଯ୍ୟଶକ୍ତିର ରଣନୀତିକ ଯୋଜନା ଏବଂ କଠିନ ପ୍ରୟାସକୁ କଳ୍ପନା କରି ଲକ୍ଷ ପତି ଦିଦି ପ୍ରୟାସ ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି କିନ୍ତୁ କର୍ମଚାରୀମାନେ ପ୍ରଶାସନର ଭୁଲ ରାୟର ଶିକାର ହୋଇଛନ୍ତି । OLM ର ଐଜ ସେଲ୍ ସମ୍ପୂର୍ଣ୍ଣ ବିପଦରେ ପଡ଼ିଛି, କେବଳ ବାର୍ଷିକ ତିନି ପ୍ରତିଶତ ବୃଦ୍ଧି ଏବଂ ପ୍ରଶାସନିକ ଦୃଷ୍ଟିରୁ ବାରମ୍ବାର ସ୍ଥାନାନ୍ତରରେ ସୀମିତ ରହିଛି। ପରିବାର ପ୍ରତି କର୍ତ୍ତବ୍ୟବୋଧ ଏକ କ୍ଷତିକାରକ ପରିଣାମ ଆଡ଼କୁ ନେଇଯାଉଛି। ପାଣ୍ଠିର ଅଭାବ ଯୋଗୁଁ ଜୀବନର ମୌଳିକ ସୁବିଧା ଏବଂ ସୁବିଧା ଯୋଗାଇବାରେ ଅସମର୍ଥ । OLM ଆରମ୍ଭ ହେବା ପରଠାରୁ କ୍ରମାଗତ ତିନୋଟି HR ମାନୁଆଲ୍ ଜାରି କରାଯାଇଛି କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆଶାନୁରୂପ ଫଳାଫଳ ମିଳିନାହିଁ । ୧୫୦ ଜଣ ପ୍ରତିନିଧି ୫ ଦିନ ମଧ୍ୟରେ ଅନୁମୋଦନ ଆଦେଶ ପ୍ରତ୍ୟାହାର କରିବା ପାଇଁ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ କିନ୍ତୁ କୌଣସି ଯୋଗାଯୋଗ ପାଇପାରିଲେ ନାହିଁ। ବର୍ତ୍ତମାନ ପଛକୁ ହଟିବା ପାଇଁ ଅନ୍ୟ କୌଣସି ବିକଳ୍ପ ନପାଇ OLM ର କର୍ମଚାରୀମାନେ ଆଇନର ଆଶ୍ରୟ ନେଇଛନ୍ତି । ଯୁକ୍ତିଯୁକ୍ତୀକରଣ ଆଦେଶକୁ ବର୍ତ୍ତମାନ ମାନ୍ୟବର ଓଡ଼ିଶା ହାଇକୋର୍ଟ ସ୍ଥଗିତ ରଖିଛନ୍ତି ଏବଂ ମାମଲାଟି ବିଚାରାଧୀନ ଅଛି । ବିଶେଷ ଘଟଣା ହେଲା ମାନ୍ୟବର ଓଡିଶା ହାଇକୋର୍ଟ ଙ୍କୁ ରହିତାଦେଶ କୁ ମଧ୍ୟ କନ୍ଧମାଳ, କଟକ, ଗଞ୍ଜାମ ନୂଆଁ ପଡା, ବଲାଙ୍ଗୀର ଭଳି କେତେକ ଜିଲ୍ଲାର ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମାନେ ଗୁରତ୍ୱ ନ ଦେବା ଏକ ଚିନ୍ତାର ବିଷୟ ହୋଇ ଠିଆ ହେଉଛି,ଓ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟର ଆଦେଶ କୁ ଭ୍ରୁକ୍ଷେପ କରୁନ ଥିବା ଜିଲ୍ଲାପାଳ ମାନେ ହୁଅନ୍ତୁ କି ଜୀବିକା ମିଶନଶକ୍ତି ଜିଲ୍ଲା ଅଧିକାରୀ ମାନେ ହୁଅନ୍ତୁ,କାହା ବଳରେ ଏତେ ବଳିୟାନ ହୋଇ ହାଇକୋର୍ଟ ର ଆଦେଶ ରହିତାଦେଶ କୁ ମଧ୍ୟ ଫାଇଲର ନାଲିଫିତା ତଳେ ଚାପି ରଖିବାକୁ ସାହସ କରୁଛନ୍ତି ?? ଯଦି ଆଗକୁ ଏଭଳି ଟ୍ରେଣ୍ଡ ଜାରି ରୁହେ ତାହେଲେ ଦେଶର ନ୍ୟାୟପାଳିକା ଉପରୁ ଜନତାଙ୍କ ଶେଷ ବିଶ୍ୱାସ ଭରସା ତୁଟି ଯିବାର ସମ୍ଭାବନା କୁ ଏଡାଇ ଦିଆ ଯାଇ ନ ପାରେ, ଏଭଳି ଅଧିକାରୀ ମାନଙ୍କ ବିରୁଦ୍ଧରେ ନ୍ୟାୟପାଳିକା ପକ୍ଷରୁ କଠୋର ଦଣ୍ଡ ବିଧାନ ଗ୍ରହଣ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେବାରେ ଲାଗିଛି ।

## ତରିକୁନ୍ଦ ଆୟୁଷମାନ ଯୋଜନା କାର୍ଯ୍ୟକ୍ରମରେ ଗୁଣ୍ଡାରାଜ୍

## ଅଧାରୁ କାର୍ଯ୍ୟକ୍ରମ ବନ୍ଦ



ଜଗତସିଂହପୁର ତା୧୧/୪(ନୀପ୍ର)ସାରାରାଜ୍ୟରେ ଆୟୁଷ୍ମାନ ଯୋଜନା ର ଶୁଭଆରମ୍ଭ କରାଯିବା ପରିପେକ୍ଷୀରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ର ତରିକୁନ୍ଦ ଓ ଜଇପୁର ଠାରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ର ବ୍ୟବସ୍ଥା କରାଯାଇଥିଲା ତରିକୁଣ୍ଡ ଠାରେ ହେଉଥିବା କାର୍ଯ୍ୟକ୍ରମ କୁ ବିଜେପିର କର୍ମୀମାନେ ବିରୋଧ କରି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ସେଠାରେ ପଡିଥିବା ଚେୟାର ଗୁଡିକୁ ଫିଙ୍ଗାଫୋପଡା କରିଥିଲେ ଏବଂ କାର୍ଯ୍ୟକ୍ରମ କୁ ବନ୍ଦକରିଥିଲେ। ଭୟରେ ଏହି ଦାୟିତ୍ୱ ରେ ଥିବା ସର୍କାରି ଅଧିକାରୀ ମାନେ ଲୁଚିପଳାଇଥିବା ଦେଖିବାକୁ ମିଳିଥିଲା। ଏପରିକି ବିଜେପି କର୍ମୀ ମାନେ କେତେକ ମହିଳା ଯନ୍ତ୍ରୀ ଓ ବିଜେଡ଼ି କୁଜି ନେତାଙ୍କୁ ଗୋଡ଼ାଇ। ଗୋଡ଼ାଇ ପିଟୁ ଥିବା ଦେଖି ବାକୁ ମିଳି ଥିଲା ! ଓବିସିର ରାଜ୍ୟକାର୍ଯ୍ୟ କାରୀଣି ସଦସ୍ୟ ଅଶୋକ କୁମାର ମହାରଣା ପୋଗ୍ରାମରେ ବିଡିଓ କୌଣସି ବିଜେପି କର୍ମୀ ଙ୍କ ସହ ଆଲୋଚନା ମଧ କରିନାହାନ୍ତି ବୋଲି କହିଥିଲେ ପୂର୍ବରୁ ହେଇଥିବା ସୁଭଦ୍ରା ଯୋଜନା ଓ ଅନ୍ତଦ୍ୱୟ ଗ ?ହଯୋଜନା କାର୍ଯ୍ୟକ୍ରମ ରେ ବ୍ଲକ ପ୍ରଶାସନ ଏହିଭଳି ଅବବ୍ୟବସ୍ଥା କୁ ନେଇ ରଘୁନାଥପୁର ବିଜେପି ରେ ଅସନ୍ତୋଷ କୁହୁଳିଥିଲା। ଆଜି ଏହାର ପ୍ରତିବାଦ କରାଗଲା। ଏଥିରେ ଜିଲ୍ଲା କୃଷକ ମୋର୍ଚ୍ଚାର ସୁକାନ୍ତ ସ୍ୱାଇଁ, ନବ ମଲ୍ଲିକ, ଅଜିତ ମହାରଣା, ସୋମ୍ୟରଂଜନ ଭୂୟାଁ, ନିହାର ରଞ୍ଜନ ଦାସ,ଜ୍ଞାନେଶ୍ୱର ଶାମଲ, ହିମାଂଶୁ ପ୍ରଧାନ, ବାପି ସିଂହ, ବିଭୁପ୍ରସାଦ ବେହେରା, ନିଶିକାନ୍ତ ଜେନାଙ୍କ ସମେତ ଶତାଧିକ ବିଜେପି କର୍ମୀମାନନେ ଉପସ୍ଥିତ ଥିଲେ।ସେହିପରି ଏହି ବ୍ଲକ ଅଧିନ ଜଇପୁରଠାରେ ବ୍ଲକପ୍ରଶାସନ ପକ୍ଷରୁ କରାଯାଇଥିବା କାର୍ଯ୍ୟକ୍ରମଟି ଶାନ୍ତି ସ ?ଙ୍ଖଳା ସହିତ ହୋଇଥିଲା ଏଥିରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଯୋଗ ଦେଇଥିବାବେଳେ।ଅନ୍ୟତମ ଅତିଥିଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ରଘୁନାଥପୁର ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଟେଣ୍ଟ ଡାକ୍ତର ସୁକାନ୍ତ ଦଳାଇ, ଜଇପୁର ମେଡିକାଲର ଡାକ୍ତର ଅସିମ ଅନୁପମ ସ୍ୱାଇଁ,ସରପଞ୍ଚ ଅମିତା ଖୁଣ୍ଟିଆ, ସମିତି ସଭ୍ୟ ରଂଜନ କୁମାର ସ୍ୱାଇଁ ଯୋଗଦେଇ ୧୦ଜଣ ହିତାଧିକାରୀ ଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟକରିଥିଲେ। ଏଥିରେ ମଞ୍ଚ ପରିଚାଳନା କରିଥିଲେ ରଘୁନାଥପୁର ମେଡିକାଲର ତପ୍ତୀମୟୀ ମହାପାତ୍ର , ସୁପରଭାଇଜର ଅଫିସର ଭାବେ ଜିପିଓ ସ୍ମାରକ ରଂଜନ ମହାନ୍ତି ଉପସ୍ଥିତଥିଲେ।

## ଓଡିଶାରେ ସିପେଟ୍‌ର ଅଧିକ କେନ୍ଦ୍ର ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ



ଭୁବନେଶ୍ୱର,୧୧/୪: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରସାୟନ ଓ ସାର ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସିପେଟ୍ ପରିଦର୍ଶନରେ ଯାଇ ଓଡ଼ିଶାରେ ଏହି ପ୍ରତିଷ୍ଠାନର ଅଧିକ କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିକଟରେ ପେଟ୍ରୋ କେମିକାଲ୍ କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାଠାରୁ ଅଧିକ ମୂଲ୍ୟର ନିବେଶ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି। ପୂର୍ବରୁ ଉତ୍କର୍ଷ ଓଡିଶାରେ ମଧ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି । ଏହାଦ୍ୱାରା ପ୍ରାୟ ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପେଟ୍ରୋ କେମିକାଲ୍ ଶିଳ୍ପ କ୍ଷେତ୍ରରେ ଓଡିଶାରେ ବ୍ୟାପକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହୋଇଛି । ଏଥିପାଇଁ ଅଧିକ ଦକ୍ଷ ୱାର୍କଫୋର୍ସର ଆବଶ୍ୟକତା ରହିଛି । ସେଥିପାଇଁ ଓଡିଶାର ବିଭିନ୍ନ ସ୍ଥାନରେ ସିପେଟ୍‌ର ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ରାଜ୍ୟର ବିଭିନ୍ନ ଶିଳ୍ପ କ୍ଲଷ୍ଟର ଯେପରିକି କେନ୍ଦୁଝର, ଝାରସୁଗୁଡା, କଳିଙ୍ଗନଗର, ଗୋପାଳପୁର, ଅନୁଗୁଳ ଏବଂ ରାୟଗଡା ପରି ସ୍ଥାନରେ ଏହାର ଟ୍ରେନିଂ ସେଣ୍ଟର ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିପେଟ୍‌ରେ ବିଭିନ୍ନ ଲାବ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ ।

## ଉଦ୍ୟୋଗଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ

ଭୁବନେଶ୍ୱର,୧୧/୪: ଭାରତ ସରକାରଙ୍କ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ(ଡିପିଆଇଆଇଟି)ର ନିୟାମକ ଅନୁପାଳନ ପୋର୍ଟାଲ (ଆରସିପି) ମଧ୍ୟରେ ନୂତନ ଭାବେ ବିକଶିତ ନିୟନ୍ତ୍ରଣ ମଡ୍ୟୁଲରେ ଥିବା ଅନୁପାଳନ ହ୍ରାସ ଏବଂ ନିୟନ୍ତ୍ରଣ ପରିଚାଳନା ( କମ୍ପ୍ଲିଆନ୍ସ ରିଡକ୍ସନ ଏବଂ ଡିରେଗୁଲେସନ) ସୂଚନା ପ୍ରଣାଳୀ (ଏମଆଇଏସ)ସଂପର୍କିତ ଏକ ପରାମର୍ଶ ଅଧିବେଶନ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଂଚଳର ମୁଖ୍ୟ ଶାସନ ସଚିବମାନଙ୍କ ସହିତ କେନ୍ଦ୍ର ସରକାରଙ୍କ ସଚିବ (ସମନ୍ୱୟ)ଶ୍ରୀମତୀ ବନ୍ଦନା ଗୁର ନାନିଙ୍କ ଅଧକ୍ଷତାରେ ବୁଧବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ବ୍ୟବସାୟ ଏବଂ ଶିଳ୍ପୋଦ୍ୟୋଗ କ୍ଷେତ୍ରରେ ମାତ୍ରାଧିକ ସରକାରୀ ନିୟନ୍ତ୍ରଣକୁ ହ୍ରାସ କରିବା, ନିୟନ୍ତ୍ରଣ, ତଦାରଖ ଏବଂ ମୂଲ୍ୟାଙ୍କନକୁ ସୁବ୍ୟବସ୍ଥିତ କରିବା, ଯାହା ଫଳରେ ଶିଳ୍ପ ଉଦ୍ୟୋଗୀ, ବ୍ୟବସାୟ ବାଣିଜ୍ୟ ଅଧିକ ସହଜ ହେବା ସହିତ ନବ ସୃଜନ ଦ୍ୱାରା ଦୃତ ଆର୍ଥିକ ବିକାଶ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଲୋକସେବା ଭବନସ୍ଥିତ ସମ୍ମିଳନୀ



କକ୍ଷରୁ ଯୋଗ ଦେଇଥିଲେ। ଶିଳ୍ପ ବିଭାଗ ଏହି ନିୟନ୍ତ୍ରଣ ପରିଚାଳନା ପାଇଁ ନୋଡାଲ ବିଭାଗ ହୋଇଥିବା ବେଳେ ଏହି ବିଭାଗ ଏବଂ ଇପିକଲର ଅଧିକାରୀମାନେ ଉନ୍ନୟନ କମିଶନରଙ୍କୁ ନିୟନ୍ତ୍ରଣ ମଡ୍ୟୁଲରେ ଥିବା ଡକେଟ(କମ୍ପ୍ୟୁଟରୀକୃତ ପରିଚାଳନା ବ୍ୟବସ୍ଥା)ରେ ରାଜ୍ୟର ଚିହ୍ନଟ ହୋଇଥିବା ୨୩ଟି ପ୍ରାଥମିକତା କ୍ଷେତ୍ର ଅନୁଯାୟୀ ବିଭାଗ ଭିତ୍ତିକ ପଦକ୍ଷେପ ସମ୍ପର୍କରେ ବ୍ୟବସ୍ଥା ଗତ ନିୟନ୍ତ୍ରଣ ଉପରେ ହୋଇଥିବା ଅଗ୍ରଗତି ବିଷୟରେ ଅବଗତ କରାଇଥିଲେ। ଅନୁଷ୍ଠିତ ବୈଠକରେ କ୍ୟାବିନେଟ୍ସ ଚିବାଳୟ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ତଥା ନ୍ୟାସନାଲଇ-ଗଭର୍ଣ୍ଣାନ୍ସ ଡିଭିଜନ(ଏନଇଜିଡି)ଦ୍ୱାରା ଡିଜାଇନ୍କ ରାଯାଇଥିବା ଏମ୍ଆଇଏସ୍-ସକ୍ଷମ ନିୟନ୍ତ୍ରଣ ପୋର୍ଟାଲର ଲାଇଭଡ୍ରେମୋ ଉପସ୍ଥାପନ କରାଯାଇଥିଲା, ଯାହା କମ୍ପ୍ଲିଆନ୍ସ ରିଡକ୍ସନ ଏବଂ ଡିରେଗୁଲେସନ ପାଇଁ ଏକ ତଦାରଖ ଏବଂ ମୂଲ୍ୟାୟନ ପ୍ଲାଟଫର୍ମ ଭାବରେ କାର୍ଯ୍ୟକରିବ ଏବଂ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ସେଲ୍ ଏବଂ ଭାରତ ସରକାରଙ୍କ କ୍ୟାବିନେଟ୍ସ ଚିବାଳୟର ଟାସ୍କଫୋର୍ସ ସଦସ୍ୟମାନଙ୍କ ମଧ୍ୟରେ ଏକ ଇଣ୍ଟରଆକ୍ଟିଭ୍ବ୍ୟବସ୍ଥା ଭାବରେ କାର୍ଯ୍ୟକରିବ। ଏଥିରେ ମୁଖ୍ୟ ଶାସନ ସଚିବ ବା ରାଜ୍ୟ ନୋଡାଲ ଅଫିସର (ଏସଏନଓ)ଙ୍କ ପାଇଁ ଡ୍ୟାସ ବୋର୍ଡ, ପ୍ରାଥମିକତା କ୍ଷେତ୍ର ଆଧାରରେ ଉପଭୋକ୍ତା ପରିଚାଳନା, ରହିଥିବା କାର୍ଯ୍ୟ ଅନୁଧ୍ୟାନ ସହ ପ୍ରାଥମିକତା କ୍ଷେତ୍ର ଭିତ୍ତିରେ କାର୍ଯ୍ୟ ଦାଖଲ, ଅପଲୋଡ୍ ଏବଂ ଅନୁମୋଦନ ବ୍ୟବସ୍ଥା, ପ୍ରତ୍ୟେକ ପ୍ରାଥମିକତା ଏବଂ ଉପ-ପ୍ରାଥମିକତା କ୍ଷେତ୍ର ପାଇଁ ସ୍ଥିତି ଟ୍ରାକିଂ, ରାଜ୍ୟ ଗୁଡିକ ଦ୍ୱାରା ସର୍ବୋତ୍ତମ ଅଭ୍ୟାସ ଅପଲୋଡ୍ ଏବଂ ବହୁ-ଉପଭୋକ୍ତା ଲଗ୍ ଇନ୍ଷ୍ଟି ଏବଂ ପରିଚାଳନା ଅନ୍ତର୍ଭୁକ୍ତ। ସମ୍ପୃକ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ବା ରାଜ୍ୟ ନୋଡାଲ ଅଫିସରମାନଙ୍କୁ ଏଥି ନିମନ୍ତେ ଦାୟିତ୍ୱ ପ୍ରଦାନ, ବିଭାଗୀୟ ଉପସ୍ଥାପନାକୁ ଅନୁମୋଦନ କରିବା ଏବଂ ଟାସ୍କଫୋର୍ସ ସଦସ୍ୟଙ୍କ ବିଚାର ପାଇଁ ପଠାଇବାର ଅଧିକାର ଦିଆଯାଇଛି।

## କୋଟିଆରେ ମଣିଷ ବଦଳରେ ମେସିନ୍ ଖୋଳୁଛି ପୋଖରୀ

କୋରାପୁଟ,୧୧/୪: କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ କୋରାପୁଟ ଜଳବିଭାଜିକା ପ୍ରକଳ୍ପର ଜଳଧାରା ଯୋଜନାରେ ପୋଖରୀ ଖୋଳିବା ଆରମ୍ଭ ହୋଇଛି। ବିବାଦୀୟ କୋଟିଆ ଗ୍ରାମପୁଞ୍ଜରେ ପୋଖରୀ ଖୋଳା ଚାଲିଛି। ତେବେ ମଣିଷ ବଦଳରେ ମେସିନ୍ ଲଗାଇ ଏହା ଖୋଳା ଯାଉଛି। ଅପରପକ୍ଷରେ କୋରାପୁଟ ଜିଲ୍ଲାର ଲୋକେ ନିଜ ଗାଁ ଓ ଅଂଚଳରେ କାମ ଧନ୍ଦା ନ ପାଇ ଆନ୍ଧ୍ର, ତେଲେଙ୍ଗାନ୍ନା, ତାମିଲନାଡ୍ଡୁ, ମହାରାଷ୍ଟ୍ର ଓଛତିଶଗଡକୁ ଦାଦନ ଖଟିବାକୁ ଯାଉଛନ୍ତି। ଅପରପକ୍ଷରେ କୋରାପୁଟ ଜିଲ୍ଲାରେ ମେସିନ୍ ବି ରହିଛି। ଏହା ବାଦେ ବି ପ୍ରଶାସନ ବାହାର ରାଜ୍ୟ ରାଜସ୍ଥାନର ଜନୈକ ବ୍ୟକ୍ତିଙ୍କ ମେସିନ ବ୍ୟବହାର କରୁଛନ୍ତି। ତୁରନ୍ତ ମେସିନକୁ ପ୍ରତ୍ୟାହାର କରି ସ୍ଥାନୀୟ ଅଂଚଳବାସୀ ତଥା ଜିଲ୍ଲାର ବିଭିନ୍ନ ଗ୍ରାମବାସୀଙ୍କୁ ଏଭଳି ପୋଖରୀ ଖୋଳା କାମରେ ନିୟୋଜିତ କରିବାକୁ ଅଂଚଳବାସୀ ଦାବି କରିଛନ୍ତି। ଯେଉଁ ଅଂଚଳରେ ଚାଷ ପାଇଁ ଜଳସେଚନ ବ୍ୟବସ୍ଥା ବହୁତ କମ୍ ରହିଥିବ ସେହି



ଅଂଚଳରେ ଏହି ପୋଖରୀ ନିର୍ମାଣ କରିବାକୁ ନିର୍ଦ୍ଦେଶ ରହିଛି। ଏହି କ୍ରମରେ ରାଜ୍ୟର କୋରାପୁଟ ଜିଲ୍ଲାରେ ୧୨୦ଟି, ମାଲକାନଗିରୀ୫୫୦, ବଲାଙ୍ଗୀର ୭୦୦, ନୂଆପଡ଼ା ୩୦୦, ବରଗଡ଼ ୫୦୦ ଓକଳାହାଣ୍ଡି ୪୮୦ଟି ଏଭଳି ୬ଟି ଜିଲ୍ଲାରେ ୨୬୫୦ଟି ୫୦କୋଟିରେ ନିର୍ମାଣ କରିବା ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପଂଚାୟତରେ ଏହି ୧୨୦ଟି ସମନ୍ୱୀତ ଯୁଗ୍ମ ପୋଖରୀ ଖୋଳିବା ଯୋଜନା ରାଜ୍ୟସରକାର ଓଜିଲ୍ଲାପ୍ରଶାସନର ରହିଛି। ତେବେ ମଣିଷ ମାନେ ଏହି ପୋଖରୀ ଖୋଳିବା ଆଦି କାମ କରିବା ବଦଳରେ ମେସିନ୍ ଲଗାଇ ଖଳା ଯାଉଛି। ତାହା ପୁଣି କୋରାପୁଟ ଜିଲ୍ଲାରେ ମେସିନ ରହିଥିବା ସତ୍ତ୍ୱେ କାହାର ସ୍ୱାର୍ଥ ପାଇଁ ଏପରି କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏ ସଂପର୍କରେ କୋରାପୁଟ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଠୀଙ୍କ ପଚାରିବାରୁ ସେ କହିଲେ ଏଯାଏଁ କୋଟିଆ ଗ୍ରାମପୁଂଜରେ ୭ଟି ଖୋଳା ଚାଲିଛି। ପୋଖରୀ ଖଳାରେ ଲୋକ ଲଗାଇ ଖୋଳି ପାରିବେ କିମ୍ବା ମେସିନ ମଧ ବ୍ୟବହାର କରି ପାରିବେ ବୋଲି କହିଛନ୍ତି। ତେବେ ଏଠାକାର ଅଂଚଳବାସୀଙ୍କୁ କାମ ଧନ୍ଦା ମିଳୁନଥିବାରୁ ସେମାନେ ଦାଦନ ଖଟିବାକୁ ଯାଉଛନ୍ତି। ଏହି ସ୍ଥିତିରେ ପ୍ରଶାସନର ବିନା ଅନୁମତିରେ ରାଜସ୍ଥାନରୁ କିଏ କିପରି ମେସିନ ଆଣି କାମ କରିବା କେତେ ଦୁର ଯୁକ୍ତି ଯୁକ୍ତ ବୋଲି ଅଂଚଳବାସୀ ପ୍ରଶ୍ନ କରିଛନ୍ତି।ଜିଲ୍ଲାପ୍ରଶାସନ ଏଦିଗରେ ଦୃଷ୍ଟି ଦେବା ସହ ଅଂଚଳବାସୀଙ୍କ ଜରିଆରେ ପୋଖରୀ ଖଳା ଯିବା ସହ ସମନ୍ୱିତ ଯୁଗ୍ମ ପ୍ରକଳ୍ପର କାମ କରାଯାଉ ବୋଲି ଦାବି ହୋଇଛି।

## ଭି:ସି ମାଧ୍ୟମରେ ହେଲା ଆୟୁଷ୍ମାନ କାର୍ଡ ର ଲୋକାର୍ପଣ ଉତ୍ସବ ପାଳନ

କେନ୍ଦ୍ରାପଡ଼ା(୧୧/୦୪)ଆଜି ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୁଷ୍ମାନ କାର୍ଡ ର ଲୋକାର୍ପଣ ଉତ୍ସବ ପାଳନ ହୋଇଯାଇଛି । ପଞ୍ଚାୟତ ର ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପ୍ରସନ୍ନଜିତ୍ ନାୟକଙ୍କ ଆୟୋଜନରେ ଏହି ସଭାରେ ହଜାରରୁ ଉର୍ଦ୍ଧ୍ୱ ଲୋକେ ଭୀଷଣ ଖରାରେ ମଧ ଘଣ୍ଟା ଘଣ୍ଟା ଧରି ଆୟୁଷ୍ମାନ କାର୍ଡ ବଣ୍ଟନ ପର୍ଯ୍ୟନ୍ତ ବସି ରହିଥିବାର ସୂଚନା ମିଳିଛି ।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡେରାବିଶ ପଞ୍ଚାୟତ ଉନ୍ନୟନ ମଣ୍ଡଳ ଅଧିକାରୀ ନମିତା ବାରିକ ଙ୍କ ସହ ପଞ୍ଚାୟତ ଉନ୍ନୟନ ମଣ୍ଡଳ ଅଧିକାରୀ ଅନିରୁଦ୍ଧ ବେହେରା,ବର୍ତ୍ତମାନର ୧୪ ନମ୍ବର୍ ଜୋନ ର ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ଅରବିନ୍ଦ ମଲ୍ଲିକ , ସରପଞ୍ଚ ମାନସୀ ତ୍ରିପାଠୀ, ନ୍ୟାୟ ସରପଞ୍ଚ ପ୍ରିୟତମା ଦାସ, ବିଜେପି ନେତ୍ରୀ ମନିଷା ପଣ୍ଡା ଏବଂ ସହଯୋଗରେ ୱାର୍ଡ଼ ସଭ୍ୟା କଲ୍ୟାଣୀ ପଣ୍ଡା,ଯଦୁମଣି ଜେନା ଙ୍କ ସହିତ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା ଏହି



କାର୍ଯ୍ୟ କ୍ରମରେ ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ । ବିଜେଡି ସରକାର ସମୟରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ର ନାମ ପରିବର୍ତ୍ତନ କରି ଆୟୁଷ୍ମାନ କାର୍ଡ କରିଥିବା ଏବେକାର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର କହିଥିବାବେଳେ , ଆୟୁଷ୍ମାନ କାର୍ଡ ରେ ପରିବାର ର ପ୍ରତି ମେମ୍ବରକୁ କାର୍ଡ ଯୋଗାଇବା ସହ ପରିବାର ର ମହିଳା ମାନଙ୍କ ପ୍ରତି ଅତିରିକ୍ତ ୫ ଲକ୍ଷ୍ୟ ଟଙ୍କାର ସାହାର୍ଯ୍ୟ ଏହି କାର୍ଡ ରେ ଯୋଗାଇ ଦିଆ ଯାଇଛି ବୋଲି ପରିଶେଷରେ ବିଭିନ୍ନ ସୂତ୍ରରୁ ଜାଣିବାକୁ ମିଳିଛି । କିଛି ଲୋକଙ୍କ କହିବା ଅନୁଯାୟୀ ଆୟୁଷ୍ମାନ କାର୍ଡ ଧାରକ ମାନେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଅନୁସାରେ ହିଁ ଚୟନ କରାଯାଇଥିବା କହୁଥିବା ବେଳେ ଆଉ କିଛି ଲୋକ ଏହା ଲୋକ ମାନକ ପାଇଁ ସରକାରଙ୍କ ଦୂର ଦୃଷ୍ଟି ସମ୍ପନ୍ନ ସ୍ୱାସ୍ଥ୍ୟ ସେବା ବୋଲି ଯୁକ୍ତି ବାଢ଼ିଛନ୍ତି । କିନ୍ତୁ ଦେଖିବାକୁ ବାକି ରହିଲା ବିଜୁ ସ୍ୱାସ୍ଥ୍ୟ କାର୍ଡ ଉପଯୋଗିରେ ରେ ପୂର୍ବରୁ ହେଉଥିବା ତ୍ରୁଟି କୁ କିପରି ଆୟୁଷ୍ମାନ କାର୍ଡ ଦ୍ୱାରା ଏଡା ଯାଇ ପାରୁଛି ତାହା ଦେଖିବାକୁ ବାକି ରହିଲା ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ଲେଖକ ସନ୍ମିଳନୀ ଅନୁଷ୍ଠିତ

ଫୁଲବାଣୀ ତା,୧୧ / ୦୪ ( ଜଗନ୍ନାଥଏକ୍ସପ୍ରେସ )କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ରେ ଆଜି ଓଡିଆ ପକ୍ଷ ୨୦୨୫ ପାଳନ ଅବସରରେ କନ୍ଧମାଳ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନରେ ଯୁବ ଲେଖକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କବିତା, ପ୍ରବନ୍ଧ ଓ ଗଳ୍ପ ଲିଖନ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ସ୍ମରଣିକା ପ୍ରଦାନ କରାଯାଇଥିବା ବେଳେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପିକା, ପଞ୍ଚାୟତ କଲେଜ, ଫିରିଙ୍ଗିଆ ଶ୍ରୀମତୀ ହରପ୍ରିୟ ମିଶ୍ର, ଅଧ୍ୟାପିକା, ପଞ୍ଚାୟତ କଲେଜ, ଫିରିଙ୍ଗିଆ ଶ୍ରୀମତୀ ପ୍ରଭାତୀ ପାତ୍ର, ଅଧ୍ୟାପକ, ଆଞ୍ଚଳିକ ମହାବିଦ୍ୟାଳୟ, ଶଙ୍କରାଖୋଲ ଶ୍ରୀ ରାମକୃଷ୍ଣ ମହାନ୍ତି, ସଂଯୋଜକ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଶ୍ରୀ ସନ୍ତୋଷ କୁମାର ପାତ୍ର, ଅଧକ୍ଷ, ପଞ୍ଚାୟତ କଲେଜ,ଫିରିଙ୍ଗିଆ ଡ଼ ଚିତ୍ତରଞ୍ଜନ ମିଶ୍ର ଓ ଅଧ୍ୟାପକ, ପଞ୍ଚାୟତ କଲେଜ,ଫିରିଙ୍ଗିଆ ଡ଼ ବିରଞ୍ଚି ନାରାୟଣ ସାହୁ ଜଜ୍ ଭାବରେ ଯୋଗଦେଇଥିବା ବେଳେ ଅଧ୍ୟାପକ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫୁଲବାଣୀ ଡ଼ ଚନ୍ଦ୍ରଶେଖର ଦାସ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ଫୁଲବାଣୀ ମଣ୍ଡଳ ସଭାପତି ଗୋଲକ ବିହାରୀ ବିଡ଼ିଓଙ୍କ ସହିତ ବିଭିର୍ଣ୍ଣ ଯୋଜନା କାର୍ଯ୍ୟକାରୀ ଉପରେ ଆଲୋଚନା





ଫୁଲବାଣୀ ତା,୧୧/୦୪ ( ଜଗନ୍ନାଥଏକ୍ସପ୍ରେସ ) କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ବ୍ଲକର ଗୋଲକ ବିହାରୀ କହଁର ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଭାବେ ନିର୍ବାଚିତ ହେଲା ପରେ ଆଜି ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ଭେଟି ଫୁଲବାଣୀ ବ୍ଲକ ଅନ୍ତର୍ଗତ ୧୧ଗୋଟି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମ ଗୁଡିକରେ ଥିବା ବିଭିନ୍ନ ସମସ୍ୟା ଗୁଡିକ କିଭଳି ତୁରନ୍ତ ସମାଧାନ ହୋଇପାରିବ ଏବଂ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଗରିବ ଲୋକଙ୍କ ନିକଟରେ ନିରପେକ୍ଷ ଭାବେ ପହଂଚିବ ସେ ନେଇ ଗୋଷ୍ଠୀ ଉନୟନ ଅଧିକାରୀ ସୋମ୍ୟ ରଞ୍ଜନ ପାତ୍ରଙ୍କ ସହ ଆଲୋଚନା କରିଥିଲେ । ବିଡ଼ିଓ ଶ୍ରୀ ପାତ୍ର ସରକାର ଙ୍କର ସମସ୍ତ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କୁ ନିକଟରେ ପହଞ୍ଚାଇବାକୁ ପ୍ରଶାସନ ସବୁବେଳେ ପ୍ରସ୍ତୁତ ହୋଇ ରହିଛି ବୋଲି ପ୍ରକାଶ କରିଥିଲେ । ମଣ୍ଡଳ ସଭାପତି ଶ୍ରୀ କହଁର ବିଡ଼ିଓ ସହିତ ଆଲୋଚନା ବେଳେ ପୂର୍ବତନ ମଣ୍ଡଳ ସଭାପତି ଆଦିତ୍ୟ କହଁର, ଜୟନ୍ତ କହଁର, ଲଳିତ ଦିଗାଲ, ଭାଗିରାମ ଦିଗାଲ, ସୁବ୍ରତ କହଁର, ରୁନା ସାହାଣୀ, ଲୋଚନ ମଲ୍ଲିକଙ୍କ ସମେତ ବହୁ ବିଜେପି କର୍ମି ଉପସ୍ଥିତ ଥିଲେ। ନବ ନିଯୁକ୍ତ ମଣ୍ଡଳ ସଭାପତି ଯଦି ପ୍ରତ୍ୟେକ କ୍ଷେତ୍ରରେ ଏଭଳି ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରିବା ସହିତ ଜିଲ୍ଲାର ବିଭିର୍ଣ୍ଣ ପଦାଧିକାରୀ ମାନଙ୍କ ସହିତ ଯୋଗ ସୂତ୍ର ରଖି କାର୍ଯ୍ୟ କରିବେ ତାହେଲେ ନିଶ୍ଚିତ ଭାବରେ ପ୍ରଶାସନ ଚଳ ଚଞ୍ଚଳ ହେବା ସହିତ ଗ୍ରାମାଞ୍ଚଳର ଉର୍ନ୍ନତି ହେବା ସହିତ ବହୁ ପରିମାଣରେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଆଲୋଚନା ହେଉଛି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ